ଶର
ଶଯ୍ୟର

କାହ୍ନୁଚରଣ

ମନ-ମନ୍ଥନ

ଗୋଭୁଃହଣ

ଫ୍ରେଣ୍ଡସ୍ ପବ୍ଲିଶର୍ସ

ମନ-ମନ୍ଥନ
ଲେଖକ :
କାହ୍ନୁ ଚରଣ
ପ୍ରକାଶକ :
ସହଦେବ ପ୍ରଧାନ
ଫ୍ରେଣ୍ଡ୍ସ ପବ୍ଲିଶର୍ସ
ବିନୋଦବିହାରୀ, କଟକ-୨
ପଞ୍ଚମ ସଂସ୍କରଣ :
୧୯୮୭
ମୁଦ୍ରଣ :
ମିନି ପ୍ରିଣ୍ଟର୍ସ
ଚାନ୍ଦନୀଚୌକ,

MANA MANTHAN
Author :
KANHUCHARAN
Publisher :
SAHADEV PRADHAN
Friend's Publishers
Binodbihari
Cuttack-753002
5th Edition :
1987
Printer :
MINI PRINTERS
Chandnichouk
Cuttack-753002
Price Rs. 8.

ସୁପ୍ରସିଦ୍ଧ ଔପନାସିକ

ଶ୍ରୀଯୁକ୍ତ **କମଳାକାନ୍ତ ଦାଶଙ୍କୁ······**

କା

ଫସ୍ତ

* ଶାନ୍ତି

ସ୍ୱପ୍ନ

ନଷ୍ଟଭି

ମାନସୀ

* ଶବସ୍ତ

* ଝଞ୍ଜା

ତଥାସ୍ତୁ

ଇତଦ୍ଧ

ଦ୍ୱା-ଅନ୍ନ

ପଳାତକ

ବାଲ୍ଲସ୍ରଜା

ପରକୀୟା

ଅନ୍ୟସ୍ତ

* ବଜ୍ରବାହୁ

ଅଭିନେତ୍ରୀ

* ମାୟାବର୍ତ୍ତ

ଭୁଲ ହୁଏନା

ବଗ ବଗୁଲି

* ସ୍ୱପ୍ନ-ନା-ସତ୍ୟ

ଅଦେଖା ହାତ

ତମସା ତୀରେ

* ମନ ମନ୍ଥନ

ମୁଁ ମନ୍ତ୍ର ଜାଣେ

ଛୁଟିଲେ ଘଟ

* ସ୍ୱେର ସୁହାଣୀ

* ତେଜ ତେଜକା

* ମମତାର ମାୟା

ଦୁନିଆର ଦାଉ

ଓଲଟ ପାଲଟ

ମିଳନର ଛନ୍ଦ

* ଅତି ଗୋପନୀୟ

ତରଙ୍ଗର ତଳେ

ଏପାଖ ସେପାଖ

* ମନ ଜାଣେ ପାପ

* ବନ ଗହନର ତଳେ

ଭଲ ପାଇବାର ଶେଷ କଥା

---

* ଚିହ୍ନିତ ପୁସ୍ତକଗୁଡ଼ିକ ଫ୍ରେଣ୍ଡସ୍ ପବ୍ଲିଶର୍ସଙ୍କ ଦ୍ୱାରା ପ୍ରକାଶିତ ।

ବନ୍ଧୁ ସତ୍ୟପ୍ରିୟ ବହୁବର୍ଷ ହେଲା ସେପୁରକୁ ଚାଲିଗଲେଣି । ଅତୀତ ଆଡ଼କୁ ମାନସଦୃଷ୍ଟି ବଢ଼ାଇଲେ ତାଙ୍କର ସ୍ୱାସ୍ଥ୍ୟ-ଭରପୂର ସବଳ ସୁନ୍ଦର ମୂର୍ତ୍ତିଟି କେବଳ ଝାପ୍‌ସା ହୋଇ ସ୍ମୃତି ଆଗକୁ ଆସେ । ଗୋଟିଏ ଢଙ୍ଗରେ ଆସେ ନାହିଁ, ବିଭିନ୍ନ ଢଙ୍ଗରେ ଆସେ, ସିନେମାର ଧଳା ପରଦା ଉପରେ ବିଭିନ୍ନ ଦୃଶ୍ୟରେ କେଉଁ ନାୟକର ଗମନାଗମନ ଓ ଅନ୍ତିମ ମିଳନ ଅବା ବିଚ୍ଛେଦ ପରି ।

ହେଉଛି, କେଉଁ ଗଳିର ଦୁଃଖରେ ବିଷାଦ ବୋଳା ମୁହଁଟି ତଳକୁ ନୁଆଁଇ ଖାଲି ପାଦରେ ରାସ୍ତାର ଗୋଟିଏ କଡ଼ରେ ସେ ଚାଲି ଯାଉଛନ୍ତି । ଦରମଇଳା ଧୋତିର କୁଉଁଚକୁ ବାମ ହାତରେ ଟେକି ଧରିଛନ୍ତି । ସେକାଳର ଅସନା କଟକର ରାସ୍ତାରେ ବଳାଗଣ୍ଡିଏ ଗଳିରର ନାଳଧୂଳି ଜମା ହୋଇଥାଏ । ସେଇ ଧୂଳିରେ ଆଣ୍ଠୁଯାଏ ପଦଯାତ୍ରୀଙ୍କର ଲୀଳ ହୁଏ ।

ସତ୍ୟପ୍ରିୟଙ୍କର ତାହାହିଁ ହୋଇଛି ।

ଦେହରେ ଦରସଫା ଧଳା କାମିଜ୍ ଲାଲ ଧଳାରେ ରଙ୍ଗିଲା ଦିଶୁଛି । ସେ ଆଗେଇ ଯାଉଛନ୍ତି, ହାତ ମୁଠାମୁଠା କରୁଛନ୍ତି । ମୁଣ୍ଡର ନାତିଦୀର୍ଘ ଘନ-କେଶ ଅପରାହ୍ଣର ମୃଦୁ ପବନରେ ଇତସ୍ତତଃ ହେଉଛି । ଅସ୍ତଗାମୀ ସୂର୍ଯ୍ୟ କଟକର କୋଠାମାଳ ଓ ଗୃହଘରର ଧାଡ଼ିର ମଥାନ ପଛରେ ଛପି ଗଲେଣି । ସନ୍ଧ୍ୟା ହେବାକୁ ବିଳମ୍ବ ଅଛି ।

ଖଣ୍ଡେ ଦୂରରୁ ରତିକାନ୍ତ ସେହି ଚଳନ୍ତ ମୌନମୂର୍ତ୍ତିକୁ ଦେଖି ତାଙ୍କରି ଆଡ଼କୁ ଆଗେଇ ଆସୁଥିଲେ, ଚିନ୍ତା କରୁଥିଲେ ସତ୍ୟପ୍ରିୟଙ୍କର ଦୁର୍ଦ୍ଦଶାର କଥା—

ତାଙ୍କର ଶେଷ ଗୃହସ୍ଥ ବ୍ୟର୍ଥ ହୋଇଛି । ବି. ଏ. ପରୀକ୍ଷାରେ ଇତିହାସରେ ପାଟଣା ବିଶ୍ୱବିଦ୍ୟାଳୟରୁ ସେ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ଡେପୋଟି ଅବା ସବ୍‌ଡେପୋଟି ହୋଇ ପାରିଲେ ନାହିଁ । ପଚିଶି ବର୍ଷ ପୂରିଯାଇଛି । ବଡ଼ ଆଶା କରି ତାଙ୍କର କିଛି ହେଲା ନାହିଁ ।

ରତିକାନ୍ତ ସାଧାରଣ ଛାତ୍ର । ବି. ଏ. ପାଶ୍ କରି ବି. ଇଡ୍. ପଢ଼ି ସେ ସ୍କୁଲ-ସବ୍-ଇନ୍‌ସପେକ୍ଟର ହୋଇ ପାରିଛନ୍ତି । ଷାଠିଏ ଟଙ୍କା ଦରମା । ଭଦ୍ରଲୋକ ପରି ଚଳି ହେଉଛି ।

ନମସ୍କାର !

ଆରେ ରତିକାନ୍ତ, ସବୁ ଖବର ଜାଣିଥିବୁ ତ ! ଇଂରେଜୀରେ ଅନର୍ସ ପାଇ ଝିସକେତନ ପରି ମେଧାବୀ ଛାତ୍ରର

ମଧ୍ୟ କିଛି ହେଲା ନାହିଁ । ତାର ବି ଶେଷ ଚାନ୍‌ସ ଗଲା । ହତଭାଗ୍ୟ ବାଇଆ ପରି ହେଉଛି । କେଡ଼େ ନିର୍ବୋଧ ସେ କହତ !

ରତିକାନ୍ତ କହିଲେ, ଏଥର ସେ ନିଶ୍ଚୟ ଡ଼େପୋଟି ହେବ ବୋଲି ପ୍ରଚାର କରିଥିଲା । ଅକୃତକାର୍ଯ୍ୟତାଠାରୁ ଲଜ୍ଜ୍ୟାରେ ସେ ଅଧିକ ଭାଙ୍ଗି ପଡ଼ିଛି । ଦେଖା ହୋଇଥିଲା । ସୁଧାନିଧି ତାକୁ ବୁଝାଉଥିଲା ଓ ପ୍ରବର୍ତ୍ତାଉ ଥିଲା ଯେ ସେ ଓକିଲାତି ପଢ଼ୁ । ବର୍ଷଟିଏ ନୋକସାନ୍ ହେଲା ତ ହେଉ, ସୁଧାନିଧି ପରି ସେ କଂଗ୍ରେସରେ ଯୋଗଦେଇ ଦେଶର କାମ କରି ପାରିବତ !

ସତ୍ୟପ୍ରିୟ କହିଲେ, ସୁଧାନିଧି ଧନୀ, ଚାଷୀ ଘରର ପୁଅ, ଚାକିରି ନ କଲେ ତାର ଚଳିଯିବ, ବେଶ୍ ଭଲରେ ଚଳିବ । ଘରୁ ଖାଇ ଘୋଡ଼ା ଆଗରେ ସେ ଡେଇଁ ପାରିବ । କିନ୍ତୁ ଝସକେତନ. ସେ ଗରିବ କ୍ଷତ୍ରିବଂଶ ଘରର ପିଲାଟିଏ । ବୁଢ଼ା ବାପ ପାଞ୍ଜି ଧରି ଦୁଃଖେ କଷ୍ଟେ ତାଙ୍କର ବଡ଼ କୁଟୁମ୍ବ ଚଳାଉଛନ୍ତି । ଟିକିଏ ସୁସ୍ଥରେ ସଂସାର ଚଳାଇବାକୁ ଝସକେତନର ରୋଜଗାରକୁ ଚାହିଁ ବସିଛନ୍ତି । ସରକାରୀ ଚାକିରି ଆଜି ସେ ପାଇବ ନାହିଁ । ବାଡ଼ି ଗୋବରେ ଗୋଟେ ତାର ଚାଷ ଜମି ନାହିଁ । ଆହା ବିଚାରା ! ମୁଁ ତାଆରି କଥା ଭାବୁଛିରେ ରତିକାନ୍ତ !

ରତିକାନ୍ତ ପଚାରିଲେ, ତୋ ନିଜକଥା !

ସତ୍ୟପ୍ରିୟ ହସି ଉଠିଲେ । କହିଲେ, ମୋର ଲଗା ନା ପଘା, ମୁଁ ଏକାକୁ ଏକା । ଆଉ ମୋର ଭାଇ ନାହିଁ କି ଭଉଣୀ ନାହିଁ । ପିଲାଦିନରୁ ବାପାଙ୍କୁ ହରେଇଥିଲି । ବିଧବା ଜନନୀ ମୋର

ବଡ଼ମାଆଙ୍କର ଦାସୀ-ବୃତ୍ତି କରି ଜୀବନ ବିତାଇଲେ । ଏବେ ବି ସେ ସେଇଆ କରୁଛନ୍ତି । ବଡ଼ ବାପାଙ୍କର ଝିଅମାନେ ବାହା ହୋଇଗଲେଣି । ପୁଅମାନେ ମୋଠାରୁ ସାନ ଯେ. ସେମାନେ ଛତର ବାଜୁଙ୍ଗା ହେଲେ । ସେମାନେ ସମସ୍ତେ ମୋତେ ଈର୍ଷା କରନ୍ତି ।

ଟିକଏ ରହି ସତ୍ୟପ୍ରିୟ ପୁଣି କହିଲେ, କିନ୍ତୁ ରତ୍ନକାନ୍ତ ରାସ୍ତା ଉପରେ ଠିଆ ହୋଇ ଏସବୁ ଗପିବା ନାହିଁ । ପୁରୁଣା ଟିଉସନଟି ଛାଡ଼ି ପାଇଛି । ଗୋଟିଏ ନୂଆ ଟିଉସନ ମୁ ଯୋଗାଡ଼ କରିବାକୁ ଯାଉଛି ।

ରତ୍ନକାନ୍ତ କହିଲେ ଯା ଭାଇ ଯା । ତୋ ବିଷୟରେ ସୁଧାନିଧି ପାଖରୁ ମୁଁ ସବୁ ଶୁଣିଛି । ତୁ ଯେପରି ଉଦ୍ୟମୀ, ସେମାନଙ୍କର ଚକ୍ରାନ୍ତ କିଛି କାମ ଦେବ ନାହିଁ ।

ସତ୍ୟପ୍ରିୟ ଉତ୍ତର ନ ଦେଇ ଆଗେଇ ଗଲେ ।

ସୁଧାନିଧିଙ୍କର ଗ୍ରାମ ସତ୍ୟପ୍ରିୟଙ୍କର ଗ୍ରାମକୁ ଲାଗିଛି । ବେଳେ ବେଳେ ସୁଧାନିଧି ତାଙ୍କର ଘରକୁ ଯାଆନ୍ତି । ସତ୍ୟପ୍ରିୟଙ୍କର ବୋଉଙ୍କୁ ସେ ମାଉସୀ ଡାକନ୍ତି । ଭକ୍ତି ଦେଖାନ୍ତି । ସ୍ନେହ ପାଆନ୍ତି । ସତ୍ୟପ୍ରିୟଙ୍କର ବଡ଼ବାପା, ବଡ଼ମା ଓ ତାଙ୍କର ପୁଅମାନେ ସୁଧାନିଧିଙ୍କର ଉପସ୍ଥିତିକୁ ସ୍ୱାଗତ କରନ୍ତି ନାହିଁ, କିନ୍ତୁ ବାରଣ କରିବେ କେଉଁ ସାହାସରେ ?

ସେହି ସୁଧାନିଧି କହିଥିଲେ—ସେମାନଙ୍କର ପୈତୃକ ସମ୍ପତ୍ତିର ଅଧେ ସତ୍ୟପ୍ରିୟଙ୍କର । ମୌରସୀ ସମ୍ପତ୍ତିରୁ ବାରମ୍ବାର ବଞ୍ଚିତ

କବି ଋଷିମାନଙ୍କର ବାହାଘର କରାଯାଇ ପାରେ, କିନ୍ତୁ ସତ୍ୟପ୍ରିୟ ପାଠପଢ଼ା ଛାଡ଼ି ପାଇଁ ସମ୍ପତ୍ତିରୁ ଜାଣିଶୁଏ ବ୍ୟସ୍ତ ହେବ ନାହିଁ ।

* * *

ହେଉଛି, ମାନସ-ଚକ୍ଷୁକୁ ଦିଶି ଯାଉଛନ୍ତି ସେମାନେ, ଯେଉଁମାନେ ଆଜ ଏ ପୃଥିବୀରେ ଆଉ ନାହାନ୍ତି—ସତ୍ୟପ୍ରିୟ, ସୁଧାନିଧି ଓ ଋଷିକେତନ ।

କାଠଯୋଡ଼ିର କ୍ଷୀଣଧାର ପାଖରେ ବାଲୁକା-ଶଯ୍ୟା ଉପରେ ବସିଛନ୍ତି ତିନୋଟି ବନ୍ଧୁ ।

ସନ୍ଧ୍ୟା ।

ବାଙ୍କୁଲି ଜହ୍ନର ଜୋଛନାରେ ଧୂସର-ବାଲିର ବିସ୍ତୃତ ଫିକାଳିଆ ଦିଶୁଛି । ଚଳନ୍ତ-ଜଳ ଚକ୍‌ଚକ୍ ହେଉଛି । ମୃଦୁ ପବନ ମନରେ ଆଣୁଛି ଉଲ୍ଲାସ ।

ସତ୍ୟପ୍ରିୟ ସ୍ୱ-ରଚିତ କବିତାଟିଏ ଉଚ୍ଚ କଣ୍ଠରେ ଆବୃତ୍ତି କରୁଛନ୍ତି । ସେ କବି ଥିଲେ । କେତେ କବିତା ତାଙ୍କର ମାସିକ ପତ୍ରିକାରେ ପ୍ରକାଶିତ ହେଲାଣି । ସେ ନାମ କମାଇଲେଣି । ସବୁ ପ୍ରେମ କବିତା ।

ସୁଧାନିଧି କରତାଳି ଦେଲେ । ଏ ମଧ୍ୟରେ ସେ ବିବାହ କରି ସାରିଲେଣି । ଓକିଲାତି ପାଠ ସେ ଅଧାରୁ ଛାଡ଼ି ଗୃହକାମରେ ମନଦେଲେ ଓ ଦେଶ-ଦଶର ସେବା କରିବାକୁ ଗ୍ରାମ ଗ୍ରାମ ବୁଲି ପ୍ରଚାର କାର୍ଯ୍ୟ ଚଳାଇଲେ । ସେ କଂଗ୍ରେସ ସଭ୍ୟ ।

ସତ୍ୟପ୍ରିୟ ପ୍ରଥମ ଶ୍ରେଣୀରେ ଓକଲତି ପାଶ କରି ସାରିଛନ୍ତି । ପ୍ରାକ୍‌ଟିସ୍ କରିବାକୁ ମନ ବଳାଇଲେଣି ।

ଝିସକେତନ ଗୁଡ଼ିଏ ଟିଉସନ ଧରି ଟଙ୍କା ଉପାର୍ଜନ କରୁଛନ୍ତି । ନିଜେ ଚଳି ଘରକୁ କିଛି କିଛି ପଠାଉଛନ୍ତି । ଅବସର ସମୟରେ ଧର୍ମଗ୍ରନ୍ଥ ପାଠ କରୁଛନ୍ତି । କହୁଥିଲେ, ସେ ଆମିଷ ଓ ପିଆଜ-ରସୁଣ ଖିଆ ଛାଡ଼ିଦେଲେଣି ।

ରତିକାନ୍ତଙ୍କର ବୈଚିତ୍ର୍ୟହୀନ ଗୃହସ୍ଥ ଜୀବନ ପୂର୍ବପରି ଚାଲିଛି । ନୂଆ କଥା ଏତିକି ଯେ ତାଙ୍କର ବାହାଘର ସ୍ଥିର ହୋଇ ସାରିଛି, କିନ୍ତୁ କେବେ ହେବ ତାର ଦିନ ବାର ଧାର୍ଯ୍ୟ ହୋଇ ନାହିଁ ।

ସତ୍ୟପ୍ରିୟଙ୍କର ସ୍ୱ-ରଚିତ ପ୍ରେମ କବିତା ବୋଲି ସରିଲା ପରେ ସୁଧାନିଧି କହିଲେ, ସତ୍ୟର ବାହାଘର ପାଇଁ ଅନେକ ସମ୍ବନ୍ଧ ଆସୁଛି ବୋଲି ମାଉସୀ କହୁଥିଲେ । ବୋହୂ ହାତର ପରଶା ଖାଇବାକୁ ସେ ବ୍ୟାକୁଳ ହୋଇ ପଡ଼ିଲେଣି । ତାର ବଡ଼ମା ବି ସେଇଆ ଚାହାଁନ୍ତି । ସତ୍ୟପ୍ରିୟର ହାତକୁ ଦି’ହାତ ହେଲା ପରେ ତାଙ୍କର ବଡ଼ପୁଅ ଗୁଣାକରଙ୍କୁ କେଉଁଠି ଛନ୍ଦି ଦେବାକୁ ଚେଷ୍ଟା କରାହେବ । ସେ କୁଆଡ଼େ ଲୁଙ୍ଗାଡ଼ାମି କଲାଣି । କାହାର ଘର ଆଗରେ ସିଟି ମାରୁଥିଲା, କେଉଁ ଅନ୍ଧାର ଘିତରେ ଉତ୍ତମ-ମଧ୍ୟମ ଖାଇ ଘରେ ଆସି ବିଛଣାରେ ଝିନିଦିନ ଶୋଇଲା ।

ସତ୍ୟପ୍ରିୟ କହିଲେ, ସେ ସବୁ କଥା ତୁ ବନ୍ଦ କର ସୁଧାକର ! ବଡ଼ବାପା ସେତିକି ଅରଜିଛନ୍ତି । ମୋଠାରୁ

ଗୁଣାକର ତିନିବର୍ଷ ଧାନ । ପାଠପଢ଼ାରେ ହେଳା କଲ । ବାପାଙ୍କ ପାଖରୁ ସବୁ ଫସାଦ ଶିଖିଲ । ଜାଣୁ, ମୁଁ ଆଜିଠି କହିଲିରୁ ଦିନେ ମତେ ସେ ବୃଦ୍ଧ-ଜାବନ୍ଧା ଥୋଇଥିଲ ? ବଡ଼ବାପା ଜାଣିଲେ, କିନ୍ତୁ କିଛି କହିଲେ ନାହିଁ । ହସିଦେ ସେ ଉଠିଲେ ।

ଝସକେତନ ଦୀର୍ଘଶ୍ୱାସ ଛାଡ଼ି କହିଲେ, ମୁଁ ଏବେ ବୁଝୁଛି, ସତ୍ୟପ୍ରିୟ ମୋଠାରୁ ଅଧିକ ଦୁଃଖୀ । ମୁଁ ତତେ ପରାମର୍ଶ ଦେଉଛି ସତ୍ୟ, ତୁ ଶୀଘ୍ର ବାହା ହୋଇପଡ଼ । ସମ୍ପତ୍ତିର ଅଭାବ ନାହିଁ । ତୋତେ ପୋଷିବାକୁ ପଡ଼ିବ ନାହିଁ । ମାଉସୀଙ୍କର ଦୁଃଖ ଯିବ । କଟକରେ ପ୍ରାକ୍ଟିସ୍ ଆରମ୍ଭ କଲେ ସ୍ତ୍ରୀ ଓ ମାଆଙ୍କୁ ପାଖକୁ ନେଇ ଆସିବୁ ।

ସତ୍ୟପ୍ରିୟ ହସିବାକୁ ଲାଗିଲେ ।

ସୁଧାନିଧି କହିଲେ, ସେଇଆ ହେବା ଉଚିତ । ତାର ବଡ଼ବାପା ବୁଢ଼ା ରାଧାଚରଣ ତିନି ହଜାର ବାଟଖର୍ଚ୍ଚ ଚାହୁଁଛନ୍ତି । ସେତକ ତାକୁ ମୁଁ ଯୋଗାଡ଼ କରିଦେବି ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛି ।

ସତ୍ୟପ୍ରିୟ କହିଲେ, ବାହା ପଛକେ ନ ହେବି, ନିଜକୁ ମୁଁ ବିକିବି ନାହିଁ ।

ରତିକାନ୍ତ କହିଲେ, ମୁଁ ତୋର ସିଦ୍ଧାନ୍ତକୁ ପସନ୍ଦ କରୁଛି । ମୋ ପରି ଦରିଦ୍ର ଘରର ପିଲା ତମେ ସବୁ ନୁହଁ, ତଥାପି ମୁଁ ସେମାନଙ୍କୁ ଜଣାଇ ଦେଇଛି ଯେ ମୋ ବାହାଘରରେ କୌଣସି

ଯୌତୁକର ପ୍ରଶ୍ନ ଉଠିବ ନାହିଁ । ବାପା ବୋଉ ତ ନାହାନ୍ତି, ମୋ ବଡ଼ଭାଇ ଅତି ଆଧୁନିକ । ତାଙ୍କ ବାହାଘରକୁ ମଧ୍ୟ ଯୌତୁକର ପ୍ରଶ୍ନ କେହି ଉଠାଇ ନ ଥିଲେ । ମୋ ଭାଉଜ ଯେ ଲକ୍ଷ୍ମୀପ୍ରତିମା—

ରତିକାନ୍ତଙ୍କର ଉତ୍ତେଜିତ ଭାବପ୍ରବଣ ଲେକଚର ଶୁଣିବାକୁ ଅନ୍ୟ ବନ୍ଧୁମାନେ ବୋଧହୁଏ ଆଗ୍ରହୀ ନ ଥିଲେ । ଝସକେତନ ସହସା ଉଠି ଅନ୍ୟମାନଙ୍କୁ କିଛି ନ କହି ପ୍ରସ୍ଥାନ କଲେ । ସତ୍ୟପ୍ରିୟ ସ୍ୱ-ରଚିତ ଆଉ ଗୋଟିଏ କବିତା ଗୁଣୁ ଗୁଣୁ ହୋଇ ଆବୃତ୍ତି କରିବାକୁ ଲାଗିଲେ । ତାଙ୍କର କବିତା ଶୁଣିବାକୁ ଉପସ୍ଥିତ ବନ୍ଧୁ ଦିହେଁ ବିତସ୍ପୃହ ହେଲେ ।

ସୁଧାନିଧି ରତିକାନ୍ତଙ୍କୁ କହିଲେ, ଲୋଭି ଫିସାଦଆ ବୁଢ଼ାଙ୍କୁ ଯୌତୁକର ମୋହ ନ ଦେଖାଇଲେ ସେ କଣ ସତ୍ୟପ୍ରିୟର ବାହାଘର କରିବାକୁ ରାଜି ହେବେ ନା ବାହାଘରର ଖର୍ଚ୍ଚ ପାଇଁ ଅଣ୍ଟାରୁ ପଇସା କାଢ଼ିବେ ? ଦେଏଣ ନେଏଣ ହେବ ହାତଗଣ୍ଠି ପଡ଼ିଲା ପରେ, ସେଥିକୁ ମୁଁ ହେବ ଜାମିନ୍ । ଥରେ ହାତଗଣ୍ଠି ପଡ଼ିସାରିଲେ ବୁଢ଼ାଙ୍କ ସଙ୍ଗେ ମୋର ବୁଝାମଣା ହେବ ।

ରତିକାନ୍ତ ପଚାରିଲେ, ଠକିବୁ ?

ସୁଧାନିଧି କହିଲେ, ମୋଟେ ଠକିବ ନାହିଁ । ଦୁଇଦିନ ପାଇଁ ଟଙ୍କା ଧାର ଆଣିବ । ବାହାଘର ପରେ ବୁଢ଼ାଙ୍କ ଆଗରେ ଗୁପ୍ତରେ ଗଣିବ, ଆଉ ପରେ ଦେବାକୁ ପାଖରେ ରଖିବ ।

ଦେବୁ ନାହିଁ ?

ତାଙ୍କୁ କାହିଁକି ଦେବ ? ତାଙ୍କୁ ଦେଖାଇ ତାଙ୍କ ଆଗରେ ମାଉସୀଙ୍କୁ ଦେବ । କହିବ, ଯେ ପୁଅ ଜନ୍ମ କରିଛନ୍ତି, ସବୁ ଗହଣାଗାଣ୍ଠି ବନ୍ଧକ କରି ପୁଅକୁ ପାଠ ପଢ଼ାଇ ମଣିଷ କରିଛନ୍ତି ଏ ଧନ ସେ ନେବେ ।

ତୁ ଆସିଲା ପରେ ସେ ସୁଧାନିଧି, ବୁଢ଼ା ଓ ତାଙ୍କର ପୁଅମାନେ ଯଦି ମାଉସୀଙ୍କଠାରୁ ସେ ଧନ ଛଡ଼ାଇ ନିଅନ୍ତି, ତୁ କିଣ କରିବୁ ?

ସେ ବିଷୟ ମୁଁ ଚିନ୍ତା କରିଛି । ମାଉସୀ ସେ ଟଙ୍କା ଗଣି ନେବେ, ସତ୍ୟପ୍ରିୟକୁ ଦେବେ, ଆଉ ସାଙ୍ଗେ ସାଙ୍ଗେ ସତ୍ୟପ୍ରିୟ ସେତକ ମୋ ହାତକୁ ବଢ଼ାଇ ଦେବ ଓ କହିବ ଯେ ତାର ପାଠପଢ଼ା ଖର୍ଚ୍ଚ ପାଇଁ ଟଙ୍କା ଯେତେ ମୋଠାରୁ ସେ କରଜ କରିଥିଲା ମୁଁ ସେହି ବାବଦକୁ ସେତକ ସୁଝି ପାଇବ ଓ ବାକି ଯାହା ରହିଲା—

ରତିକାନ୍ତ କହିଲେ, ରହ ରହ ସୁଧାନିଧି ! ଆଉ କିଛୁ କହନା ! ଏପରି ଚକ୍ରାନ୍ତରେ ମୋ ପରିଭା ସରଳ, ତୁ ନିର୍ବୋଧ ବି କହିପାରୁ, ମୋ ପରିକା ନିର୍ବୋଧର ମୁଣ୍ଡ ଗଳିବ ନାହିଁ । ସତ୍ୟପ୍ରିୟ ଘରେ ଓକିଲ ଓ ତୋ ପରି ରାଜମାନଙ୍କ ଏ ସବୁ କାରବାର ନେଇଆଣି ଥୋଇ ପାରିବ । ମନୋମତ ପାର୍ଟିଟିଏ—

ଯୋଗାଡ଼ ହେବ । ନିଶ୍ଚୟ ଯୋଗାଡ଼ ହେବ ଆମେ ସମସ୍ତେ ବରଯାତ୍ରୀ ହୋଇ ଯିବା । ମୁଁ ଭାବୁଛି, ଯଥା ଶୀଘ୍ର ସତ୍ୟପ୍ରିୟ ବାହାଘର ହେବା ଉଚିତ । କାରଣ ଏ ତ କଟକ

ସହର, ମନ ବିଚଳିତ କରିବାକୁ ଅନେକ ଉପାଦାନ ଏଠାରେ ଅଛି । କିନ୍ତୁ ସତ୍ୟପ୍ରିୟର ମନ୍ତ୍ରର ଗତି ଯଦି ଅନ୍ୟବାଟ ଧରେ ବିଚରା ମାଉସୀଟି ମୋର ବଞ୍ଚି ପାରିବ ନାହିଁ ।

ସତ୍ୟପ୍ରିୟ କହିଲେ, କଅଣ ଗୁଡ଼ାଏ ଏଣୁ ତେଣୁ ଗପୁଛୁ କହିଲୁ ? ନିଜେ ମୁଁ ମୋ ଗୋଡ଼ରେ ଠିଆ ନ ହେବା ଯାଏ ବାହାଘର କଥା ମନକୁ ନେବି ନାହିଁ । ସେଥିପାଇଁ ପାଞ୍ଚବର୍ଷ ଲାଗିପାରେ, ଦଶବର୍ଷ ବି ଲାଗିପାରେ । ବୋଉ ତ ଘର ଦୁଃଖିନୀ ! ତାଙ୍କୁ ସୁଖୀ କରିବାକୁ ମୁଁ ମୋର ଭବିଷ୍ୟତକୁ ଜଳାଞ୍ଜଳି ଦେଇ ପାରିବ ନାହିଁ । ଝଁସକେତନ ଭଳି ଏବଯାଏ ମୁଁ ଲକ୍ଷ୍ୟ-ହରା ହୋଇ ନାହିଁ ।

* * *

ରତିକାନ୍ତ ସତ୍ୟପ୍ରିୟଙ୍କର ମନ୍ତବ୍ୟର ମର୍ମ ବୁଝିବାକୁ ଅକ୍ଷମ ହେଲେ । ଝଁସକେତନଙ୍କ ସମ୍ବନ୍ଧରେ ସେ ବେଶୀ ଖବର ରଖିପାରି ନ ଥିଲେ । ସେ କେବଳ ଏତିକେ ଜାଣିଥିଲେ ଯେ ମେଧାବୀ ଝଁସକେତନଙ୍କର ଆଶାର ସୌଧ ଟଳି ପଡ଼ିଲା ପରେ ସେ କପର ଉଦାସିଆ ହୋଇ ପଡ଼ିଛନ୍ତି । ଗୋଟିଏ ଅସ୍ୱାସ୍ଥ୍ୟକର ପରିବେଶରେ ସ୍ଲେଟ ଘୃଳଘରର ପ୍ରକୋଷ୍ଠଟିଏ ଭଡ଼ାନେଇ ସେ ରହିଛନ୍ତି । ମଝି ବାଟଘରର ଆରପାଖ କୋଠରୀରେ ଚୁଙ୍ଗ୍‌-ଲୋକଟିଏ ଥାଏ । ସେ ଲୁଆଡ଼େ ଶ୍ୱାସରୋଗୀ, କିନ୍ତୁ ସେ ପଡ଼ାର ଲୋକେ ପ୍ରଚାର କରିଛନ୍ତି ଯେ ତାକୁ ରାଜଯକ୍ଷ୍ମା ଧରିଛି ।

ସେ ଘରଭିତରୁ ପଦାକୁ ବାହାରି ଦାଣ୍ଡରେ ଖେଳନ୍ତି ସାତବର୍ଷର ଝିଅଟିଏ ଓ ତିନି ଚାରିବର୍ଷର ପୁଅଟିଏ । ସୁନ୍ଦରିଆ

ଗିଲ୍ ଧଉଛି । ସ୍ୱାସ୍ଥ୍ୟ ବି ଉତ୍ତମ, କିନ୍ତୁ ସେମାନଙ୍କର ଭେଦ କହିଦିଏ ଯେ ଅଭାବ ଓ ଅନାଟନରେ ସେମାନେ ବଢ଼ିଛନ୍ତି । ସେମାନେ ସେହି ଶ୍ୱାସରୋଗୀର ସନ୍ତାନ । ସେମାନଙ୍କର ମା ଶୁଖୁଆ ବେପାର କରି ସଂସାର ଚଳାଏ । ଘର ଭିତରକୁ ପଶିଗଲେ ଶୁଖୁଆ ଗନ୍ଧରେ ନାକ ଫାଟିଯାଏ ।

ତୁ କଥା ବଦଳାଇ ଦେଉନୁ ହଂସ ? ରତିକାନ୍ତ ଯେବେ ପଚାରୁଥିଲେ ଓ ଉତ୍ତର ଶୁଣିଥିଲେ, ଏଠାରେ ମଧ୍ୟ ଲୋକ ରହୁଛନ୍ତି ରତିକାନ୍ତ ! ଟିକିଏ ଅଭ୍ୟସ୍ତ ହୋଇଗଲେ ଏ ଗନ୍ଧ ନାକକୁ ଆଉରେଇ ଯିବ । ତୋତେ କଷ୍ଟ ହେଉଛି ନା ? ଚାଲ ରାସ୍ତା ଉପରକୁ । ଠିକ୍ ସେତିକିବେଳେ ଶୁଖୁଆ ଟୋକେଇ ମୁଣ୍ଡରେ ଧରି ଘର ଭିତରକୁ ପଶିଲେ ସ୍ତ୍ରୀ ଲୋକଟିଏ । ଶ୍ୟାମଳୀ, ସ୍ୱାସ୍ଥ୍ୟବତୀ, ନାତିଶୀର୍ଣ-ମୂର୍ତ୍ତୀ ଯୁବତୀ । ଅପରାହ୍ଣର ଖରତେଜରେ ମୁହଁ ମଉଳିଛି, କପାଳରେ ବିନ୍ଦୁ ବିନ୍ଦୁ ସ୍ୱେଦ, ସେ ସଧବା ।

ସେ କଣେଇଁ ଚାହୁଁଥିଲେ ରତିକାନ୍ତଙ୍କୁ । ରତିକାନ୍ତ ଅନୁଭବ କରିଥିଲେ ଯେ ସେଇ ଚାହାଣୀରେ ଆକର୍ଷଣୀର ମୃଦୁ ହିଲ୍ଲୋଳ ଥିଲା । ରତିକାନ୍ତ ହଂସକେତନଙ୍କୁ କିଛି ପଚାରି ନ ଥିଲେ, କାରଣ ସେ ଅନୁମାନ କରି ପାରିଥିଲେ ଯେ ସେହି ସ୍ତ୍ରୀ ଗୃହକର୍ତ୍ତ୍ରୀ ।

* * *

ସତ୍ୟପ୍ରିୟ ହଂସକେତନଙ୍କ ସମ୍ବନ୍ଧରେ ଆଉ କିଛି ପ୍ରକାଶ ନ କରି ହାତରେ ଧୀରେ ଧୀରେ ତାଳ ଦେଇ ସ୍ୱ-ରଚିତ

ଉଚ୍ଛ୍ୱସ୍ତ ଗୀତଟି ବୋଲିଲେ ଯାହାର ଆଦ୍ୟ ଧାଡ଼ିଟି ହେଉଛି—
ଯାହା ମନ ସର୍ବ୍ୱିକ ଭସେ—

ସଞ୍ଜ ହୋଇ ସାରିଥିଲା । ଆଗ ସୁଧାନିଧି ଉଠିଲେ । ସତ୍ୟପ୍ରିୟଙ୍କର ହାତଟିକୁ ଧରି ଉଠାଇ ଦେଇ କହିଲେ, ସେତିକ ଥାଉ—

* * *

ଝଂସକେତନଙ୍କର ଲକ୍ଷ୍ୟହୀନ ଜୀବନର ହତାଶିଆ କାହାଣୀ ଶୁଣିବାକୁ ରତିକାନ୍ତ କେବେ ଚେଷ୍ଟା କରି ନ ଥିଲେ । ସତ୍ୟପ୍ରିୟଙ୍କର ଭବିଷ୍ୟତର ଭାବନା ଓ ସୁଧାନିଧିଙ୍କର ରାଜନୈତିକ ଜୀବନର ଲକ୍ଷ୍ୟ କଅଣ, ଏସବୁ ବୁଝିବାକୁ ସେ କେବେ ଆଗ୍ରହୀ ହୋଇ ନ ଥିଲେ ।

ମାସକ ପରେ ନିଜ ବାହାଘରର ନିମନ୍ତ୍ରଣ ପତ୍ର ନେଇ ସେ ଆଗ ସତ୍ୟପ୍ରିୟଙ୍କ ବସାକୁ ଗଲେ । ସେ ଗୋଟିଏ ମେସ୍‌ରେ ରହୁଥିଲେ । ତାଙ୍କର ଅନ୍ୟସଙ୍ଗୀ ଦୁହେଁ କଲେକ୍‌ଟରୀ କଚେରୀର କିରାଣୀ । ସେମାନଙ୍କ ପାଖରୁ ସମ୍ବାଦ ମିଳିଲା ଯେ ସେ ତାଙ୍କର ବନ୍ଧୁଙ୍କର ସାଙ୍ଗରେ କେତେଦିନ ହେଲା ଗ୍ରାମକୁ ଯାଇଛନ୍ତି, କେବେ ଫେରିବେ କହି ନାହାନ୍ତି ।

ଝଂସକେତନ ବସାରେ ନ ଥିଲେ । ରତିକାନ୍ତ ନିମନ୍ତ୍ରଣ ପତ୍ରଟି ସାତବର୍ଷର ମେହେରା ଝାମ୍‌ ଗ୍ରମୁଣ୍ଡା ଝିଅଟିକୁ ଦେଇ ତାଙ୍କୁ ଦେବାକୁ କହି ଆସିଲେ । କେତେ କଅଣ ପଚାରିବାକୁ ମନ ହେଉଥିଲା, କିନ୍ତୁ ନିଜର ରୁଚିକୁ ସେ ସଂଯତ କରିପାରିଥିଲେ ।

ରତ୍ନକାନ୍ତଙ୍କର ବିଭାଗର ସର୍ବଶୁଭରେ ତାଙ୍କର ଗ୍ରାମରେ ସମ୍ପନ୍ନ ହେଲା । ସତ୍ୟପ୍ରିୟ, ସୁଧାନିଧି, ହଂସକେତନ, ଅବା ତାଙ୍କର ଛାତ୍ର ଜୀବନର କୌଣସି ବନ୍ଧୁ ସେହି ବିଭାଘରରେ ଯୋଗ ଦେଇ ପାରି ନ ଥିଲେ । ତାଙ୍କର ଆତ୍ମୀୟ-ସ୍ୱଜନମାନଙ୍କର ଉପସ୍ଥିତି ତାଙ୍କର ବିଭାଘର ପର୍ବକୁ ଆନନ୍ଦ-ମୁଖର କରିଥିଲା ।

ଦୂରାଗତ ବନ୍ଧୁବାନ୍ଧବ ଓ ଆତ୍ମୀୟମାନେ ବିଦାବିଦ ହୋଇଗଲେ, କିନ୍ତୁ ତାଙ୍କର ଜଣେ ଭ୍ରାତୃଜାୟା ଅଳକାଦେବୀ, ତାଙ୍କର ଜ୍ୟେଷ୍ଠ ଶ୍ରେଷ୍ଠ ପୁଅ ହିଓଟିଙ୍କୁ ଧରି ଗ୍ରାମରେ ଆଉ କେତେଦିନ ରହିଗଲେ । ରତ୍ନକାନ୍ତଙ୍କର ବଡ଼ବାପା ପୁଅ ଏକମାତ୍ର ଭାଇ ଗୋକୁଳାନନ୍ଦଙ୍କର ପତ୍ନୀ ସେ ଅଳକା ଦେବୀ । ଧନୀ ଜମିଦାର ଘରର ଝିଅ । ରୂପ, ଗୁଣ ଓ ଢଙ୍ଗର ପ୍ରଶଂସା ତାଙ୍କର ଥିଲା । ତାଙ୍କର ସ୍ନେହଶୀଳ ବ୍ୟବହାର ଓ କୋମଳ ବଚନରେ ସମସ୍ତେ କିଣି ହୋଇ ଯାଉଥିଲେ । ନବ-ବଧୂ ସୁଧାମୟୀ ତାଙ୍କୁ ଓ ତାଙ୍କର ପୁଅ ହିଓଟିଙ୍କୁ ସ୍ନେହରେ ବାନ୍ଧି ରଖିଥିଲେ ।

ଗୋକୁଳାନନ୍ଦ ଟାଟାନଗରରେ କାମ କରନ୍ତି । ବର-କନ୍ୟା ଗ୍ରାମକୁ ଫେରିବା ପରେ ମୋଟେ ଦୁଇଦିନ ଗ୍ରାମରେ ରହି ସେ ତାଙ୍କର କର୍ମକ୍ଷେତ୍ରକୁ ଏକା ଫେରିଗଲେ । ଅଳକାର ଉଦ୍ଦେଶ୍ୟ ଥିଲା ଯେ ସେ ରତ୍ନକାନ୍ତଙ୍କୁ ସଙ୍ଗରେ ଧରି ତାଙ୍କର ବାପଘର ରହିପୁରକୁ ଦୁଇ ଚାରିଦିନ ପାଇଁ ଯାଇ ଗ୍ରାମକୁ ଫେରି ଆସିବେ । ତା'ପରେ ଗୋକୁଳାନନ୍ଦଙ୍କୁ ଲେଖିଲେ ସେ ଆସି ତାଙ୍କୁ ଟାଟାନଗର ନେଇଯିବେ । ରତ୍ନକାନ୍ତ ସମ୍ମତ ହୋଇଥିଲେ ।

ସେ ଛଅ ସପ୍ତାହ ଛୁଟି ନେଇଛନ୍ତି । ଭାବିଲେ, ତାଙ୍କର ଅସୁବିଧା ହେବ ନାହିଁ ।

ରତିକାନ୍ତଙ୍କର ମନେ ଅଛି—ସାତବର୍ଷ ତଳେ ସେ ଥରେ ଅଳକାଦେବୀଙ୍କର ଗ୍ରାମ ରତ୍ନପୁରକୁ ଯାଇଥିଲେ, ଗୋକୁଳାନନ୍ଦଙ୍କ ବାହାଘରର ବରଯାତ୍ରୀ ହୋଇ । ସେତେବେଳେ ବଡ଼ବାପା ଓ ବଡ଼ମାଆ ଜୀବିତ ଥିଲେ । ଆହା, ତିନିବର୍ଷ ତଳେ ଡକାଡ଼ିକ ହୋଇ ସେମାନେ ସ୍ୱର୍ଗଗାମୀ ହୋଇଥିଲେ । ତାଙ୍କର ମରଣ ପରେ ଗୋକୁଳାନନ୍ଦ. ଅଳକା ଓ ଶ୍ରେଷ୍ଠ ପୁଅକୁ ଟାଟାନଗର ନେଇ ଯାଇଥିଲେ । ସେହିଦିନରୁ ଅଳକା ଦେବୀ ରତିକାନ୍ତଙ୍କ ଗ୍ରାମ ତଗିନକୁ ଆଉ ଫେରି ନ ଥିଲେ ।

ତଗିନକୁ ରତ୍ନପୁର ଦଶକୋଶ ହେବ । ଦୁଇଟି ନଈ ପାରି, ଶକଟ ଯାନରେ ଯିବା ଛଡ଼ା ଅନ୍ୟ ଗତି ନାହିଁ । ଶ୍ରେଷ୍ଠ ଶ୍ରେଷ୍ଠ ପିଲା ଦିଓଟିକୁ ବଳଦଗାଡ଼ିରେ ଏତେ ଦୂରକୁ ନେଇଯିବା ଉଚିତ କି ନୁହେଁ ଅଳକା ତଥାପି ବିଚାର କରୁଥିଲେ । ଆଗରୁ ପତ୍ର ଖଣ୍ଡିଏ ସେ ତାଙ୍କର ବଡ଼ଭାଇ ଚିନ୍ତାମଣିଙ୍କ ପାଖକୁ ଲେଖି ଦେଇଥିଲେ । ପିତାମାତାଙ୍କୁ ଅଳକା ଦେବୀ ପିଲାଦିନରୁ ହରାଇଥିଲେ । ସେ ପ୍ରତିପାଳିତା ହୋଇଥିଲେ ଭାଇ-ଭାଉଜଙ୍କ କୋଳରେ, ଯେଉଁମାନେ କନ୍ୟାଦାନ କରିଥିଲେ ।

ଗୋକୁଳବାବୁଙ୍କର ବାହାଘର କଥା ରତିକାନ୍ତଙ୍କର ଏବେଯାଏ ମନେଅଛି । ଆଷାଢ଼ର ଶେଷ ତିଥି । ସର୍ବ-ଶୁଭରେ ବର ଓ ବରଯାତ୍ରୀମାନେ ସନ୍ଧ୍ୟାସରିକି ରତ୍ନପୁର ଗ୍ରାମରେ ପହଞ୍ଚ

ଥିଲେ । ବେଳ ରତିରତ । ଗ୍ରାମର ବସ୍ତିଠାରୁ ପାଖାପାଖି ମାଇଲଏ ଦୂରରେ ଖଣ୍ଡ ଆମ୍ବ ତୋଟା । ସେଇଟି ହେଲା ରହଣି । କଟକରୁ କିଆଯାଇଥିବା ଫୁଲ-ଫାନସ, ଗ୍ୟାସ-ଆଲୁଅର ଝାଡ଼, ପେଟ୍ରୋମାକସ, ଡେ-ଲାଇଟି ସେହି ତୋଟାରେ ଆଗରୁ ରଖା ହୋଇଥାଏ । କେତେ ଜାତିର ବାଣ ରସକଦମ୍, ବମ୍, ହାଉଇ, ମହତାପ୍ ଇତ୍ୟାଦି ନେଇ ବାଣୁଆଁ ସେଇଠି ଯାଇ ଉପସ୍ଥିତ ହୋଇଥାଏ ।

ପ୍ରସେସନ୍ କରି ଆଲୋକମାଳାରେ ଚନ୍ଦ୍ରପୁର ଗ୍ରାମ ଆଲୋକମୟ କରି, ତୋପ ହାଉଇର ଶବ୍ଦରେ ଗ୍ରାମର ଆକାଶ ପବନ କମ୍ପାଇ ସେମାନେ କନ୍ୟାଘରକୁ ଯିବାର ଆୟୋଜନ କରୁଥାନ୍ତି । ତୋଟା ପାଖରେ ଲୋକ ଭିଡ଼ ବଢ଼ିବାକୁ ଲାଗିଲା । ସୁନ୍ଦର ଜନ୍ମଘଡିକୁ ଆକାଶର ଚଳନ୍ତ ମେଘ ରହିରହିକା ବିଦ୍ରୂପ କରୁଥିଲା ।

ସେହି ବିଦ୍ରୂପ ହଟହଟାରେ ପରିଣତ ହେଲା । ସହସା ମାଡ଼ ଆସିଲା ହିଁ-ହିଁ-ଆ ବତାସ । ବର୍ଷା ଛୁଟିଲା, ସବୁ ଆୟୋଜନ ପଣ୍ଡ ହେଲା । ଆତ୍ମରକ୍ଷା କରିବାକୁ ଉଦା ସରସର ହୋଇ ଦେଶଣାହାଣ୍ଡି ଓ ବରଯାତ୍ରୀମାନେ ଧାଇଁଲେ ଗ୍ରାମ ଭିତରକୁ । ବର ଓ ମାରକୁଣ୍ଡୀ ମଧ୍ୟ ଅନ୍ୟମାନଙ୍କ ପରି ଧାଇଁଥିଲେ । ବେଶ-ଭୂଷା, ପାଗ-ପଟୁଆର, କର୍ପୂରମାଳ—ଆହା, ସେହି ରାତିର ଦୁର୍ଦ୍ଦଶା କଥା ମନେ ପଡ଼ିଲେ ଦେହ ଏବେ-ଯାଏ ଶୀତେଇ ଉଠେ, କିନ୍ତୁ ମନ ଆମୋଦିତ ହୁଏ ।

ଏତେ ଦୁଃଖ ଓ ଗ୍ଳାନସ୍ଥାର ଫଳ ଯେ ରତିକାନ୍ତର ଏଣ୍ବ ସୁବର୍ଣ୍ଣ-ପ୍ରତିମା ଖାଉଜବୋଉ, ସମୁଦ୍ର-ମନ୍ଥନରୁ ନିର୍ଗତ ଲକ୍ଷ୍ମୀ ଅଳକା ! ଆଜିଥରେ ସେହି ରତ୍ନପୁରକୁ ଦେଖିବାକୁ ରତିକାନ୍ତଙ୍କର ଅନିଚ୍ଛା ନ ଥିଲା, ବଳଦଗାଡ଼ି ଚଢ଼ି ଅଳକାଙ୍କ ସଙ୍ଗେ ଯିବାରେ ଯେତେ କଷ୍ଟ ଓ ଅସୁବିଧା ହେଲେ ସହିଛେ ହେଉ ।

ନବ-ପରିଣୀତା ବଧୂ ସୁଧାମୟୀଙ୍କ ପାଖରୁ ଗ୍ରୀଷ୍ମ ଛୁଟି ଦିନର ବିଚ୍ଛେଦ ମନ୍ଦ ହେବ ନାହିଁ । ଭକ୍ତକବିଙ୍କର ବିଚ୍ଛେଦ-କାଳର ବର୍ଣ୍ଣନାକୁ ଦିନେ ଠିକଏ ଅଙ୍ଗେ ଲଗାଇବେ । ଦେଢ଼ମାସର ଛୁଟି ପୂରିଗଲେ ସପ୍ତାହରେ ଗୃହନନ୍ଦିନୀ ବିଚ୍ଛେଦ ତ ନିଶ୍ଚୟ ହେବ—ମଙ୍ଗଳବାରରୁ ଶୁକ୍ରବାର । ଆଗରୁ ଥରେ ଅଭ୍ୟାସ କଲେ ଭଲ । ସାଇକଲ ଯାନରେ ଶନିବାର ସଞ୍ଜରେ ଘରକୁ ଆସି, ପୁଣି ସୋମବାର ସକାଳେ କଟକ ଫେରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । କଟକରେ ଭଲ ବସାଘର ନ ନେଲେ ଘରଣୀଙ୍କୁ ସେ ପାଖକୁ ନେଇ ପାରିବେ ନାହିଁ ।

ସବୁ କଳ୍ପନା-ଜଳ୍ପନା ବ୍ୟର୍ଥ ହୋଇଗଲା । ଆଗରୁ ପତ୍ର ନ ଲେଖି ଗୋକୁଳବାବୁ ଗ୍ରାମରେ ପହଞ୍ଚିଲେ । ଦିନଟିଏ ରହି ସେ ତାଙ୍କର କୁଟୁମ୍ବ ନେଇ ଟାଟାନଗର ଫେରିଗଲେ । ଅଳକା ସେଥିରେ ଆପତ୍ତି କରି ନଥିଲେ । ରତିକାନ୍ତ ଅନୁମାନ କଲେ, ଯେପରି ଅଳକା ତାଙ୍କୁ ଆଗରୁ ପତ୍ର ଲେଖିଥିଲେ । ଯେତେ ଯତ୍ନ ନେଲେ ବି ତାଙ୍କର ପିଲା ଦିଓଟିଙ୍କର ଦେହ ଗ୍ରାମରେ ଭଲ ରହୁ ନ ଥିଲା । କିଏ ଆପତ୍ତି କରିବ ? ଯେତେବେଳେ

ବାପା ଓ ବଡ଼ବାପାଙ୍କର ବର୍ତ୍ତମାନକାଳରେ ସେମାନେ କେବେଠାରୁ ଧନେ ହୋଇ ପାରିଥିଲେ ।

* * *

ରହସ୍ୟପୂର୍ଣ୍ଣ ଅଭିଯାନର ଆଶା ବ୍ୟର୍ଥ ହୋଇ ନଥିଲା । ଠିକଏ ଉତ୍ତର ହେଉ ପଛକେ, ରଜନୀକାନ୍ତଙ୍କର ଜୀବନରେ ସେ ଦୁର୍ଯୋଗ ଘଟିଥିଲା ।

ଆହା, ଦୁର୍ଯୋଗ ନୁହେଁ ତ ଆଉ କଅଣ ହୋଇପାରେ ? ଏବେଯାଏ, ଏହି ବୁଢ଼ା ବୟସ ଯାଏ ସେହି ଗୁପ୍ତଧନ ଅଭିଯାନ ମନେ ଅଛି । ଆଖି ଆଗରେ ଉଭା କରାଉଛି ସେହି ତିନୋଟି ବନ୍ଧୁଙ୍କୁ—ସତ୍ୟପ୍ରିୟ, ସୁଧାନିଧି ଓ ଝୁପକେତନ—ଯେଉଁମାନେ କେବେଠାରୁ ଏ ସଂସାରରୁ ବିଦାୟ ହୋଇଗଲେଣି । ଆଜି ତ ଭେଟ ହେବ ନାହିଁ, ପତ୍ର ହେବ ନାହିଁ, କାହିଁକି ଏପରି ଘଟିଲା ?

ଚନ୍ଦ୍ର-ବନ୍ଦାପନାର କେଇଦିନ ପରେ ଛୁଟି ଶେଷରେ ରଜନୀକାନ୍ତ କଟକ ଫେରିଆସିଲେ । ଶୁକ୍ରବାର ସଞ୍ଜ । ବସିଥିଲେ, ଶନିବାର ଦିନ କ କ ପଦାର୍ଥ ସେ ସାଇକେଲରେ ବୋହି ଗ୍ରାମକୁ ନେବେ । ସୁଧାମୟୀଙ୍କ ପାଇଁ କ'ଣ ନେଲେ ସେ ଖୁସି ହେବେ । ସେ ଅଳପ ପାଠ ପଢ଼ିଛନ୍ତି, କିନ୍ତୁ ଚାଲିଖ ଚତୁର ପରି ଜଣା ପାଉଛନ୍ତି । ରୂପଟି ସୁନ୍ଦର, ରଙ୍ଗ ଉଣା ହେଉପଛେ । ତାଙ୍କର ଭ୍ରୂଲତା ଓ ଆଖି ଦିଓଟି ଅତି ଚମତ୍କାର । ଭଲ ସ୍ୱାସ୍ଥ୍ୟ ।

ରତ୍ନକାନ୍ତ ସୁଧାମୟୀଙ୍କ ଚିନ୍ତାରେ ବୁଡ଼ି ରହିଥିଲେ । ସତେ କି ତାଙ୍କୁ ସେ ଆଖି ଆଗରେ ଦେଖି ପାରୁଥିଲେ, ମନକୁ ମନ ସେ ହସୁଥିଲେ । ବାହାରୁ କବାଟ ଧଡ଼ ଧଡ଼ ହେଲା । ତାଙ୍କର ନାମ ଧରି ଯେଉଁ ସ୍ୱରଟି ଡାକ ଛାଡ଼ିଲା, ସେ ସ୍ୱରଟି ସତ୍ୟପ୍ରିୟଙ୍କର ।

ରତ୍ନକାନ୍ତ କବାଟ ଖୋଲିଲେ ।

ସତ୍ୟପ୍ରିୟ ଅତି ଚିନ୍ତିତ ଦେଖା ଯାଉଥିଲେ । ତାଙ୍କର ମୁହଁ ଶୁଖିଲା ଦିଶୁଥିଲା । ଆଖିରେ ବିଷାଦ । ବିଚଳିତ ଭାବ । ତଥାପି ସେ ହସିଲେ । ନିମନ୍ତ୍ରଣପତ୍ର ଖଣ୍ଡିଏ ହାତକୁ ବଢ଼ାଇ ଅଳପ ଥରିଲା ସ୍ୱରରେ କହିଲେ—ସୋମବାର ଦିନ ମୋର ବାହାଘର ।

ବାହାଘର ? ବାଃ, ଆନନ୍ଦର କଥା !

ରତ୍ନକାନ୍ତ ନିମନ୍ତ୍ରଣ ପତ୍ର ପଢ଼ିଲେ । କନ୍ୟାର ନାମ କଳିକା । ସେ ଜ୍ୟେଷ୍ଠା । ଚନ୍ଦ୍ରମଣି ବାବୁଙ୍କର କନ୍ୟା । ଗ୍ରାମର ନାମ ରତ୍ନପୁର ।

ରତ୍ନକାନ୍ତର ମୁହଁ ଉଲ୍ଲସି ଉଠିଲା । ସେ କିଛି କହିବା ଆଗରୁ ସତ୍ୟପ୍ରିୟ ମୁହଁ ଖୋଲିଲେ, ଏ ସମ୍ବନ୍ଧ ସୁଧାନିଧି ସ୍ଥିର କରିଛନ୍ତି । ସୁବିଖ୍ୟାତ କବି ଚନ୍ଦ୍ରମଣିଙ୍କର କବିତା ନିଶ୍ଚୟ ତୁ ପଢ଼ିଥିବୁ ?

ସତେ ? କବି ଚନ୍ଦ୍ରମଣି, ଯାହାଙ୍କର ମରମଥର ଜାଗୃତ-ସଙ୍ଗୀତ, ବିହ୍ୱଳିତ ହେବା ପ୍ରେମ-କବିତା ରସଗ୍ରାହୀମାନେ

ପଢ଼ି, ମୁଖସ୍ଥ କରି ଓ ବୋଲି ତନ୍ମୟ ହୁଅନ୍ତି, ଯାହାଙ୍କର ଅପାର ଲାଳିତ୍ୟ, ଭାବର ଗାମ୍ଭୀର୍ଯ୍ୟ ପାଠକକୁ ମୁଗ୍‌ଧ କରେ, ତନ୍ମୟ କରେ, କାବୁସ୍ଥ କରେ ।

ସେଡ଼ିକି କହିଥା ରତିକାନ୍ତ ! ସେହି ସ୍ୱନାମଧନ୍ୟ କବିଙ୍କର ଅଲଅଲି ଝିଅ କଳିକା । ସେ ବି କୁଆଡ଼େ କବିତା ଲେଖନ୍ତି । ବାପ ଓ ଝିଅ ଦୁହେଁ କୁଆଡ଼େ ମୋର କବିତାଗୁଡ଼ିକୁ ସ୍ନେହ କରନ୍ତି । ସୁଧାନିଧିର କଥା ମୁଁ ତତେ କହୁଛି ରତିକାନ୍ତ ! ସେମାନଙ୍କର ମତାମତ ସମ୍ବନ୍ଧରେ ମୋର ନିଜର କିଛି ଧାରଣା ନାହିଁ । ଥରେ ସୁଧାନିଧି ଚନ୍ଦ୍ରମଣିବାବୁଙ୍କୁ ଆମର ମେସ୍‌କୁ ଡାକି ଆଣିଥିଲେ । ସେ ମୋ ସାଙ୍ଗରେ ବିବିଧ ବିଷୟରେ ପ୍ରାୟ ଘଣ୍ଟାଟିଏ ଆଲୋଚନା କରିଥିଲେ ।

ତେବେ ସେ ତୋତେ ପସନ୍ଦ ଦେଖି, ତୋର ବିଦ୍ୟାବୁଦ୍ଧିର ପରିଚୟ ପାଇ ତୋତେ ପସନ୍ଦ କରିଛନ୍ତି । କଳିକାଦେବୀଙ୍କୁ ଦେଖିବାର ସୁଯୋଗ ତୁ ପାଇଛୁ କି ?

ନାହିଁ । ଆବଶ୍ୟକ ନାହିଁ । ତାଙ୍କର ଖଣ୍ଡିଏ ଫଟୋ ଯୋଗାଡ଼ କରି ସୁଧାନିଧି ମୋ ବୋଉଙ୍କୁ ଦେଇଛି । ମୁଁ ସେଥିରେ ଆଖି ପକାଇଥିଲି । ମୋ ବୋଉଙ୍କ ମନକୁ ପାଇଛି । ଅନ୍ୟମାନେ ପସନ୍ଦ କରିଛନ୍ତି । ବଡ଼ବାପାଙ୍କ ସଙ୍ଗେ ବିଚାର ହୋଇଛି । ବାହାଘର ପାଇଁ ସେ ଟଙ୍କା କାଢ଼ି ନାହାନ୍ତି । ଜମି ଦୁଇମାଣ କେଉଁଠି ବନ୍ଧାଦେଇ, ଅବା ବିକ୍ରି କରି କିଛି ଟଙ୍କା ଯୋଗାଡ଼ କରିବାକୁ ବି ସେ ଅମଙ୍ଗ ।

କାହିଁକି ?

ସେ ଭାବିଥିଲେ, ବିସ୍ତାଖରଚ ବାବଦ ଆଗତୁରା କିଛି ଟଙ୍କା ନେଇ ସେଥିରୁ ଅଧେ ବାହାଘରରେ ଖର୍ଚ୍ଚ କରିଥାଆନ୍ତେ । ବାକିତକ ନିଜେ ଆତ୍ମସାତ୍ କରିଥାଆନ୍ତେ । ମାଛ ତେଲରେ ମାଛ ଭାଜିବାର ଉପାୟ । ମୁଁ ସେଥିରେ ପ୍ରତିବାଦ କଲି । ଏଇ ହେଲା ସଂଘର୍ଷର କାରଣ ।

ତେବେ ?

ତେବେ ଆଉ କଅଣ ? ସୁଧାନିଧି ସତ୍ଯାମାନ୍ୟ ଟଙ୍କା ଯୋଗାଡ଼ କରିଛି । ଚନ୍ଦ୍ରମଣିବାବୁଙ୍କ ସଙ୍ଗେ ପରାମର୍ଶ କରି ସ୍ଥିର କରାହୋଇଛି ଯେ ବାଣ ଓ ରୋଷଣୀରେ ବୃଥାରେ ଧନ କ୍ଷୟ କରାହେବ ନାହିଁ । ଏ ସବୁ କରି ଆମର ସମାଜ ରସାତଳକୁ ଯିବାକୁ ବସିଲାଣି । କେତୋଟି ପେଟ୍ରୋମାକ୍ସ ଆଲୁଅ, ଦୁଇ ଧାଡ଼ି ଗ୍ୟାସ୍ ଝାଡ଼—

ଭଲ ହେବ, ଭାରି ଭଲ ହେବ । ସେଥିପାଇଁ ମନରେ ସାହସ ଲୋଡ଼ା, ଛାତିରେ ଦମ୍ ଥିବା ଆବଶ୍ୟକ । କନ୍ୟାପକ୍ଷର ଲୋକେ କିଛି କହିବେ ନାହିଁ, କିନ୍ତୁ ଦାଣ୍ଡର ଅସମ୍ପର୍କ୍ତ ଦେଖଣାହାରିମାନେ ଛି-ଛି କରିବେ । ମୁହଁ ଉପରେ ନିନ୍ଦା ରଟାଇ ତାଳି ମାରିବେ । ସେମାନଙ୍କର ଯାଏ ଆସେ କଅଣ ? ଖରଚ ପାଇଁ ତ ସେମାନେ ଦାୟୀ ନୁହନ୍ତିରେ ସତ୍ୟପ୍ରିୟ !

ସତ୍ୟପ୍ରିୟ ଘଟଣାର ଗୁରୁତ୍ୱ ଉପଲବ୍ଧି କଲାପରି ମୁଣ୍ଡ ହଲାଇଲେ । ତାଙ୍କର ବିଷାଦ-ମଳିନ ମୁହଁରେ ହସ ବିକଶାଇ କହିଲେ, ହୁଁ !

ରତିକାନ୍ତ ନଜର ବକ୍ତବ୍ୟ ସତ୍ୟପ୍ରିୟଙ୍କର ମନ ଘେନିଛି ବୁଦ୍ଧି, ବିବେକ ଦଣରେ ସେ ଧୁରନ୍ଧର, ଏହି ଧାରଣାରେ ଉଦ୍ଭାନ୍ତ ହୋଇ ପୁଣି କହିଲେ, ଧାଣ୍ଡର ଦେଖଣାହାରୀ ପୌଭୁଙ୍କରୁ ଭାଗ ନେବେ ନାହିଁ । ବିବାହ-ଭୋଜ ଗୃହିବେ ନାହିଁ । ନୂଆ ବୋହୂଙ୍କର ହାତ-ପରଶା ଗୃହିବେ ନାହିଁ । ସେମାନେ ଏମିତି ହୁଅନ୍ତି ଆଖିରେ ଦେଖି, କାନରେ ଶୁଣି । ଏହି ଚିନ୍ତାର ମୋ ବାହାଘର ବେଳେ ଆମ କୁଟୁମ୍ବରେ ପଡ଼ିଥିଲା । ଟଙ୍କା କାହୁଁ ପାଇବ ସେହି ଭାବନାରେ ମୋର ତାଳୁକ ଶୁଖିଲା ।

ତୁ କଅଣ କଲୁରେ ରତିକାନ୍ତ ?

ମଲ ମଲ ହୋଇ ସେମାନଙ୍କର ସିଦ୍ଧାନ୍ତ ଆଗରେ ମୁଣ୍ଡ ନୋଇଁବାକୁ ବାଧ ହେଲ । ସିଦ୍ଧାନ୍ତ ଦେବାର ସହଜ ଓ ସୁବିଧାଜନକ ଦାୟିତ୍ୱ ସେମାନଙ୍କର । ଜଭ ହଲାଇ ସେମାନେ ନିଶ୍ଚିନ୍ତ । ସେହି ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଆମର । ନ କଲେ, ବରଯାତ୍ରୀ ହୋଇ ଅପେକ୍ଷା ବରଟା ସଙ୍ଗରେ ଯିବାକୁ ସେମାନେ କୁନ୍ତ୍ କୁନ୍ତ୍ ହେବେ । କାରଣ, ଅପରିଚିତ ଦେଖଣାହାରୀଙ୍କର ଭୁଣ୍ଡର ନିନ୍ଦା ଆଗ ଶୁଣିବେ ସେହି ବରଯାତ୍ରୀ-ମାନେ । ବରର ନିନ୍ଦା ସେମାନେ କରିବେ ନାହିଁ ଯିନା, କରିବେ ଗ୍ରାମର ନିନ୍ଦା ।

ଦୀର୍ଘଶ୍ୱାସ ଗ୍ରାଡ଼ି ସତ୍ୟପ୍ରିୟ କହିଲେ, ବୁଝିଲି ।

ମୁଁ ପାଞ୍ଚଶ ଟଙ୍କାର ତଣ୍ଡରେ ପଡ଼ିଲି ରେ ଭାଇ ! ପାଗଳା-କୁକୁର ପରି ଟଙ୍କା ଧାର ପାଇଁ ଏଣେ ତେଣେ ଧାଇଁଲି । ସେମାନେ କେହି ଧରିଚ୍ଛୁଆଁ ଦେଲେ ନାହିଁ । ମୁଁ କପଟି ହରବର ହେଉଛି,

ସେହି ମଜା ଦେଖିବାକୁ ସେମାନେ ବୋଧହୁଏ ପଛରେ ତାଳି ମାରୁଥିଲେ । ବହୁ କଷ୍ଟରେ ଚଡ଼ାଦରରେ ସୁଧ ଦେବାକୁ ସମ୍ମତ ହୋଇ, ଆଗତୁରା କିଛି ସଲାମୀ ଦେଇ, ମୁଁ ଟଙ୍କା ପାଞ୍ଚଶ ସୁବାରାଓ ମହାଜନ ଓ ଜଣେ କାବୁଲିବାଲାଠାରୁ ଯୋଗାଡ଼ କରିଲି ।

ସେଇଠୁ ?

ସେତକ ବାଣ-ରୋଷଣୀରେ ଫୁର୍ କରି ଉଡ଼ିଗଲା । ଏବେ ଦେଖ ମୋର ଅବସ୍ଥା । ଦଶଟି ବର୍ଷ ପାଣି-ତୋରାଣି ପିଇ ସେ କରଜ ଟଙ୍କା ମତେ ଶୁଝିବାକୁ ପଡ଼ିବ । ତୁ ଯଦି ସେହି ଅପ୍ରିୟ ଅବସ୍ଥାକୁ ଦୂରେଇ ଦେଇ ପାରିବୁ କେଡ଼େ ଭଲ ହେବ । ଲୋକେ କଅଣ କହିବାର କହୁ ଥାଆନ୍ତୁ, ହସନ୍ତୁ ଓ ତାଳି ମାରନ୍ତୁ । ସେଥିରେ କାନ ନ ଦେଲେ ହେଲା ।

ସତ୍ୟପ୍ରିୟ ଟିକିଏ ଚିନ୍ତାକରି କହିଲେ, ପାରିବି; ନିଶ୍ଚୟ ସେହି ପୁରୁଣାକାଳିଆ କୁ-ପ୍ରଥାର ମୁଣ୍ଡରେ ମୁଁ ଚଟକ ପକାଇ ପାରିବି । ମୋ ମନରେ ସାହସ ଦେବାକୁ ନିଶ୍ଚୟ ତୁ ବରଯାତ୍ରୀ ହୋଇ ମୋ ସଙ୍ଗରେ ଯିବୁ । ସୁଧାନିଧି ତ ଥିବ, ଝିସକେତନ ଯିବ ବୋଲି କହିଛି, କିନ୍ତୁ ସେ ଯାଇ ପାରିବ କି ନାହିଁ କେଜାଣି ? ତଥାପି, ମୁଁ ତାକୁ ନିମନ୍ତ୍ରଣ କରି ଆସିଛି ?

ତା'ର କଅଣ ହୋଇଛି ?

ସବୁକଥା ତା ପାଖରୁ ଶୁଣିବାକୁ ମୋର ବେଳ ନଥିଲା, ତେବେ ତା କଥାରୁ ଏତିକି ମୁଁ ବୁଝିଲି ଯେ, ତା'ର ସାହିଲୋକେ ତାର ଚରିତ୍ର-ସ୍ୱଭାବକୁ ସନ୍ଦେହ କରି ସେ ଘରୁ ଚାଲି ଯିବାକୁ

ନିର୍ଦ୍ଦେଶ ଦେଉଛନ୍ତି । ହୁଏତ ସେ ଚାଲି ଯାଇଥାନ୍ତା, କିନ୍ତୁ ତାର ଗୃହକର୍ତ୍ରୀ କମଳା ଡାକିବକାଇଁ କହିଲି, ଯୋଗୀଋଷିଆମାନେ କେଉଁ ଉଦ୍ଦେଶ୍ୟରେ ମୋର ନିନ୍ଦା କରୁଛନ୍ତି, ତା ମତେ ଜଣା । ତମେ ଚାଲିଯିବ ତ ଯାଅ ବାବୁ ! ବିନା କାରଣରେ ମୋ ପରିକା ଦୁଃଖୀ ଦରିଦ୍ରକୁ ସେହି ଓଠରଟାମାନେ ପୁଣିଏ ପୁଣିଏ କାମୁଡ଼ିବାକୁ ଦୋଷୀରୁଣୀ ବୋଲି ପ୍ରଚାର କରିବେ, ମୋ ବେଗଣା ଗେରସ୍ତର ପ୍ରାଣ ଏକଥା ଶୁଣି ନିଶ୍ଚେ ଠକ୍ କରି ଛାଡ଼ିଯିବ ।

ଝିସକେତନ ବିଚରା ନାଗ-ଚକ୍ରାନ୍ତ । ଧରିଲା ପରି ହେଉଛି । ସେ ବଡ଼ ବିବ୍ରତ ହୋଇ ପଡ଼ିଛି ।

ମୁଁ ବିଚାରୁଛି, ତା ପକ୍ଷରେ ସେଠାକାର ଅସ୍ୱାସ୍ଥ୍ୟକର ଓ ଅପ୍ରୀତିକର ପରିସ୍ଥିତି ଭିତରୁ ଚାଲିଆସିବା ଉଚିତ ।

ମୁଁ ତାକୁ ସେହି ଉପଦେଶ ଦେଲି । ସେ ଉତ୍ତର ଦେଲା ଯେ ଅବସ୍ଥା ଯେପରି ହୋଇଛି ସେ କୁକୁରପଲଙ୍କର ଖୋକାଟରେ ଧାଇଁ ଲୋଇ ଆସିଲେ । ନିଜକୁ ଅସଚ୍ଚରିତ୍ର, ଚୋର ବୋଲି ବୃଥାରେ ପ୍ରମାଣିତ କରିବ ଓ ଆହା ବିଚରା କମଳା (ସେହି ଦୁଃଖିନୀଟିର ନାମ, ଯାହାକୁ ଝିସକେତନ ବଡ଼ ଭଉଣୀର ସମ୍ମାନ ଦିଏ) ତାର ସବୁ ତପସ୍ୟା ସତ୍ତ୍ୱେ ଦୋଷୀରୁଣୀପଣରେ କଳଙ୍କ-କାଳିମା ମୁହଁରେ ବୋଳିହେବ ।

ସତରେ ସତ୍ୟପ୍ରିୟ ! ଅତି ଜଟିଳ ପରିସ୍ଥିତି । ଝିସକେତନ ବୁଦ୍ଧିମାନ ପିଲା । ସେ ତାର ଆତ୍ମରକ୍ଷାର ସୁନ୍ଦର ଉପାୟ ବାହାର କରିବ, ସେ ତୋର ବାହାଦୂରର ବରଯାତ୍ରୀ ହେବ ।

ମୁଁ କଟକରୁ ଯିବ, କିନ୍ତୁ ତମ ଗ୍ରାମକୁ ନ ଯାଇ ସିଧାସଳଖ ସାଇକଲ ଚଢ଼ି ସୋମବାର ଦିନ ରତ୍ନପୁର ଯିବ । ବାଟ ସତର ମାଇଲ । ତୋ ବାହାଘର ସାରିଲେ ମଙ୍ଗଳବାର ଦିନ ବଡ଼ ସକାଳୁ କଟକ ଫେରିଆସିବ । ସୋମବାର ଦିନକ ଛୁଟି ନେବ ।

* * *

ଶନିବାର ରାତିରେ ରତିକାନ୍ତ ଗ୍ରାମକୁ ଯାଇ ପାରିଲେ ନାହିଁ । ସୁଧାମୟୀଙ୍କ ପାଖକୁ ରାତି ଅଧଯାଏ ବସି ଲମ୍ବା ଚିଠି ଖଣ୍ଡିଏ ଲେଖିଲେ—ବିରହ-ଯନ୍ତ୍ରଣା, ବେଦନା ସେହି ଚିଠିରେ ସେ ବର୍ଣ୍ଣନା କରିଥିଲେ । ସେ କବି ନୁହନ୍ତି କି ଲେଖକ ନୁହନ୍ତି, କିନ୍ତୁ ନବ-ବିବାହିତାର ବିରହ ତାଙ୍କୁ ଭାବପ୍ରବଣ, ବାତୁଳ କବି ଓ ଅଶ୍ଳୀଳ-ଗାଳ୍ପିକ କରିଥିଲା । ରବିବାର ଦିନ ସେହି ପତ୍ରଖଣ୍ଡିକ ଲୁଚେଇ ଲୁଚେଇ ବାରମ୍ବାର ସେ ପଢ଼ିଥିଲେ, ବିରହ-ବେଦନା ବଢ଼ାଇଥିଲେ ଓ ଉପଶମ କରିଥିଲେ । ଲଫାପା ଭିତରେ ପତ୍ରଖଣ୍ଡିକ ଭରି ଲଫାପା ବନ୍ଦ କରିଥିଲେ । ଉପରେ ଠିକଣା ବି ଲେଖିଥିଲେ, କିନ୍ତୁ ପତ୍ରଟିକୁ ପୋଷ୍ଟ କରିବାକୁ ସଙ୍କୁଚିତ ହୋଇଥିଲେ ।

ସେହି ପତ୍ରଖଣ୍ଡି ନିଜେ ସେ ବିରେଲାରେ ପରବର୍ତ୍ତୀ ଶନିବାର ରାତିରେ ସୁଧାମୟୀଙ୍କ ହାତରେ ଦେଇଥିଲେ ।

ଅଦ୍ୟ ସେହି ପତ୍ରଟି ଆଣ୍ଠୁବୁଢ଼ୀ ପାଚିଲମୁଣ୍ଡୀ ବେଦାନ୍ତୀ ସୁଧାମୟୀଙ୍କର ଗହଣା ବାକସ ଭିତରେ ଏବଯାଏ ସାଇତା ହୋଇ ରହିଛି । ସେ ଖଣ୍ଡି ଛଡ଼ାଇ ଦେବାକୁ ରତିକାନ୍ତ ପର-

ଜୀବନରେ କେତେଥର ଚେଷ୍ଟା କରିଛନ୍ତି । ସୁଧାମୟୀ ତାଙ୍କର ହାତ-ଗୋଡ଼ ଧରି ତାକୁ ବଞ୍ଚାଇ ରଖିଛନ୍ତି । ହୁଏତ କେବେ କେବେ ତାକୁ ସେ ପଢ଼ୁଥିବେ, ତାଆରି ଭିତରେ ସେ ତାଙ୍କ ନିଜର ଓ ତାଙ୍କର ସେ-କାଳର ସ୍ୱାମୀଙ୍କର ତରୁଣ-ରୂପ, ଆଗ୍ରହ, ଉତ୍ତେଜନା ଓ ମତ୍ତ କଣ୍ଠର ସନ୍ଧାନ ପାଇ ବୟସର ଉପହାରକୁ ଉପହାସ କରୁଥିବେ ।

* * *

କଅଣ ଘଟିଗଲା ସତ୍ୟପ୍ରିୟଙ୍କର ଜୀବନରେ, କିଏ ସେଥିକୁ ଦାୟୀ—ସୁଧାନିଧି, ଝଁସକେତନ, ରଞ୍ଜିକାନ୍ତ, ଅବା ସେମାନେ କେହି ଦାୟୀ ନୁହନ୍ତି, ସେମାନେ କେବଳ ପ୍ରତୀକ, ନିୟତି ତାର ପୂର୍ବ-ନିର୍ଦ୍ଧାରିତ କର୍ମ କରିଗଲା ?

ଝଁସକେତନଙ୍କର ଜୀବନରେ ଯାହା ଘଟିଗଲା ତାର କାରଣ ଅଜଣା ନ ଥିଲା, କିନ୍ତୁ ସେହି କାରଣର ଅନ୍ଧାରି-ଉହାଡ଼ରେ ଯେଉଁସବୁ ଘଟଣା ଘଟିଥିବ, ସେହିସବୁ ଘଟଣାକୁ ଯେଉଁସବୁ ଭାବନା ପରିଚାଳିତ କରିଥିବ, ଭାବନାଗୁଡ଼ିକରେ ଯେଉଁ ଭାବ-ପ୍ରବଣତା ଓ ଉତ୍ତେଜନା ଭରି ରହିଥିବ, ତାକୁ କଳନା କରିବ କିଏ ?

ଏ ସବୁତ ପର ଘଟଣା, କିନ୍ତୁ ସୋମବାରର ଘଟଣା ପଛରେ ଯେଉଁ ଅବୋଧ କାରଣ ଲୁଚି ରହିଥିଲା, ନିଜେ ସୁଧାନିଧି ବି ତାର ପତ୍ତା ପାଇ ନ ଥିଲେ ।

ସାଇକଲ ଚଢ଼ି ଝାଳନାଳ ହୋଇ ରତିକାନ୍ତ ରତ୍ନପୁର ଗାଁ ମୁଣ୍ଡରେ ପହଞ୍ଚିଲବେଳକୁ ଦିନ ଏଗାର ବାଜିଥିଲା । ଜୁନ୍ ମାସର ଶେଷ ସପ୍ତାହ । ତାରିଖଟି ଠିକ୍ ମନେ ନାହିଁ । ପ୍ରଚଣ୍ଡ ଖରା । ବାଲିଆ ରାସ୍ତା । ଲଡ଼ୁଆ ପବନ । ଏସବୁର ଆକ୍ରମଣ ରତିକାନ୍ତଙ୍କୁ କ୍ଳାନ୍ତ, ଦୁର୍ବଳ ଓ ଅବଶ କରି ପାରିଥିଲା ।

ଅଦମ୍ୟ ଉତ୍ସାହ ତାଙ୍କୁ ଠେଲି ଆଣିଥିଲା । ସତ୍ୟପ୍ରିୟଙ୍କ ଆଗରେ ସେ ପ୍ରତିଜ୍ଞା କରିଥିଲେ, ଟିକିଏ ଡେରି ହେଲେ ହେଉପଛେ, ବନ୍ଧୁଙ୍କର ବାହାଘରରେ ସେ ଯୋଗ ଦେଇ ପାରିବେ । ଭାବୁଥିଲେ ରତିକାନ୍ତ—କିବା ଚନ୍ଦ୍ରମଣିଙ୍କର କନ୍ୟା ନିଜେ ତ କିବା, ସେ ଧରିବେ କିବା ସତ୍ୟପ୍ରିୟଙ୍କର ହାତ । ଘର ଭଲ ହେବ । ବୋଧହୁଏ ବାହାଘର ସରିବଣି । ସେମାନେ ବରଯାତ୍ରୀଙ୍କର ଭୋଜନର ବ୍ୟବସ୍ଥା କରୁଥିବେ ।

ଭୋକରେ ରତିକାନ୍ତଙ୍କର ପେଟ ଗର୍ଜି ଉଠିଲା । ସେହି ପେଟକୁ ସେ ସାନ୍ତ୍ୱନା ଦେଲେ, ବଡ଼ ରାସ୍ତା ଉପରେ ବରଗଛର ଛାଇତଳେ ଠିଆ ଠିଆ ବିଶ୍ରାମ ନେଇ ରଜାଘରଖାନା ତକେ ଅପେକ୍ଷା କରିଛୁ, ଧୈର୍ଯ୍ୟଧର ରେ ଅସହାୟ ପେଟ ! କଟକର ଚୁଡ଼ା-କଦଳୀ-ଚକଟା ଗ୍ରାସକୁ ତୁ ଭସ୍ମ କରି ଦେଲୁ ନା ?

ସେହି ବରମୂଳରୁ ରତ୍ନପୁର ଗାଁର ଦଣ୍ଡା-ରାସ୍ତା ବାହାରିଛି । ଆବୁଡ଼ା-ଖାବୁଡ଼ା, ବାଲିଆ । ସାଇକେଲ ଚଳାଇ ଯିବା କଷ୍ଟ । କିଏ ଜଣେ ବାଟୋଇ କହିଗଲେ, ଆଗରେ ଯେଉଁ ଗଛ-ଗହଳ ଦିଶୁଛି, ବାଟ ଅଧମାଇଲିଏ ହୁଏ ନ ହୁଏ

ରନ୍ନପୁରର ସେହି ତ ଗ୍ରାମ ତୋଟା, ସେଠାକୁ ଗ୍ରାମ-ବସ୍ତି ସେତିକ ହେବ ।

ସାଇକଲ ହାତରେ ଧରି ଗଡ଼ାଇ ଗଡ଼ାଇ ନେଇ ନେଇ ରନ୍ତିକାନ୍ତ ସାତବର୍ଷ ତଳର ଘଟଣା ମନେ ପକାଉଥିଲେ—ତାଙ୍କ ଗୋକୁଳଭାଇଙ୍କ ବାହାଘର କଥା । ସେହି ସେ ତୋଟା ହୋଇଥିବ, ଅନ୍ଧାରିଆ ଦିଶୁଛି, ଯାହା ଭିତରେ ସଞ୍ଜବେଳେ ସେମାନେ ବରଯାତ୍ରୀଙ୍କର ପ୍ରସେସନ୍ ପାଇଁ ପ୍ରସ୍ତୁତ ହେଉଥିଲେ—ମାଡ଼ ଆସିଲା ବର୍ଷା ଓ ପବନ । ପ୍ରାଣବିକଳିଆ ପଳାୟନ । ଆଜି ଶୃଙ୍ଖଳ-ପାଗଳ ରାଗ । ମନ୍ତ୍ୟପ୍ରିୟ ଭାଗ୍ୟବାନ । ଅରକ୍ଷିତକୁ ଦଇବ ସାହା !

ଗାଁ ମୁଣ୍ଡ ତୋଟା ପାଖେଇ ଆସୁଛି । କିନ୍ତୁ ବାଇଦବାଜଣାର ଶବଦ ଶୁଭୁନାହିଁ କାହିଁକି ? ସତେ, ବାହାଘର ଶେଷ ହୋଇଛି । ଆସିବାକୁ ଡେରି ହୋଇଗଲା । ଲୋକହସା ହେବାଠାରୁ ନ ଆସିବା ବରଂ ଉଚିତ ଥିଲା । ଦଣ୍ଡାବାଟଟା ଏକାଥରେ ବାଲିଆ, ସାଇକେଲ ଚଢ଼ି ଦୁଇହାତ ଯାଇ ହେଉ ନାହିଁ । ଗୁଳି ଗୁଳି ଯିବାକୁ ପଡ଼ିବ । ଆଦ୍ଧରି ଗଦାଏ ବାଟ । ତଳ ତାତିକୁ ଉପର ତାତି । ଝୋଲମାରି ଯାଉଛି । ମୁଣ୍ଡ ଗରମ ହେଲାଣି । ଦେହରୁ ଗମ୍ ଗମ୍ ଝାଳ ଫାଟି ପଡ଼ିଲାଣି । କି ଦୁଃଖ ! ଏହି ଅସହ୍ୟ ତାପ ଅପେକ୍ଷା ସାତବର୍ଷ ତଳର ଅଗ୍ନିନକ୍ ବରଷା ବରଂ ଶ୍ରେୟସ୍କର ଥିଲା ।

ତଲିବାଟରେ ସ୍ତ୍ରୀ ଲୋକଟିଏ ଧାଣ୍ଡିଆଡ଼କୁ ଆସୁଛି । ମୁଣ୍ଡରେ ବୋଝ । ତାକୁ ପଚାରିଲେ ସେ କହିପାରିବ ।

ରତ୍ନପୁରର ଲୋକ ହୋଇଥିଲେ ଜମିଦାର ଚନ୍ଦ୍ରମଣି ବାବୁଙ୍କ ଝିଅ କଲିକତାର ବାହାଘର ଶେଷ ହେଲାଣି କି ନାହିଁ ସେ ଅବଶ୍ୟ କହିପାରିବ ।

କ୍ଳାନ୍ତ, ଅଳସ, ଅସମ୍ପୃକ୍ତ ରତିକାନ୍ତଙ୍କ ମୂହଁ ଉପରକୁ ମୁହଁ ଟେକାଇ ବୁଢ଼ୀ କହି କହିକା ଚାଲିଲା ବାଳକରେ ଡେଇଁ ଡେଇଁ ଚାଲିଗଲା—ମୋ ଘର ଆର ଗାଁରେ । ଧାନ ପାଇଁ ଯାଇଥିଲି । ଅଛୁଆଁ ଜାତି ! ମାଆମାନଘରର ଖବର କିଏ ଜାଣିବ ବା ? ଶୁଣି ଆସିଲି, ଘରେ ତାଙ୍କର କାନ୍ଦବୋବାଳି ପଡ଼ିଛି । ଆହା—

କଅଣ ହୋଇଛି ? ହେ ବୁଢ଼ୀ, କଅଣ ହୋଇଛି—

ବୁଢ଼ୀ ଉତ୍ତର ଦେଲା ନାହିଁ ।

ରତିକାନ୍ତ ଥକ୍କା ହୋଇ ମୁହୂର୍ତ୍ତେ ଅନାଇ ରହିଲେ । ହାତ ପାପୁଲିରେ କପାଳରେ ଝାଳ ପୋଛିଲେ । ଭାବିଲେ, ନିଷ୍ଫଳ ହେଲା ତାଙ୍କର ଦୁଃଖପ୍ରଦ ଅଭିମାନ । ନିଷ୍ଟୟ ବରକନ୍ୟା ବିଦା ହେଉଛନ୍ତି, କାନ୍ଦ ବୋବାଳି ପଡ଼ିଛି । ନୂଆ ରିଷ୍ଟ-ଓ୍ୱାଚକୁ ଚାହିଁଲେ । ବାରଟା ପନ୍ଦର । କିନ୍ତୁ ଏତେ ଶୀଘ୍ର କରଣିଆଁ ବାହାଘର ଠା-ପିଡ଼ା ସରିବା ତ ସମ୍ଭବ ନୁହେଁ ? ବୁଢ଼ୀଟି ଆହା ଶବ୍ଦ ଉଚ୍ଚାରି ଚାଲିଗଲା କାହିଁକି ? କି ଦୁଃଖପ୍ରଦ ଘଟଣା ପ୍ରକାଶ କରିବାକୁ ସେ କୁଣ୍ଠିତ ହେଲା ?

ଯେଉଁ ସମ୍ଭାବନା ରତିକାନ୍ତଙ୍କର ଦୁର୍ବଳ ମନରେ ହଲଚଲ ହେଲା, ତାହା ତାଙ୍କର ଛାତି ଥରାଇଲା । କାନ୍ଦ ବୋବାଳି, ପୁଣି ଆହା ! ହେ ଭଗବାନ, କଲିକା ହୋଇ ନ

ଥାଉ, ଆଉ କେଷ୍ଟ ବୁଢ଼ା ହନ୍ତା ହୋଇଥାଉ, ବାହାଦୂର ପଛେ ନ ହେଉ, ଶିଶୁପାଳ ହୋଇ ମର୍ତ୍ୟପ୍ରିୟ ପଛେ ଫେରି ଯାଉ ।

ଶ୍ରମବନ୍ଧନରେ ରତ୍ନକାନ୍ତ ସାଇକଲ ଉପରକୁ ଉଠି ତାତଲା ବାଲିରେ ଧଇଁ ସଇଁ ହୋଇ ଅତି କଷ୍ଟରେ ଖଣ୍ଡେ ଦୂର ଆଗେଇ ଗଲେ । ଆଗରେ ଭେଟିଲେ ଜଣେ ବ୍ରାହ୍ମଣଙ୍କୁ । ଗୋ ଛତା ଧରି ନଇଁ ନଇଁ କଅଣ ଖୋଜୁଛନ୍ତି । ଖୋଲା ଦେହ, ପାଦରେ କଠଉ, କପାଳ ଓ ବକ୍ଷସ୍ଥଳରେ ଚନ୍ଦନ । ବାଧ୍ୟ ହୋଇ ରତ୍ନକାନ୍ତ ଓହ୍ଲାଇଲେ । ତାଙ୍କ ସାଇକଲର ଆଗ ଚକଟି ଗୋସେଇଁଙ୍କର ଛତା ସ୍ପର୍ଶ କଲା ।

ସେ ଅଣ୍ଟା ସଳଖି ଛତା ଟେକ ଠିଆହେଲେ । ତୃଷ୍ଣାର୍ତ୍ତ ସ୍ୱରରେ ଝରକୁଆ ସ୍ୱରରେ ନାକ ଟେକ କହିଲେ, ତମେ ଅନ୍ଧ କହୋ ସାଇକେଲ ଚଢ଼ାଳ ?

ନମସ୍କାର ଗୋସେଇଁ ! ଅନ୍ଧ କଣ ସାଇକଲ ଚଢ଼ିପାରିବ ?

ସର୍ବାରିଷ୍ଟ ଶାନ୍ତ ଭବନ୍ତୁ ! ସାଇକଲ ଆଉ ଟିକିଏ ଯୋରରେ ବାଜିଥିଲେ—

ସେପରି କେବେ ହୋଇ ନଥାନ୍ତା ଗୋସେଇଁ ! ତଳ ତାତି ଉପର ତାତିରେ ନଇଁପଡ଼ି ଏତେ କଷ୍ଟ ସହି ଆପଣ କଅଣ ଖୋଜୁଛନ୍ତି ବୁଝିବାକୁ ମୁଁ ଓହ୍ଲାଇଲି । ଦୋଷ କ୍ଷମା କରନ୍ତୁ ।

ସେ ସନ୍ତୁଷ୍ଟ ହେଲେ । କହିଲେ, ଲୁଗା ସଜାଡ଼ି ପିନ୍ଧୁ ଅଣ୍ଟାରୁ ଅଧୁଲିଟିଏ ଖସି ପଡ଼ିଲା ।

ସେଇଠି ତ ପଡ଼ିଛି, ସେହି ଜୁଦା କଣ୍ଟରେ, ମୋତେ ଜଳ ଜଳ ହୋଇ ଦିଶୁଛି ।

ଅଧିଲଟି ଚଳୁ ଉଠାଇ ଗୋସେଇଁ ପୁଣି ଅନ୍ଧାରେ ଖୋସିଲେ । ପ୍ରୀତ ହୋଇ ପଚାରିଲେ, ଏଇ ଉଦୁଉଦିଆ ଦ' ଦହକଟାରେ, ଖାଲି ମୁଣ୍ଡରେ ଝାଳନାଳ ହୋଇ କୁଆଡ଼େ ଧାଇଁଛ ପୁଅ ?

ରତ୍ନପୁର ଯାଉଛି ଗୋସେଇଁ ! ଚନ୍ଦ୍ରମଣିବାବୁଙ୍କ ବଡ଼ଝିଅ କଳକାର ବାହାଘର ଯେ—

ବୁଝିଲି ବାପା, ବୁଝିଲି । ସେଠାକୁ ନ ଯାଇ ବାହୁଡ଼ି ଗଲେ ଉତ୍ତମ ହେବ । କେଡ଼େ ବଡ଼ ଖାନ୍‌ଦାନ୍ ଘର, କେବେ ଏପରି ବିପଦ ପଡ଼ି ନ ଥିଲା ।

କଅଣ ହୋଇଛି ଗୋସେଇଁ ?

କାନ୍ଦ-ବୋବାଳି ପଡ଼ିଛି, ଆଉ କ'ଣ !

କିଏ ଖସିଗଲା ?

ସେପରି କିଛି ଘଟିଥିଲେ ବରଂ ଉତ୍ତମ ହୋଇଥାନ୍ତା । ଜନମ, ମରଣ, ବରଷା ଉପରେ କାହାରି ହାତ ନାହିଁ । ଯାହା ଘଟିଲା ସେଥିପାଇଁ ଏକବର ଳୁଳରେ ଯାବତ ଚନ୍ଦ୍ରାର୍କେ କଳଙ୍କ ବୋଳି ହୋଇଗଲା ।

ଏଁ— !

ନୁହେଁ ତ କଅଣ ? ଚନ୍ଦ୍ରମଣି ସାଆନ୍ତଙ୍କ ପରି ଶିକ୍ଷିତ, ବୁଦ୍ଧିମାନ, ଦେବୋପମ ବ୍ୟକ୍ତି ନିଜେ କଟକ ଯାଇ ବରପାତ୍ରକୁ ଦେଖିଲେ, ତା ସଙ୍ଗେ ଘଣ୍ଟାଏ କାଳ ମଧ୍ୟ କଥାଭାଷା ହେଲେ, ଜାତକ ତ ଭଲ ଶୁଝିଥିଲା । ମୁଁ ତାଙ୍କ ପୁରୋହିତଙ୍କ ବଂଶର ଲୋକ,

ନିଜେ ତାଙ୍କୁ ଦେଖିଥିଲି । ପୁଣି ସେ କଅଣ ହେଲେ । ହେଲେ ଗୋଟା ପାଗଳ, ବଦ୍ଧ-ପାଗଳ । ମୁଁ ନିଜେ ଏବେ ତାଙ୍କୁ ଦେଖି ଆସିଛି ।

ପାଗଳ, ସତ୍ୟପ୍ରିୟ ପାଗଳ ! ବନ୍ଧୁ ବର୍ଷ ହେଲା ସେ ମୋର ସହପାଠୀ ବନ୍ଧୁ । ବିଚକ୍ଷଣ ବୁଦ୍ଧିମାନ୍ ପିଲା, ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକପ୍ରାପ୍ତ—

ଯାହା ସେ ହୋଇଥାନ୍ତେ ଯୁଅ, ସେ ପାଗଳ, ବଦ୍ଧ ପାଗଳ । ବୁଢ଼ାବୁଢ଼ୀ ମୁରବୀମାନଙ୍କ ସହ ଆସେ ପୁରୋହିତ ବଂଶ ଏକମତ ହେଲେ ସେ ସେ ବର ବାହୁଡ଼ି ଯିବ । କଳିକା ପରି ସୁବର୍ଣ୍ଣ-ପ୍ରତିମା ଅଲଅଲ ଝିଅ, ରୂପକୁ ବଳିଛି ଯାହାର ବୁଦ୍ଧି, ବିବେକ, ତାଙ୍କ ତାଙ୍କୁ ଗୋଟାଏ ପାଗଳ ହାତରେ ଛାଡ଼ ଦେବାକୁ—

ଗୋସେଇଁ ମହାପ୍ରଭୁ ! ତମକୁ ହାତ ଯୋଡ଼ୁଛି, ହେଉଛି, ତମର ପାଦଧୂଳି ନେଇ ମୁଣ୍ଡରେ ମାରୁଛି—

ସର୍ବାରିଷ୍ଟ ଶାନ୍ତ ଭବନ୍ତୁ—

ମୋର ଗୁଣାକାର ବନ୍ଧୁକୁ ପାଗଳ ଆଖ୍ୟା ଦିଅ ନାହିଁ । ସତ୍ୟପ୍ରିୟ ପାଗଳ ହୋଇ ନ ପାରେ ।

ଟିକିଏ ଅଭିମାନ କରି ଗୋସେଇଁ ମହାପ୍ରଭୁ କହିଲେ, ହଉ ହେଲା ବାବୁ ! ତମର ବନ୍ଧୁ ପାଗଳ ନୁହନ୍ତି, ଆମେ ସମସ୍ତେ ପାଗଳ । ଆମର କନ୍ୟାକୁ, ଯେ ମଙ୍ଗଳା କନ୍ୟା ଜାଣିଥା, ଆମେ ଅନ୍ୟ ପାତ୍ରରେ ସମର୍ପଣ କରିବୁ । ସେଇ ଯେଉଁ ଆମ୍ବତୋଟା, ହେଇ ଦୂରରେ ଦିଶୁଛି, ତାଆରି ଭିତରେ ତମର ଗୁଣବନ୍ତ ବନ୍ଧୁ ଖେମଟା ନାଚୁଛନ୍ତି । ତାଙ୍କ ସଙ୍ଗରେ ଆଉ

ଦୁଇଜଣ କଟଙ୍କା ପାଠଆିବାକୁ ଉଦ୍ଭ-ତାବଲ୍ ବି ଧରିଛନ୍ତି । ତମେ ବି ଯାଅ। ତାଙ୍କ ମାଙ୍ଗରେ ଯୋଗଦେବ । ଗାଁ ଯାକର ଲୋକ ସେଇଠି ରୁଣ୍ଡହୋଇ ତାଳି ଦେଉଛନ୍ତି ହେ —

ଗୋସେଇଁ ରତିକାନ୍ତଙ୍କୁ ଥକ୍କା-ବକ୍କା କରି, ସେଇଁ ଜଳନ୍ତା ବାଲି ଉପରେ ଠିଆକରାଇ ଆଗକୁ ଚାଲିଗଲେ । ରତିକାନ୍ତ ତାଙ୍କର ଚନ୍ଦ୍ରାଣନ୍ତ ହରାଇ ସାରିଥିଲେ । କପାଳର ଝାଳ ବାରମ୍ବାର ହାତ ଚାପୁଲରେ ପୋଛି, ଗୋଟିଏ ଅଦ୍ୟମ ଦୁଃଖର କୋହକରେ ଲୁହ ଅଟକାଇ ରଖାଇ, ସେ ବାଲିଆ ରାସ୍ତାରେ ସାଇକଲ ଚଲାଇ ଆଗକୁ ଚାଲିଲେ । କାହିଁକି ଏପରି ହେଲା ସେ କଷ୍ଟସୁର ଭାବନା ମୁଣ୍ଡରେ ପଶିଲା ନାହିଁ । ଗୋସେଇଁ ଦେଇଥିବା ସମ୍ବାଦ ସତ ବୋଲି ପରତେ ହେଲା ନାହିଁ ।

* * *

ସତ, ନିରାଟ ସତ । ନିଜ ଆଖିକୁ ସେ ଅବିଶ୍ୱାସ କରିପାରିବେ ନାହିଁ । ସାଇକେଲ ଖଣ୍ଡିକ ଗୋଟିଏ ଆମ୍ବଗଛକୁ ଆଉଜାଇ କଥାବାର୍ତ୍ତାର ଉଦ୍ଧାନ୍ତ ଲୋକ ଗହଳି ଫାଙ୍କରେ ସେ ଛୋଟା ଭିତରକୁ ଚାହିଁ ରହିଲେ । ଗୋଟିଏ ଗଛତଳେ ସୁସଜ୍ଜିତ ପାଲିଙ୍କି ଖଣ୍ଡିକ ରଖା ହୋଇଛି । ଗୁଡ଼ ଗୁଡ଼ ଆଉ ବାଡ଼ିଟି ଶବାସ୍ତ ! ଚୋଟାର ସେ-ମୁଣ୍ଡରେ ବାନ୍ଧିଛି ବଳଦଗାଡ଼ି । ବଳଦପୁଞ୍ଜିକ ମୁକୁଳା ହୋଇ ଚରୁଛନ୍ତି । ସେଇଠି ପାଖରେ କାଗଜଫୁଲର ଝାଡ଼ ଓ ଫାନୁସ । ସତ୍ୟପ୍ରିୟ ସେଗୁଡ଼ିକ ଛିଣ୍ଡାଇ ପକାଉଛନ୍ତି । ଆହୁରି ଛିଣ୍ଡାଇବାକୁ ଚେଷ୍ଟା କରୁଛନ୍ତି । ସୁଧାନିଧି ଓ ଝସକେତନ ତାଙ୍କର

ଦୁଇବାହୁ ଧରି ଅଟକାଇ ରଖିବାକୁ ଚେଷ୍ଟା କରୁଛନ୍ତି । ସେ ଖାଲି ଉହୁଙ୍କୁଛନ୍ତି, ହନୁମାଙ୍କଡ଼ ପରି ହୁଁଙ୍କାର ଛାଡ଼ୁଛନ୍ତି ।

ରତିକାନ୍ତଙ୍କର ଆଖିରୁ ଲୁହ ଗଡ଼ିଆସିଲା । ସେ ଥରିଲା ପାଦରେ ଲୋକଭିଡ଼ ଆଡ଼େଇ ଚୋଖା ଭିତରକୁ ପଶିଲେ । ଲୋକଙ୍କର ପାଟି ଓ ତାଳିମାଡ଼ରେ ଚୋଖା କମ୍ପି ଉଠୁଥାଏ । କେହି କେହି ଆହା-ଆହା କରି ଦୁଃଖ ପ୍ରକାଶ କରୁଥାନ୍ତି ।

ସତେ, ଏ କଅଣ ହେଲା ! ସତ୍ୟପ୍ରିୟ ଉନ୍ମାଦ ହୋଇଛନ୍ତି । ବରଟୋପିଟାକୁ ନିଜ ହାତରେ ସେ ଚିରି ପକାଇଛନ୍ତି । ଲମ୍ବ କେଶ ତାଙ୍କର ଅଲଗା ହୋଇଛି । ତାଙ୍କର ଆଖି ଭ୍ରମୁଛି, କେବଳ ଭ୍ରମୁଛି ।

ରତିକାନ୍ତଙ୍କ ଉପରେ ସତ୍ୟପ୍ରିୟଙ୍କର ଆଖି ପଡ଼ିଲା ତାଙ୍କର ଦୃଷ୍ଟି ନିବଦ୍ଧ ହେଲା । ଅଙ୍ଗ ସ୍ଥିର ହେଲା । ସୁଧାନିଧି ଓ ହୃଷୀକେଶ ମଧ୍ୟ ରତିକାନ୍ତଙ୍କୁ ଚିହ୍ନିଲେ । ସେମାନଙ୍କର ହାତମୁଠା ବୋଧହୁଏ ଶିଥିଳ ହେଲା । ଗୋଟିଏ ହୁଁକାରରେ ସତ୍ୟପ୍ରିୟ ସେ ଦୁହିଁଙ୍କର କବଳରୁ ମୁକ୍ତିଲାଭ କରି ରତିକାନ୍ତଙ୍କ ଆଡ଼କୁ ଧାଇଁ ଆସିଲେ । ସୁଧାନିଧି ଓ ହୃଷୀକେଶ ତାଙ୍କର ପଛରେ ଗୋଡ଼େଇଲେ । ସତ୍ୟପ୍ରିୟଙ୍କୁ ଆହୁରି ଉନ୍ମତ୍ତ କରିବାକୁ ରତ୍ନପୁରର ଯେଉଁମାନେ ରୁଣ୍ଡହୋଇ ମଜା ଦେଖୁଥିଲେ, ସେମାନେ କରତାଳି ଦେଇ ଷଣ୍ଢେଇର ଧ୍ୱନି ଉଚ୍ଚାରଣ କରୁଥିଲେ ।

ରତିକାନ୍ତ ଦୁଇବାହୁ ବିସ୍ତାର କରି ସତ୍ୟପ୍ରିୟଙ୍କୁ ଆଲିଙ୍ଗନ କଲେ । ସତ୍ୟପ୍ରିୟ ମଧ୍ୟ ଦୁଇ ବାହୁରେ ରତିକାନ୍ତଙ୍କୁ ବେଢ଼ାଇ

ଧରିଲେ । ଦୁହିଙ୍କ କାନ୍ଧରେ ଦୁହିଁଙ୍କର ମୁଣ୍ଡ । କୋହ ସମ୍ଭାଳି ନ ପାରି ଦୁହେଁ କଇଁ କଇଁ ହୋଇ କାନ୍ଦି ଉଠିଲେ । ସେ କାନ୍ଦ ଅସରନ୍ତି । ସେ କାନ୍ଦ ଅବୋଧ ।

* * *

ବହୁବର୍ଷ ତଳର ସେହି ନିବିଡ଼ ଆଲିଙ୍ଗନ କେତେଥର ରତିକାନ୍ତଙ୍କର ଜୀବନ-କାଳରେ ସପନରେ ଅବା ଜାଗ୍ରତାବସ୍ଥାରେ ଅଭିନୀତ ହୋଇଛି. ଆଖିରେ ଲୋତକ ଭରିଛି, ଛାତିର ସ୍ପନ୍ଦନ ଦ୍ରୁତ କରିଛି । ମନେପକାଇ ଦେଇଛି ସେବେଳର ସେହି ବଧୂ ବେଶରେ ସୁଶୋଭିତା ସୁନ୍ଦରୀ କଳିକାକୁ, ଯାହାକୁ ଜୀବନରେ ମାତ୍ର ଥରଟିଏ ଦେଖିଥିଲେ, ସେ ଦେଖା ପୁଣି ଅଳ୍ପକ୍ଷଣ ପାଇଁ । ଆହା, ହତଭାଗିନୀ !

ସତେ ଯଦି ସତ୍ୟପ୍ରିୟ ବାହୁଡ଼ି ଯାଇଥାନ୍ତେ ! ସେଇଆ ସେ ନିଜେ ଚାହିଁଥିଲେ ।

* * *

କାନ୍ଦ ଓ କୋହର ତୋଫାନ ଥମିଲା । ଦୁଇବନ୍ଧୁ ଅଲଗା ହେଲେ । ରତିକାନ୍ତର ଉପସ୍ଥିତ ମ୍ୟାଜିକ୍ ପରି କାମ ଦେଖାଇଲା । ସତ୍ୟପ୍ରିୟ ପ୍ରକୃତିସ୍ଥ ହେଲେ । ବଡ଼ସ କଥା, ସେ ନିଜେ ରତିକାନ୍ତଙ୍କର ହାତଟିଏ ଧରି ଆମ୍ବତୋଟାର ଗୋଟିଏ ପାଖକୁ ଟାଣି ନେଲେ । ଗଛମୂଳରେ ବସି ସେ ତାଙ୍କର ସ୍ୱାଭାବିକ ସ୍ୱରରେ କହିଲେ—ବସ୍ ମୋ ପାଖରେ ।

ରତିକାନ୍ତ ବସିଲେ ।

ସତ୍ୟପ୍ରିୟ କହିଲେ, ଆମ ଗ୍ରାମକୁ ତୁ ଆସି ପାରିଲୁ ନାହିଁ । ଆସିଥିଲେ ଭଲ ହୋଇଥାନ୍ତା, ମାନେ ଲୋକହସା ହେବାକୁ ମୁଁ ବରବେଶ ପିନ୍ଧି ଏମିତି ଅଭେକାଙ୍କ ପରି ଆସି ନ ଥା'ନ୍ତି । ସୁଧାନିଧି ବରଚଣ ଆଉ ଟଙ୍କା ଯୋଗାଡ଼ କରିପା'ରିଲା ନାହିଁ । ସେ ତାର ସ୍ତ୍ରୀଙ୍କର ହାରଟିକୁ ଚୋରିକରି ଅବା ମାଗିକରି ଆଣିଥିଲା । କେଉଁଠି ବନ୍ଧାପକାଇ କିଛି ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କରୁଥିଲା । ମୁଁ ଜାଣିପାରିଲି । ତାକୁ ବାରଣ କଲି । କହିଲି, ତୁ ସେବୁଦ୍ଧି କେବେ ମୁଁ ପାଲଙ୍କିରେ ବସିବି ନାହିଁ । ବରଧରି ଫେରିଲେ ଫେରନ୍ତୁ, ମୁଁ ବାଧା ହେବ ନାହିଁ । ଆମର ଯାହା ଆୟୋଜନ କରହୋଇଛି ସେତିକି ଯଥେଷ୍ଟ ।

ଠିକ୍ କହିଥିଲୁ ।

ରତିକାନ୍ତ ! ବୋଧହୁଏ ମୋର ହୃଦୟ ସେ କଥା କହି ନ ଥିଲା । ତା ହୋଇଥିଲେ ମୁଁ ପାଗଳ ହୋଇଥାଆନ୍ତି କାହିଁକି ?

କିଏ କହିଲା ତୁ ପାଗଳ ହୋଇଥିଲୁ ? ଅତ୍ୟଧିକ ଗରମ ହେତୁ, ଉପାସ ଭୋକରେ ଥାଇ, ଟିକିଏ ମାନସିକ ଆନ୍ଦୋଳନ ପାଇଁ ଯାହା ଘଟିବାର ଘଟିଯାଇଛି । ସେ ସବୁ ଭୁଲିଯା ।

ସତ୍ୟପ୍ରିୟ ଉତ୍ତର ଦେଲେ ନାହିଁ । ନୀରବରେ ସେ ଉପରକୁ, ତଳକୁ ଓ ଆମ୍ବତୋଟାର ଚାରିଆଡ଼କୁ ଚାହିଁବାକୁ ଲାଗିଲେ । ନିଜ ହାତରେ ମୁଣ୍ଡର କେଶ ସାଉଁଳିଲେ । ନିଜ ଦେହରେ ଶାବ ସିଲ୍କ ପଞ୍ଜାବୀକୁ ଦେଖି ଚମକି ଉଠିଲେ । ଅସ୍ଥିର

ହୋଇ ମୁଣ୍ଡ ହଲାଇ ଈଷତ୍ ରଙ୍ଗିନ୍ ଆଖି ମିଟି ମିଟି କରି ଭ୍ରୂକୁଞ୍ଚିତ କଲେ । ହାତରେ ଲଲାଟ ପୋଛିଲେ ।

କିଛିସମୟ ତୁନି ରହି କ୍ଷୀଣ କଣ୍ଠରେ ସେ କହିଲେ, ମୁଁ ବୁଝି ପାରୁଛି ସେ ମୋର ମତି ବିଭ୍ରମ ହୋଇଥିଲା । ପାଗଳ ଆଉ କାହାକୁ କହନ୍ତି ? ଶୁଣ ରବିକାନ୍ତ, କବି ଚନ୍ଦ୍ରମଣିଙ୍କର ଝିଅ କଳିକାର ଉପଯୁକ୍ତ ପାତ୍ର ମୁଁ ନୁହେଁ ।

ସେପରି ତୁ ବିଚାର କରନା, ତୋପରି ଗୁଣବାନ୍—

ରବିକାନ୍ତଙ୍କୁ ଆଉ କୁହାଇ ନ ଦେଇ ସତ୍ୟପ୍ରିୟ କହିବାକୁ ଲାଗିଲେ, ମୁଁ ବଡ଼ ହତଭାଗ୍ୟରେ ରବିକାନ୍ତ ! କଳିକାପରି ଝିଅ ଗୋଟିଏ ପାଗଳର ହାତଧରି କାହିଁକି ଦୁଃଖ ସହିବ ? ମୁଁ ସବୁ ଅପମାନର ବୋଝ ମୁଣ୍ଡରେ ଲଦି ଫେରିଯିବି ।

* * *

ସେଦିନ ସେହି ଗ୍ରାମ ତୋଟାରେ ଆଖି ଛଳ ଛଳ କରି ସତ୍ୟପ୍ରିୟ ଯାହା ପ୍ରକାଶ କଲେ ପ୍ରକୃତରେ ଯଦି ତାହା ହୋଇ ପାରିଥାନ୍ତା, ଆଉ ଗୋଟିଏ ଜୀବନ ନଷ୍ଟ ହୋଇଥାନ୍ତା କାହିଁକି ? ଠିକ୍ ସେତିକିବେଳେ ରତ୍ନପୁରର ସାମନ୍ତମାନଙ୍କ ମଧ୍ୟରୁ କେତେଜଣ କାଢଏ ପଇଡ଼, ଗିଲାସ କଠୁରି ନେଇ ତୋଟାରେ ପଶିଲେ । ସେମାନଙ୍କ ମଧ୍ୟରେ କଳିକାର ପିତା ଚନ୍ଦ୍ରମଣିବାବୁ ଥିଲେ ।

ସୁଧାନିଧି ତାଙ୍କୁ ପ୍ରଣାମ କଲେ । ସତ୍ୟପ୍ରିୟ ତାଙ୍କୁ ଚାହିଁଲେ । ଅସ୍ତବ୍ୟସ୍ତ ହୋଇ ତଳୁ ଉଠି ସେ ନିଜର ଅବସ୍ଥା

ପ୍ରତି ଦୃଷ୍ଟି ନ ଦେଇ ଚନ୍ଦ୍ରମଣିଙ୍କ ପାଖକୁ ଗଲେ । ଦୁଇ ହାତ ଯୋଡ଼ ମସ୍ତକରେ ଲଗାଇ ତାଙ୍କୁ ପ୍ରଣାମ କଲେ । ସେତିକରେ ଚନ୍ଦ୍ରମଣି ବିଚଳିତ ହେଲେ । ତାଙ୍କର ଆଖିରେ ଲୋତକ ଭରିଗଲା । ଓଠ ଥରିବାକୁ ଲାଗିଲା, ମାତ୍ର ସେ କିଛି କହିଲେ ନାହିଁ ।

ତୋଟାର ଘରେ ସମସ୍ତେ ବସିଲେ । ମୁହଁହାତ ଧୋଇ ପଇଡ଼ପାଣି ପିଇଲେ । କେତେ ପଇଡ଼ ତାର ସୁମାରି ନାହିଁ ।

ତାମସା ସରିଗଲା । କୁତୂହଳୀ ଦେଖଣାହାରୀମାନଙ୍କ ମଧ୍ୟରୁ ଅଧିକାଂଶ ଯାହା ଶେଷରେ ଛିନ୍ନଚିତ୍ତ ହେଲାପରି ବାହୁଡ଼ି ଗଲେ । ବରଙ୍କର ଖେମଟା ସରିଛି । ସମସ୍ତଙ୍କ ସଙ୍ଗରେ ସେ ଭଲରେ କଥାବାର୍ତ୍ତା ହେଉଛନ୍ତି, ଅବଶ୍ୟ ଅଳପ କହୁଛନ୍ତି । ନିଜ ହାତରେ ଦେହକୁ ପଞ୍ଜାବୀ ଉପରେ ଗାଁ-ଭଣ୍ଡାରୀକୁ ରଖିବାକୁ ଦେଇଛନ୍ତି । କିଏ କହିବ ସେ ଘଣ୍ଟାକ ଆଗରୁ ବାଉଳା ହୋଇଥିଲେ ?

କନ୍ୟାଙ୍କର ପିତା ଓ ଅନ୍ୟାନ୍ୟ ଅଭିଭାବକମାନେ ସତ୍ୟପ୍ରିୟଙ୍କ ସଙ୍ଗରେ କଥାଭାଷା ହେଲେ । ସୁଧାନିଧି, ଝଷକେତନ ଓ ରତିକାନ୍ତଙ୍କୁ ତୋଟାରେ ଗୋଟିଏ କଡ଼କୁ ଡାକିନେଇ ସେମାନେ ସତ୍ୟପ୍ରିୟଙ୍କ ସମ୍ବନ୍ଧରେ ନାନାକଥା ପଚାରିଲେ । ସେମାନେ ସନ୍ତୁଷ୍ଟ ହେଲେ ଯେ ଅତିରିକ୍ତ ଗରମ, ଦେହର କ୍ଲାନ୍ତି, ନିଜକୁ ସମସ୍ତ ଆତ୍ମୀୟଜନ କରିବାକୁ ପଡ଼ିଥିବାରୁ ମାନସିକ ଉତ୍ତେଜନା ପାଇଁ ଉପବାସୀ ସତ୍ୟପ୍ରିୟଙ୍କର ସାମୟିକ ମତି ବିଭ୍ରମ ଘଟିଥିଲା ଓ ସେ ପୁଣି ସୁସ୍ଥ ଏବଂ ପ୍ରକୃତିସ୍ଥ ହୋଇ ସାରିଲେଣି ।

ସ୍ଥିର ହେଲା, ବର ଫେରିବ ନାହିଁ, ବାହାଘର ନିଷ୍ପନ୍ନ ହେବ । ଟିକିଏ ଥଣ୍ଡା ପଡ଼ିଲେ ବରଯାତ୍ରୀ ପହଞ୍ଚିଆର କରି କନ୍ୟାଙ୍କ ଘରକୁ ଯିବେ । ଗାଁ ଦାଣ୍ଡରେ ବାଟ ତ ମୋଟେ ଝିଧମାଇଲ ହୁଏ କି ନ ହୁଏ । ଦୁଇ ପକ୍ଷର ଲୋକଙ୍କ ମଧ୍ୟରେ ଆନନ୍ଦର ଢେଉ ଖେଳିଗଲା ।

ରତ୍ନକାନ୍ତ ସେମାନଙ୍କର ସିଦ୍ଧାନ୍ତକୁ ସ୍ୱାଗତ କରିପାରିଲେ ନାହିଁ । ସେ ଭାବୁଥିଲେ, କେହି କାହାର ଅତୀତ ଜୀବନ ସଙ୍ଗେ ବିଶେଷ ଭାବରେ ପରିଚିତ ନୁହନ୍ତି । କଲେଜରେ ପାଠ ପଢ଼ିବାକୁ ଆସିବା ଆଗରୁ ସତ୍ୟପ୍ରିୟଙ୍କର କଅଣ ଘଟିଥିଲା କିଏ ଜାଣେ ?

ମନକଥା କାହାରି ଆଗରେ ପ୍ରକାଶ କରିବାକୁ ସେ ସାହସ କଲେ ନାହିଁ କାରଣ ସୁଧାନିଧି ସମସ୍ତଙ୍କୁ ବୁଝାଇ କହିଥିଲେ ଯେ ସତ୍ୟପ୍ରିୟ ତାଙ୍କର ବାଲ୍ୟବନ୍ଧୁ ଓ କେବେ ତାଙ୍କର ମତିଭ୍ରମ ଘଟି ନ ଥିଲା ।

ସେହି ଡୋଟାରେ କନ୍ୟାପକ୍ଷର ମୁରବୀମାନଙ୍କ ସଙ୍ଗରେ ରତ୍ନକାନ୍ତଙ୍କର ପରିଚୟ ହୋଇଥିଲା । ଚନ୍ଦ୍ରାମଣିବାବୁଙ୍କ ପାଖରେ ସେ ନିଜର ପରିଚୟ ଆଗ ଦେଇଥିଲେ । ଚନ୍ଦ୍ରାମଣି ବୁଝିଥିଲେ ଯେ ରତ୍ନକାନ୍ତ ତାଙ୍କର ସାନ-ଭଉଣୀ ଅଳକାର ବିଅରନେଖା ହେବେ ।

କବି ଇନ୍ଦ୍ରମଣି ଚନ୍ଦ୍ରାମଣିଙ୍କର ଖୁଡ଼ୁତା ସମ୍ପର୍କ । କୁଟୁମ୍ବ ଗୋଟିଏ, ସମ୍ପତ୍ତି କୋଠ, କିନ୍ତୁ ସେମାନଙ୍କର ହାଣ୍ଡି ଭିନ୍ନେ ଭିନ୍ନେ । ଅନ୍ୟମାନଙ୍କଠାରୁ ରତ୍ନକାନ୍ତ ଏ ସବୁ ସମ୍ବାଦ

ସେହିଠାରେ ସଂଗ୍ରହ କରିଥିଲେ । ସେ ଜାଣି ପାରିଥିଲେ ଯେ କଳିକା ତାଙ୍କର ଗୋକୁଳଭାଇଙ୍କର ଲେଖାରେ ଶାଳୀ ସମ୍ପର୍କ । ସେ ରତିକାନ୍ତଙ୍କର ଭଗିନୀ ସଦୃଶ । ସେ ଭାବୁଥିଲେ, ଥରେ ଯେତେବେଳେ ସତ୍ୟପ୍ରିୟଙ୍କର ପାଗଳାମି ବାହାରିଛି, କଳିକା ପରି ଝିଅକୁ ତାଙ୍କ ହାତରେ ଅର୍ପଣ କରିବା ମୋଟେ ଉଚିତ ନୁହେଁ । ଭବିଷ୍ୟତରେ କଅଣ ଘଟିବ କିଏ କହି ପାରିବ ? ଫେରିଯିବାକୁ ସତ୍ୟପ୍ରିୟ ନିଜେ ତ କହୁଥିଲେ ।

ସୁଧାନିଧିଙ୍କୁ ଏ ପ୍ରସ୍ତାବ କହିବାରୁ ସେ ହସି ଉଠି ଉତ୍ତର ଦେଲେ, ସତ୍ୟପ୍ରିୟ ଅଭିମାନ କରି ଯେପରି କହୁଥିଲା, ତାର ପ୍ରକୃତ କ୍ରୋଧ ଓ ଅଭିମାନ ହେଉଛି ତାର ବଡ଼ବାପା ରାଧାଚରଣଙ୍କ ଉପରେ, ଯିଏ କର୍ତ୍ତା ହୋଇ ଆସିଛନ୍ତି, ଜାଣ ମୋଓରି ଖାତିରରେ ନୁହେ ତ, ମୋଓରି ଡରରେ । ସେହି ବଡ଼ ବୁଢ଼ା ବାକ୍ସରୁ ଟଙ୍କା କାଢ଼ିଲେ ନାହିଁ, ଅଥଚ ସବୁଥିରେ ସମାଲୋଚନା କରି ବାଟଯାକ ଗାଳି ବାଛୁଚନ୍ତି । କଣ୍ଢାବାଡ଼ରେ ଲୁଗା ପକାଇ ସେ କଳିକୁ ନିମନ୍ତ୍ରଣ କରୁଛନ୍ତି ।

ରତିକାନ୍ତ ରାଧାଚରଣଙ୍କୁ କଣେଇଁ କଣେଇଁ ଚାହିଁଲେ । ଦେଖିଲେ, ଗୋଟିଏ ସବାରିର କଡ଼ରେ ସତୁରି ବର୍ଷର ଜଣେ ଦୁର୍ବଳ, ପାକୁଆ ଗୋରା ତକ ତକ ବୁଢ଼ା ବସି ପୁରୋହିତ, ଭଣ୍ଡାରି ଓ ନାହକଙ୍କୁ ଗୁନଗୁନ ସ୍ୱରରେ କଅଣ କହୁଛନ୍ତି । ବେଳେ ବେଳେ ସୁଧାକରଙ୍କୁ ଓ ସତ୍ୟପ୍ରିୟଙ୍କୁ ଚାହୁଁଛନ୍ତି । ସବାରି ପାଖରୁ ଅଳପ ଦୂରରେ ଆମ୍ବଗଛର ଗଣ୍ଡିକୁ ଆଉଜି କ୍ଲାନ୍ତ

ଝିସକେତନ ଘୁମାଉଛନ୍ତି । ଆଉ ଗୋଟିଏ ଗଛକୁ ଆଉଜି ଗୋଡ଼ ଲମ୍ବାଇ ସତ୍ୟପ୍ରିୟ ଆଖି ବୁଜି ବୋଧହୁଏ ଶୋଇଛନ୍ତି ।

ସୁଧାନିଧି କହିଲେ, ଦେଖିଲୁ ସେ ବୁଢ଼ାଙ୍କୁ ? ସେ ଜଣେ ଖିଷଣ ଲୋକ । କଅଣ ଚକ୍ରାନ୍ତ କରୁଥିବେ । ଆରେ ଭାଇ ! ବରର କର୍ତ୍ତା ହୋଇ ସେ ଆସିଛନ୍ତି, ଅଥଚ ଷଡ଼୍‌ଯନ୍ତ୍ର କରୁଛନ୍ତି, ସତରେ ଯଦି ବର ଫେରିଯାଏ, ସେ ଲଙ୍କାଗଡ଼ ଜିଣିବେ, ସତ୍ୟପ୍ରିୟ ଓ ତାର ବୋଉଙ୍କୁ ସେ ବୁଦ୍ଧି ଶିଖାଇବେ । ତେଣୁ, ରେ ଭାଇ ! ବର ଫେରିବ ନାହିଁ । ଯାହା ଅପମାନ ମିଳିବାର ମିଳି ସାରିଲାଣି, ଦୈହିକ ଓ ମାନସିକ ଦୁଃଖ ଆମେ ସହି ସାରିଲୁଣି । ଏ ବାହାଘର ନିଶ୍ଚୟ ହେବ ।

ସତ୍ୟପ୍ରିୟ ମନା କରୁଛି ?

ହଇରେ, ଯିଏ ବାହା ହେବ ବୋଲି ସବୁ ଆୟୋଜନ କରିଛି, ବରବେଶ ପିନ୍ଧି ପାଲିଙ୍କିରେ ବସି ଏତେ ବାଟ ଏଡ଼େ ଉତ୍ସାହରେ ଆସିଛି, ସେ କଅଣ ମନ ଖୁସିରେ ଶିଶୁପାଳ ହୋଇ ଫେରିଯିବାକୁ ଆସିଚି ?

ସୁଧାନିଧିଙ୍କର ଉତ୍ତରରେ ରତିକାନ୍ତର ମନ ମାନିଲା ନାହିଁ । ପ୍ରତିବାଦ କରିବାକୁ ସେ ଆଗ୍ରହୀ ହେଲେ ନାହିଁ । କେଉଁ ପାଣି କେଉଁ ସୁଅରେ ଯାଉଛି ସେଇଆ ଦେଖିବାକୁ ସେ ଅପେକ୍ଷା କରି ରହିଲେ ।

କଥାର ଗତି ବଦଳାଇ ସୁଧାନିଧି କହିଲେ, ସତ୍ୟପ୍ରିୟର ସମସ୍ୟା ଅପେକ୍ଷା ଝିସକେତନର ସମସ୍ୟା ବଳେଇ ପଡ଼ିଲାଣିରେ ରତିକାନ୍ତ, ମୁଁ ତ କହିବି ସେ ପ୍ରକୃତରେ ପାଗଳ ।

କାହିଁକି, ତାର ପୁଣି କଅଣ ହେଲା ? କେତେବେଳେ ସେ ଆସିଲା ମୁଁ ତାକୁ ପଚାରି ପାରିନାହିଁ ।

କାଲିଠାରୁ ସେ ଆସିଲଣି । ବରଯାତ୍ରୀଙ୍କ ସଙ୍ଗରେ ସେ ଏଠାକୁ ଆସିଛି । ସତ୍ୟପ୍ରିୟକୁ ସାନ୍ତ୍ୱନା ଦେବାରେ ଓ ସମ୍ଭାଳିବାରେ ମୋତେ ସେ ସାହାଯ୍ୟ କରୁଛି । କାଲି ସନ୍ଧ୍ୟାରୁ ଗତ ପାହାନ୍ତା ଯାଏ ବାଟରେ ସତ୍ୟପ୍ରିୟ କେତେ କମ୍ ନାଟ ଲଗାଇଛି ? କିଏ କଅଣ ସମାଲୋଚନା କଲେ ପାଲିଙ୍କି ଅଟକାଇ ଓହ୍ଲାଇ ପଡ଼ୁଛି । କହୁଛି, ନା ମୁଁ ଯିବ ନାହିଁ, କନ୍ୟାର ଉପଯୁକ୍ତ ପାତ୍ର ମୁଁ ନୁହେଁ, ଆମେ ଫେରିଯିବା ।

ରତ୍ନକାନ୍ତ କହିଲେ, ତେବେ ତ ତାର ମସ୍ତିଷ୍କବିକୃତି କାଲିଠାରୁ ହେଲଣି, ତଥାପି ତୁ କହୁଛୁ ଏ ବାହାଘର ହେବ ?

ହେବ ରେ ହେବ । ତାର ସେଇଟା ମସ୍ତିଷ୍କବିକୃତି ନୁହେଁ । କବି ଲୋକ, ଭାବପ୍ରବଣ, ମନରେ ତାର ଦୁଃଖ ଯେ ଆୟୋଜନ ସନ୍ତୋଷଜନକ ହେଲା ନାହିଁ । ବରବେଶ ହୋଇ ଏଠାକୁ ଆସିବା ଆଗରୁ ସେ ମାଉସୀଙ୍କୁ ଧରି କାନ୍ଦି କାନ୍ଦି ହୋଇ କାନ୍ଦିଲା । କହିଲା, ମୋ ବାପା ଯଦି ଆଜି ବଞ୍ଚି ଥାଆନ୍ତେ ! ଆରେ ରତ୍ନକାନ୍ତ ' ସେ ଗୋଟିଏ କରୁଣ ଦୃଶ୍ୟ । ମଉସା ବୋଧହୁଏ ପନ୍ଦର କି ଷୋଳ ବର୍ଷ ଆଗେ ସ୍ୱର୍ଗାରୋହଣ ହୋଇଥିଲେ । ସତ୍ୟପ୍ରିୟର ସେ କଥା ମନେ ପଡ଼ିଲା । ମାଆ ପୁଅ ଦିହେଁ କୁଣ୍ଢାକୁଣ୍ଢି ହୋଇ କାନ୍ଦିଲେ । ମୁଁ ସେମାନଙ୍କୁ ବୁଝାଇ ଅଲଗା କଲି । ହଂସକେତନ ମୋତେ ସାହାଯ୍ୟ କରିଥିଲା । ବାଟଯାକ ସେ ହିଁ ସତ୍ୟପ୍ରିୟକୁ ବୁଝାଇ ପୁଣି ପାଲିଙ୍କିରେ ବସାଇଛି ।

ରତ୍ନକାନ୍ତ ଅନ୍ୟମନସ୍କ ହେଲେ । ପେଟ ଭିତରୁ ଯେଉଁ କୋହ ଉଠିଲା ସେଥିରେ ତାଙ୍କର ନାକପୁଡ଼ା ଓ ନଶ୍ୱାସ ଥରି ଉଠିଲା । ଆଖିରୁ ଅମାନିଆଁ ଲୁହ ଝରି ଆସିଲା । ପକେଟରୁ ରୁମାଲ ଟାଣି ସେ ଆଖି ପୋଛିଲେ । ସୁଧାନିଧି କୌଣସି ପ୍ରଶ୍ନ ପଚାରିବା ଆଗରୁ ସେ କହିଲେ, ସେମିତି ଦୁଏ ରେ ସୁଧାନିଧି ' ଠିକ୍ ସେହିବେଳଟରେ ମୋ ଆଖିରୁ ବି ଲୁହ ଝରିଥିଲା । କେବଳ ବାପା ନୁହନ୍ତି ରେ, ମୋ ବୋଉ ବି ମୋର ମନେପଡ଼ିଲା । ହାତଗଣ୍ଠି ପଡ଼ିଲା ବେଳେ ବି ସେଇଆ ହେଲା ।

ଏବେ ବୁଝିପାରୁଛୁ ସତ୍ୟପ୍ରିୟର ମନର ଅବସ୍ଥା ? ପକେଟରୁ ତୋର ଚିଠି ଖଣ୍ଡିଏ ଖସି ପଡ଼ିଲାରେ :

ରତ୍ନକାନ୍ତ ତଳକୁ ଚାହିଁଲେ, ରୁମାଲ ଓଟାରିଲା ବେଳେ ସୁନ୍ଦର ପକେଟରୁ ଲଫାପାଟି ତଳେ ଖସିପଡ଼ିଛି । ତା ଉପରେ ତାଙ୍କର ନବ-ପରିଣୀତା ବଧୂ ସୁଧାମୟୀଙ୍କ ଠିକଣା ଲେଖା ହୋଇଛି । ଲଫାପା ଭିତରେ ଯାହା ଅଛି ମନେ ପଡ଼ିବାରୁ ମନକୁ ମନ ସେ ଲଜ୍ଜିତ ହେଲେ । ବିଚାରିଲେ, ଭୁଲ ବଶତଃ ସେ ପକେଟରେ ରଖିଦେଇଛନ୍ତି । ବାକ୍ସ ଭିତରେ ଲୁଚାଇ ଦେଇଥିଲେ ଭଲ ହୋଇଥାନ୍ତା । ଏଣୁ ତେଣୁ କେତେ କଅଣ ସେ ଗାରେଇ ପକାଇଥିଲେ, ବରଂ ଚିରିଦେଲେ ନିରାପଦ ।

ଚିରିବାକୁ ହାତ ବଳିଲା ନାହିଁ । ମନ-ଗହନରେ ଲଜ୍ଜାବତୀ ସୁଧାମୟୀ ଠିଆହୋଇ ଅଳି କଲେ—ମୋ ଚିଠି ମତେ ଦିଅ, ଚିରିବ କାହିଁକି ?

ରବିକାନ୍ତ ପତ୍ରଟିକୁ ଯଥାସ୍ଥାନରେ ରଖି ପଚାରିଲେ, କିନ୍ତୁ ଏକ୍‌ସିଡେଣ୍ଟନର ପ୍ରବ୍ଲେମ୍‌ଟି କଅଣ କହିଲୁ ନାହିଁ ଯେ ? ସେ ଭାରି ଏକଜିଦିଆ ଟୋକା । ସେ ଭାବୁଛି ବୋଧହୁଏ—ତାର ମନରେ ଯେଣୁ ପାପଚିନ୍ତା ନାହିଁ, ଯେହେତୁ ସେ ନୈତିକ ବଳରେ ବଳିଆର—

ସୁଧାନିଧି ରବିକାନ୍ତଙ୍କର ଅଧାବାକ୍ୟ ଶେଷକରି କହିଲେ, ତାର କେହି କିଛି କରି ପାରିବେ ନାହିଁ । ସେ କହୁଥିଲା— ସାହିର କେତେଜଣଙ୍କ ସଙ୍ଗରେ ତାର ପୁଣି ବଚସା ହୋଇଥିଲା ସେହି ହତଭାଗିନୀ ଘରବାଲୀ କମଳା ବିଷୟରେ । ସେମାନେ ତାକୁ ଚହଟଉଛନ୍ତି ଯେ ସାତଦିନ ମଧ୍ୟରେ ଯଦି ସେ ଘରଛାଡ଼ି ଚାଲି ନ ଯାଏ, ସେମାନେ ତାର ହାଡ଼ଗୋଡ଼ ଭାଙ୍ଗି ଚୂନା କରି ଦେବେ ।

ସେ ଚାଲି ଯାଉନାହିଁ କାହିଁକି ?

କହୁଛି ସେ ନିର୍ବୋଧ, ଯାହା ହେବାର ପଛେ ହେଉ, ସେ ପରାଜୟ ସ୍ୱୀକାର କରିବ ନାହିଁ । ସେ ବି କୁଆଡ଼େ ଲଢ଼ାଲଢ଼ି ପାଇଁ ପ୍ରସ୍ତୁତ ହେଲାଣି । ସେହି ସାହିର କେତେଜଣ ଲଫଙ୍ଗା ଟୋକାଙ୍କୁ ସେ ହାତ କଲାଣି । ଏପରି ଅଯଥା ବୀରତ୍ୱରେ କି ବାହାଦୁରୀ ଅଛି ? ଯେତେ ତାକୁ ବୁଝାଇଲେ ସେ ବୁଝିବାକୁ ନାରାଜ । ପାଗଳାମି ନୁହେଁ ତ ଏ ସବୁ ଆଉ କଅଣ ?

ରବିକାନ୍ତ କହିଲେ, ମୋର ମନେ ହେଉଛି, ସେ ଆଉ କଅଣ ! ଯେତେ ନୀତିବାଦୀ ବୋଲି ନିଜକୁ ସେ ପ୍ରଚାର କରୁ,

ଯେତେ ଧର୍ମଶାସ୍ତ୍ର ପଢ଼ି ସେ ମୁଖସ୍ଥ କରି ଆବୃତ୍ତି କରୁ ଓ ଆଲୋଚନା କରୁ, ନିଶ୍ଚୟ ସେ ବୁଡ଼ ବୁଡ଼ ପାଣି ପିଇଛୁ ।

ସେପରି ସନ୍ଦେହ ମୁଁ କରିପାରେ ନାହିଁ ରତିକାନ୍ତ, କାରଣ ଝଂସକେତନ ଏବେ ପିଆଜ ରସୁଣ ବି ଛାଡ଼ି ଦେଲଣି । ଚାଉଳ ଡାଲି ପରିବା ଲଙ୍କା ଲୁଣ ଏକାଠି ସିଝାଇ ବେଳାଏ ରାନ୍ଧି ସେ ଦୁଇବେଳା ଖାଉଛୁ । ସେ ଗୋଟିଏ ଭାବପ୍ରବଣ ପାଗଳ !

ରତିକାନ୍ତ ଆଉ ଆଲୋଚନାକୁ ବଢ଼ାଇଲେ ନାହିଁ । ଝଂସକେତନଙ୍କର ନିଦ ଭାଙ୍ଗିଲା । ସତ୍ୟପ୍ରିୟ ସଳଖି ବସିଲେ । ଆଖି ଖୋଲିଲେ । ଦୁଇହାତ ଉପରକୁ ଟେକି ଭିଡ଼ମୋଡ଼ ହୋଇ ଅଳସ ଭାଙ୍ଗିଲେ । ଭଣ୍ଡାରୀ ତାଙ୍କୁ ଲକ୍ଷ୍ୟ କରି କୋଠାଏ ପାଣି ନେଇ ତାଙ୍କ ପାଖରେ ଉପସ୍ଥିତ ହେଲା । କିଏ ଜଣେ ପଇଡ଼ ଓ ଗିଲାସ ଧରି ତାଙ୍କ ନିକଟକୁ ଧାଇଁଗଲା ।

* * *

ଖରାଧାସ କମିଲା । ନିଜେ ଚନ୍ଦ୍ରମଣିବାବୁ ଓ ଆଉ କେତେଜଣ କିଏ ଗ୍ରାମରୁ ଆସି ତୋଟାରେ ପହଞ୍ଚିଲେ । ଚନ୍ଦ୍ରମଣି ବାବୁଙ୍କର ବୟସ ପଚାଶରୁ ଅଧିକ ହେବ । ଗୌର, ସ୍ୱାସ୍ଥ୍ୟବାନ ଡେଙ୍ଗା ପୁରୁଷ । ବଡ଼ ବଡ଼ ଗୋଛାଳିଆ ନିଶ । ରତିକାନ୍ତଙ୍କର ହାତଧରି ସେ ପଚାରିଲେ, ସବୁ ଭଲ ତ ? ଆଜ୍ଞା ହଁ ଉତ୍ତର ଶୁଣି ସେ କହିଲେ, କାହିଁକି କଅଣ ତାର ହୋଇ ଯାଇଥିଲା ସେଥିକୁ ଚିନ୍ତା ନାହିଁ ।

ସତ୍ୟପ୍ରିୟ ମୁହଁ ଧୋଇ ମୁହଁ ପୋଛୁଥିଲେ । ଝୁସକେତନ ଓ ସୁଧାନଧି ତାଙ୍କର ପାଖରେ ଠିଆ ହୋଇଥିଲେ । ଭଜନବନ୍ଧୁ ହସାହସି ହୋଇ କଣ ଆଳାପ କରୁଥିଲେ । ଚନ୍ଦ୍ରାମଣି କହିଲେ, ଜାଣନ୍ତି, ଚନ୍ଦ୍ରମଣି ଦାଦାଙ୍କର ଛଅଟି ଝିଅ । ତାଙ୍କ ତଳଭାଇ ଇନ୍ଦ୍ରମଣିଙ୍କର ପାଞ୍ଚଟି ତଳେ ଏବେ ପୁଅଟିଏ ହୋଇଛି । କଳକାଠି ସବା ବଡ଼ । ଗୋଟିଏ ଗୃଜଳରେ ଗଢ଼ା । ସତ୍ୟପ୍ରିୟଙ୍କ ପରି ସୁନ୍ଦର ସ୍ୱାସ୍ଥ୍ୟବାନ ପିଲାକୁ ସେ ମାନବ । ଚନ୍ଦ୍ରମଣିଦାଦା ତାଙ୍କର ବହୁତ ପ୍ରଶଂସା କରୁଥିଲେ । ମୁଁ ବି ସେଇଆ ଦେଖୁଛି ।

ରତିକାନ୍ତ ଉତ୍ତର ଦେଲେ ନାହିଁ । ଚନ୍ଦ୍ରାମଣିବାବୁ କର୍ତ୍ତା ରାଧାଚରଣଙ୍କ ପାଖକୁ ଯାଇ ନମସ୍କାର କଲେ । ବୃଦ୍ଧ ଉଠି ଠିଆ ହେଲେ । ଚନ୍ଦ୍ରାମଣି କହିଲେ, ଖରାଧାସ କମିଲାଣି ଆଜ୍ଞା, ଆଉ ଡେରି କରନ୍ତୁ ନାହିଁ । ଆପଣମାନେ ସମସ୍ତେ ଉପାସରେ ପଡ଼ିଛନ୍ତି । ବାଟ ବି ଖୋଜ । ବର ଯାଇ ଶୀଘ୍ର ପହଞ୍ଚିଗଲେ, ବାଟବରଣ, ଫୁଲଚନ୍ଦନ କାମ ସାରିବାକୁ ବେଶୀ ଡେରି ଲାଗିବ ନାହିଁ । ସେଇଠୁ ମହାପ୍ରସାଦ ସେବା । ସବୁ ପ୍ରସ୍ତୁତ ହୋଇ ରହିଛି ।

ରାଧାଚରଣ କହିଲେ, ଆଉ ଡେରି କାହିଁକି ହେବ ? ସବୁ ଯଦି ଭଲରେ ଭଲରେ ଗଲା ଥାଆନ୍ତା ଏତେବେଳକୁ ବରକନ୍ୟା ବଦାବନ୍ଧ ହୋଇ ସାରନ୍ତେଣି ।

ଚନ୍ଦ୍ରାମଣି ପଚାରିଲେ, ସତ୍ୟପ୍ରିୟ ଆପଣଙ୍କର ଭାଇମାନଙ୍କର ପୁଅ । କାହିଁକି ଏପରି ହେଲା ? ପିଲାଦିନେ କଅଣ ସେ ଆଉ଼ବାଇଆ ଥିଲା ?

ରାଧାଚରଣ କହୁଥିଲେ, ତା' ବାପା ହରିଚରଣ, କଅଣ କହିବାକୁ ବସିଥିଲେ, ତାଙ୍କର ଦୃଷ୍ଟି ପଡ଼ିଲା ରତିକାନ୍ତଙ୍କ ଉପରେ । ସୁଧାନିଧି ତାଙ୍କର ଆଡ଼କୁ ମୋହିଁଛନ୍ତି । କଥା ଟିକାକନେଇ ବୃଦ୍ଧ କହିଥିଲେ, ହରିଚରଣ ଯବାନ୍ ବୟସରେ ଭୁଲିଗଲା । ସତ୍ତୁ ସେତେବେଳେ ଧନ ଏଗାର ବର୍ଷର ଥିଲା । ହଟ୍ଟେ ଗେରର ରହି ପାଠ ପଢ଼େ । ସେହି ତ ମୋ କୁଳର ରତ୍ନ '

ସୁଧାନିଧି ପାଖକୁ ଆସି ସାରିଥିଲେ । ତାଙ୍କର ଉପସ୍ଥିତି ବୋଧହୁଏ ବୃଦ୍ଧଙ୍କୁ ସତର୍କ କରିଦେଲା । ରତିକାନ୍ତ ଅନୁଭବ କଲେ ଯେ ବୃଦ୍ଧ କଥାର ଗତି ବଦଳାଇ ଦେଲେ ! କଅଣ ସେ କହିବାକୁ ଯାଉଥିଲେ ତାହା ଚିରକାଳ ପାଇଁ ଅବୁଝା ରହିଗଲା । ସେ କଅଣ କହିବାକୁ ଚାହୁଁଥିଲେ ଯେ ସତ୍ୟପ୍ରିୟ ପିତା ହରିଚରଣ ବାଇଆ ଅବା ଆଉବାଇଆ ଥିଲେ, ସେହି କାରଣରୁ ସେ ଅଧାବୟସରେ ଆଖି ବୁଜିଲେ ?

ରାଧାଚରଣ ଯଦି ତାଙ୍କର ବାକ୍ୟଟି ଶେଷକରି ପାରି ଥାଆନ୍ତେ ! ଯଦି ରତିକାନ୍ତ ଚିନ୍ତାମଣିଙ୍କ ପାଖରେ ଠିଆ ହୋଇ ନ ଥାନ୍ତେ, ଅବା ସୁଧାନିଧି ସେମାନଙ୍କ ପାଖକୁ ଧାଇଁ ଆସି ନ ଥାନ୍ତେ, ଯେଉଁଥି ସକାଶେ ବୃଦ୍ଧ ତାଙ୍କର ବାକ୍ୟର ଗତି ବଦଳାଇ ଦେଲେ, ସତ୍ୟପ୍ରିୟ ଓ କଳକାଙ୍କର ଜୀବନର ଗତି ଭିନ୍ନ ପଥ ଧରି ଥାଆନ୍ତା !

ଏ ଧାରଣା ରତିକାନ୍ତଙ୍କର ଜୀବନର ଚଳନରେ ବାରମ୍ବାର ମନକୁ ଦୋହଲାଇଛି । ଏହି ବାର୍ଦ୍ଧକ୍ୟରେ ଠିଆହୋଇ ପଛଆଡ଼କୁ

ଅତୀତକୁ ମାନସଚକ୍ଷୁ ଫେରାଇ ଗୁହିଁ ବଭିନ୍ନ ଘଟଣାର କାରଣ ଖୋଜି ସେ ଗୋଲକ ଧନ୍ଦାରେ ପଡ଼ୁଛନ୍ତି ।

କାରଣଗୁଡ଼ିକ ମଧ୍ୟ କେତେ କେତେ ଘଟଣାର ପ୍ରଭାବର ସମଷ୍ଟି, ଏହା ସେ ଅନୁଭବ କରୁଛନ୍ତି, ସବୁ ଘଟଣାର ଚକ୍ଷରେ ମଧ୍ୟ ବହୁବଧ କାରଣ ବର୍ତ୍ତମାନ । କାରଣ-କାରଣ-କାରଣ ! କାହିଁ ଅଛି ସେଗୁଡ଼ିକର ମୂଳ ? କିଏ ଖୋଜି ନିର୍ଣ୍ଣୟ କରିପାରିବେ ? ବଚଳତ ମଣିଷ ତାର ସବୁ ବଦ୍ୟା, ବୁଦ୍ଧି, ଜ୍ଞାନ, ଚିନ୍ତା ଓ ଆଚରଣ ସତ୍ତ୍ୱେ ନଜକୁ ନଃସହାୟ ମଣେ । ଅବୋଧ ନୟୃତ ଆଡ଼କୁ ସପ୍ରମାନସରେ ଗୁହେଁ । ଉଦ୍ଦେଶ୍ୟ ସାଧନ ପାଇଁ ନଜର ଉଦ୍ୟମରେ ଆପ୍ରାଣ ଲାଗିପଡ଼େ ।

* * *

ନୟୃତର ଡୋର ସତ୍ୟପ୍ରିୟଙ୍କୁ ଟାଣି ନେଇଥିଲା ଆଗକୁ, ମରଣ-ଯଜ୍ଞର କୁଣ୍ଡ ପାଖକୁ । ରହିପୁରର ସେହି ଅଭୂଲା ଆମ୍ବ-ତୋଟାରେ, ବଣ୍ଟଣ୍ଡି ଅପରହ୍ନରେ ସଙ୍ଗେ ସଙ୍ଗେ ତତ୍ପରତା ଜାଗି ଉଠିଲା । କନ୍ୟାଘରକୁ ବରକୁ ନେବାକୁ ସମସ୍ତେ ନଜ ନଜର ପ୍ରସ୍ତୁତରେ ଲାଗିଗଲେ । ଆଉଥରେ ଚନ୍ଦନପାଟୀ କପାଳରେ ଲଗାଇ, ନୂଆ ଲୁଗା, ନୂଆ ପଞ୍ଜାବୀ ପିନ୍ଧି, ବେକରେ କର୍ପୂରମାଳ ଦେଇ ସତ୍ୟପ୍ରିୟ ସଜ୍ଜିତ ହେଲେ । କୁଶଳୀ ସୁଧାନିଧିଙ୍କୁ ସବୁ ଯୋଗାଡ଼ କରିବାକୁ ବେଶୀ ବେଳ ଲାଗିଲା ନାହିଁ ।

ସତ୍ୟପ୍ରିୟ ବରବେଶରେ ବେଶ୍ ସୁନ୍ଦର ଦିଶୁଥିଲେ । କୌଣସି ହାସ-ଦୃଷ୍ଟିରେ ସେ ମୁହଁ ଖୋଲୁ ନ ଥିଲେ । ସୁଧୀର

ପିଲଟି ପରି ସେ ବୋଲ ମାନୁଥିଲେ, ସତେକି ତାଙ୍କ ପାଖରେ ଡର ଡର ହୋଇ ବସିଥିବା ଆଠ ନଅ ବର୍ଷର ମାକୁଣ୍ଡି ପିଲଠାରୁ ବି ସେ ଅଧିକ ସରଳ, ଅଧିକ ନିରୀହ। ସେ ଆଖି ମିଟି ମିଟି କରୁଥିଲେ କିଛି ନ ଜାଣିଲା ପରି, କିଛି ନ ବୁଝିଲା ପରି। ସେ ବୁଲି ବୁଲି କରି ଚାରିଆଡ଼କୁ ଚାହୁଁଥିଲେ ସତେ ଅବା ତାଙ୍କର ସେହି ଦୁର୍ବଳ-ଦୃଷ୍ଟି ପ୍ରକାଶ କରୁଥିଲା—ମୁଁ ତମର ଖେଳ-କଣ୍ଢେଇ ହୋଇଛି, ତମର ଯାହା ଖୁସି ତାହା କର।

ଖରା ନଇଁ ନଇଁ ଆସୁଥିଲା। ପବନର ଗତି ଥିଲା ସ୍ଥିର। ଆର୍ଦ୍ର ଗରମ। ସେହି ଗରମର ପ୍ରଖରତାକୁ ବର-ପଟୁଆରର ଜନଗହଳି ଅଧିକ ବଢ଼ାଇ ଦେଇଥିଲା। ବରପକ୍ଷର ଓ ତା ସଙ୍ଗେ ଆସି ଯୋଗ ଦେଇଥିବା କନ୍ୟାପକ୍ଷର ବାଇଦବାଜାର ଗହଳ ଭିତରେ ଉତ୍ତପ୍ତ, କ୍ଲାନ୍ତ, କୋଳାହଳ ପରିବେଶ। ସମସ୍ତେ ଅନାଇଁ ରହିଥିଲେ। ଦେହରୁ ଗମଗମ ଝାଳ ବୋହି ପଡ଼ୁଥିଲା।

ବର ପାଲିଙ୍କିର ଦୁଇକଡ଼ରେ ଚାଲି ଚାଲି ଯାଉଥିଲେ ସୁଧାନିଧି ଓ ଝଙ୍କାରକେତନ। ସେକ ଉପାସରେ ଅଧାପ୍ରାଣ ହୋଇଥିବା ରତିକାନ୍ତ ତାଙ୍କର ସାଇକଲଟି ନିଜେ ଗଡ଼ାଇ ଧୀରେ ଧୀରେ ଚାଲୁଥିଲେ। କେତେବେଳେ କର୍ତ୍ତାଙ୍କ ଶବାସି ଓ ପୁରୋହିତଙ୍କ ଶବାସି ପଛରେ ପଡ଼ୁଥିଲେ। ପୁଣି କେତେବେଳେ ବରପାଲିଙ୍କିର କଡ଼କୁ, ସୁଧାନିଧିଙ୍କ ପାଖକୁ ଆସୁଥିଲେ। ସେ ମନେ କରୁଥିଲେ, କୋଉଁଠି କେଉଁ ଉପୁରେ ସୁଧାନିଧି ସତ୍ୟପ୍ରିୟଙ୍କୁ ଜଗି ରହିଥିଲେ।

ସତ୍ୟପ୍ରିୟ ଦୀର୍ଘ ନିଶ୍ୱାସ ଛାଡୁଥାନ୍ତି । ବେଳେ ବେଳେ ସେ ଆଖି ବୁଜି ସଳଖି ବସୁଥାନ୍ତି । କଙ୍କଡାବିଛା ଲାଞ୍ଜ ମାରିଲା ପରି ଚହଙ୍କି ଉଠି ବଲବଲ କରି ଚାହୁଁଥାନ୍ତି । ସୁଧାନିଧି ବାହୁ ବିସ୍ତାରି ସତ୍ୟପ୍ରିୟଙ୍କର ହାତ ଧରି ସାମାନ୍ୟ ଚିପି ଦେଉ ଥାଆନ୍ତି, ସତ୍ୟପ୍ରିୟଙ୍କର ମୁହଁକୁ କଟମଟ କରି ଚାହୁଁଥାନ୍ତି । ସତ୍ୟପ୍ରିୟ ଆଖିବୁଜି ଶିହରି ଉଠନ୍ତି, ନିଶ୍ଚଳ କାଠ-ମୂର୍ତ୍ତିପରି ବସି ରହନ୍ତି । କ୍ଷଣକ ପରେ ଆଖି ଖୋଲି ମିଟି ମିଟି କରି ଚାହାଁନ୍ତି ।

କନ୍ୟାଘର ଆଗରେ ପାଲିଙ୍କି ଅଟକିଲା । ରତିକାନ୍ତ ତାଙ୍କର ସାଇକେଲ ଖଣ୍ଡିକ ଦାଣ୍ଡକଡ଼ର ଗୋଟିଏ ନଡ଼ିଆ ଗଛକୁ ଆଉଜାଇ ତାଲା ପକାଇଲେ । ଆଗରେ ରନ୍ପୁର ଜମିଦାରଙ୍କ ଘର । ବିସ୍ତୀର୍ଣ୍ଣ ଦାଣ୍ଡର କଡ଼ରେ ତିରିଶ ହାତ ହେବ ଘର ଲମ୍ବି-ଯାଇଛି । ସାତଖଣିଆ ବିରାଟ ଚାଳଘର । ଆଗରେ ଚାରିହାତ ଚଉଡ଼ାର ପିଣ୍ଡା, ପୁରୁଷେ ଉଚ୍ଚ । ସେହି ପିଣ୍ଡାରେ କେତେ ପାହାଚ ଓ ପାହାଚ ଉପରେ ଦରଜା, ଭିତରେ ହେଲା ବିଭିନ୍ନ କୁଟୁମ୍ବର ଭିନ୍ନ ଭିନ୍ନ ଖଞ୍ଜାର ସୂଚନା ।

ଜନଗହଳି ପାଖେଇ ଆସିଲା । ସେତେବେଳେ ଅସ୍ତଗାମୀ ସୂର୍ଯ୍ୟର ଶେଷ ସ୍ୱର୍ଣ୍ଣାଭ ରେଖା ବୃକ୍ଷରାଜି ଓ ଘରର ମଥାନ ଉପରେ ପଡ଼ି ଶେଷବିଦାୟ ମାଗୁଥାଏ । ଜମିଦାର ଘରର ଚଉଡ଼ା ବାରଣ୍ଡା ଉପରେ ସେହି ଘରର ଓ ଗ୍ରାମର କେତେ ସ୍ତ୍ରୀ, ପୁରୁଷ, ବାଳକ, ବାଳିକା ରୁଣ୍ଡ ହୋଇ ବରକୁ ଦେଖିବାକୁ ଆଗ୍ରହୀ ହୋଇ ଚାହିଁ ରହିଥାଆନ୍ତି ।

ରତିକାନ୍ତ ଗହଳ ଭିତରେ ପଶି ପାଲିଙ୍କି ପାଖକୁ ଗଲେ।

ହାତଁବରଣ।

ଚନ୍ଦ୍ରମଣି, ତାଙ୍କର ଅନୁଜ ଇନ୍ଦ୍ରମଣି, ଚିନ୍ତାମଣି ଏବଂ କନ୍ୟାପକ୍ଷର ଆହୁରି କେତେ ବୟସ୍କ, ତରୁଣ ଓ ବାଳକ ବାଳିକା ପାଲିଙ୍କିକୁ ଘେରିଗଲେଣି। ଶୁଭଶଙ୍ଖ ବାଜୁଛି। ନାରୀକଣ୍ଠର ହୁଳହୁଳିରେ କାନ ଅତଡ଼ା ପଡୁଛି। ପୁରୋହିତେ ମନ୍ତ୍ର ଉଚ୍ଚାରୁଛନ୍ତି। ଜ୍ୟୋତିଷେ ମଙ୍ଗଳାଷ୍ଟକ ବୋଲୁଛନ୍ତି। ରତିକାନ୍ତ ଆହୁରି ପାଖକୁ ଗଲେ। ସତ୍ୟପ୍ରିୟଙ୍କୁ ଗୁହାଁଳେ।

ଏ କଅଣ ହେଲା ? ସତ୍ୟପ୍ରିୟ ଉବ ଉବ କରି ଗୁହାଁଛନ୍ତି, ବେଳେବେଳେ ହୁଙ୍କାର ମାରି ଉଠୁଛନ୍ତି ଗୁଡିପିଡି ହେଉଛନ୍ତି। ସୁଧାନିଧି ଓ ଝସକେତନ ତାଙ୍କର ପିଠିକୁ ଦୁଇପାଖରୁ ଧରି ତାଙ୍କୁ ମାଡ଼ ବସାଉଛନ୍ତି। ସେ ଉହୁଙ୍କିବାକୁ ଚେଷ୍ଟା କଲାବେଳେ ନୃଶଂସ ସୁଧାନିଧି ଡାହାଣ ମୁଠାର ବୁଢ଼ା ଆଙ୍ଗୁଠିରେ ତାଙ୍କର ଅଣ୍ଟା ପାଖରେ ବେଶ ଯୋର୍‌ରେ ଗେବା ମାରୁଛନ୍ତି। ସତ୍ୟପ୍ରିୟ ନିଶ୍ଚଳ ହେଉଛନ୍ତି।

କନ୍ୟାପକ୍ଷର ଲୋକେ ବୋଧହୁଏ ସୁଧାନିଧିଙ୍କର କାର୍ଯ୍ୟ ଦେଖି ପାରୁ ନଥାନ୍ତି, କାରଣ ବିଧିବିଧାନ ପ୍ରକାରେ ହାତଁବରଣ କାମ ସମ୍ପନ ହେଉଅଛି। ସେମାନେ ବୋଧହୁଏ ମନେ କରୁଛନ୍ତି ଯେ, ଅତ୍ୟଧିକ ଗରମ ଓ କ୍ଳାନ୍ତି ପାଇଁ ସତ୍ୟପ୍ରିୟ ଝୋଲେଇଛନ୍ତି, ଅସୁସ୍ଥ ବୋଧ କରୁଛନ୍ତି, ପଣାପାଣି ପିଇଲେ, ମୁକ୍ତବାୟୁ ଦେହରେ ଲାଗିଲେ ସେ ସୁସ୍ଥ ହୋଇ ଉଠିବେ।

ଶୂନ୍ୟେ ଶୂନ୍ୟେ ଟେକିଲ୍ ପରି ଗୋଟିଏ ପାଖରେ ଝସକେତନ ଓ ଆରପାଖରେ ରତିକାନ୍ତ ବରଙ୍କୁ ପାହାଚ ପରେ ପାହାଚ ଉଠାଇ ମେଲ୍ ଘରକୁ ନେଉଥିଲେ । ସୁଧାନିଧି ପଛରେ ଥାଇ ଅନ୍ୟମାନଙ୍କ ଅଦେଖାରେ ବରଙ୍କର କଙ୍କାଳରେ ଘୁସି ମାରୁଥିଲେ । ରହି ରହି ସତ୍ୟପ୍ରିୟ ପାହୁଣ୍ଡ ଟେକୁଥିଲେ । ଦାଣ୍ଡଘରେ ଯେଉଁଠି ବରଙ୍କର ବସିବା ପାଇଁ ଆୟୋଜନ କରା ହୋଇଥିଲା ସେହିଠାରେ ତାଙ୍କୁ ବସାଇ ଦିଆଗଲା । ପାଖରେ ମାର୍କୁଣ୍ଡି ।

ପଣାପାଣି ଓ ତାଳପତ୍ର ପଙ୍ଖାର ବତାସରେ ସତ୍ୟପ୍ରିୟ ସୁସ୍ଥ ଅନୁଭବ କଲେ ପରା, ଆଖି ବୁଜି ମାର୍ଣ୍ଡିକୁ ଆଉଜି ଶ୍ରାନ୍ତ ହରଣ କରୁଣ ସେହି ବଡ଼ମାର୍ଣ୍ଡି ଉପରେ ସେ ମୁଣ୍ଡ ଲୋଟାଇ ବିଶ୍ରାମ ନେଲେ । ଖଞ୍ଜାଆଡ଼ର ମୁକୁଳା କବାଟ ବାଟେ ବର ଦେଖିବାକୁ ସେହି କୁଟୁମ୍ବର କେତେ ନାରୀ ସେହି ବଡ଼ କୋଠରୀ ଭିତରକୁ ପଶି ଆସିଥିଲେ । ରତିକାନ୍ତ ଦୃଷ୍ଟି ବୁଲାଇଲେ । ସେମାନଙ୍କ ମଧ୍ୟରେ ବୃଦ୍ଧା, ମଧ୍ୟବୟସୀ, ନବବଧୂ, ତରୁଣୀ ଓ ଅଳ୍ପ ବୟସ୍କ ବାଳକ-ବାଳିକା ଥିଲେ । କେଜାଣି କାହିଁକି, ଆହା-କାହାର କରୁଣ ଧ୍ୱନିରେ ପ୍ରକୋଷ୍ଠ ମୁଖରିତ ହେଲା । କାହାର କାହାର ଆଖିରେ ଲୋତକ ଛଳ ଛଳ ହେଲା । ସେ ଲୋତକ ଧାର ହୋଇ ଝରି ଆସିଲା ।

ସେତିକିବେଳେ ଚିନ୍ତାମଣିବାବୁ ବାହାର ପାଖର ଦାଣ୍ଡ-ବାଟେ ପ୍ରକୋଷ୍ଠ ଭିତରେ ପଶିଲେ । ସେ ବ୍ୟସ୍ତ ଓ ଉଦ୍‌ବିଗ୍ନ ଦିଶୁଥିଲେ । ତାଙ୍କର ଶ୍ୟାମଳ ମୁଖର ଲମ୍ବା ନାକ ଥରୁଥିଲା । ବାରମ୍ବାର ସେ କପାଳ ଉପରେ ହାତ ବୁଲାଇ ଝାଳ ପୋଛୁଥିଲେ ।

ତାଙ୍କର ଚଞ୍ଚଳ ଦୃଷ୍ଟି ବର, ମାରକୁଣ୍ଡି ଓ ବରକେଣ୍ଡାଙ୍କୁ ସ୍ପର୍ଶ କରି ସ୍ତ୍ରୀମାନଙ୍କ ଉପରେ ପଡ଼ିଲା । ସେ ବିରକ୍ତ ହୋଇ ଚେଙ୍କାରି ଉଠିଲେ, ଦରଜା ପାଖରେ ଭିଡ଼ ଜମାଇ ପବନର ବାଟ ରୁନ୍ଧି କାହିଁକି ଠିଆ ହୋଇଛ ?

ମଧ୍ୟବୟସର ମହିଳା ଜଣେ, ପରିହିତ ମୂଲ୍ୟବାନ ଶାଢ଼ୀର ପଣତରେ ଆଖି ପୋଛି ଉତ୍ତର ଦେଲେ, ତମର ଦାଦା ଦେଖି-ପରଖି କଲକାଙ୍କ ପାଇଁ ଯେଉଁ ବାଇଆ ବର ସ୍ଥିର କରି ଆଣିଛନ୍ତି, ତାଙ୍କୁ ହିଁ ଦେଖୁଛୁ ।

ଜଣେ ବୁଢ଼ୀ, ବୟସର ବୋଝରେ ତାଙ୍କର ଦୁର୍ବଳ ଦେହ ଅଣ୍ଟା ପାଖରୁ ନଇଁଛି, ସେ ଅଣ୍ଟା ସଳଖି କହିଲେ, ଲୁଅଟି ଝିଅ ଜନମ ଦେଇଛି ବୋଲି କ'ଣ ଚନ୍ଦ୍ରମଣି ପାବଣପରି ଝିଅକୁ ଯାହାର ପାରି ତାରି ବେକରେ ଝୁଲାଇ ଦେବ ? ତାକୁ ମୂଳିଆମୁହିଁଆ ଭଲ ଜୋଇଁଟିଏ ମିଳିଲା ନାହିଁ ।

ଜଣେ ତରୁଣୀ ସୀମନ୍ତରେ ସିନ୍ଦୂର ରେଖା, ଛଳ ଛଳ ଆଖିରେ କହିଲେ, କାଲି ଅପାର ପାଟିରେ ମୁଁ ଜହର ଦେବି ।

ଆଉମାନେ କେତେ ହାଣହାଣି କଥା କହିଲେ, ଶୁଣିବାକୁ ସୁଧାନିଧି ଓ ହରିକେତନ ଅପେକ୍ଷା କଲେ ନାହିଁ । ସେମାନେ ପ୍ରକୋଷ୍ଠରୁ ବାହାରି ପଡ଼ିବାକୁ ଲାଗିଲେ । ସେମାନଙ୍କର ପଛେ ପଛେ କଣ୍ଡାବୁଢ଼ା ବିଧାଚରଣ ମାର୍କୁଣ୍ଡିର ହାତ ଧରି ବାହାରି ଗଲେ । ନାରୀମହଲର ଆଲୋଚନା ଅବଶ୍ୟ ତାଙ୍କର କାନରେ ବାଜିଥିବ, ସମାଲୋଚନା ହୁଏତ ତାଙ୍କୁ ଆମୋଦିତ କରିଥିବ ।

—ହଁଲେ ମା, ସେହି ଯେଉଁ ବୁଢ଼ାଟା ବରର ବଡ଼ବାପ । ଭଦ୍ରଲୋକ ହାତରେ ଦି ହଜାର ଟଙ୍କା ନଗଦ ବାଟଖରଚ ନେବାକୁ ସେ ଖବର ପଠାଇଥିଲା । ଘଡ଼ ପଣକୁ ସରିଛି ଯେ ! ନିର୍ଲଜ ବାଇଆ ପୁଅଟାକୁ—

ଚିନ୍ତାମଣି କହିଲେ, ସମାଲୋଚନା ସେତିକି ଥାଉ । ସେଥିରୁ କଅଣ ଭଲ ମିଳିବ ? ଭୁଲ୍ ତ ହୋଇ ସାରିଛି । ଏପରି ତାକୁ ସୁଧାରିବାକୁ ହେବ ତାହାର ବିଚାର ତେଣେ କରାହେଉଛି । ଧୈର୍ଯ୍ୟଧର ! ବଡ଼ବ ବାଇଆ ବରଟିକୁ ପବନର ଗନ୍ଧ ଛୁଇଁବ ନାହିଁ ।

ମଧ୍ୟବୟସୀୟ ସେହି ତରୁଣୀ ଜଣକ ଅଳ୍ପ ଆଗେଇ ଆସିଲେ । ମଥାଉପରୁ ବସନ ଖସି ପଡ଼ୁଛି । ରାଗ ଗମଗମ ହୋଇ ସେ ବାକ୍ୟ ହାଣିଲେ—ନିଜ ମୁହଁରେ ତମେ ସବୁ ମାନୁଛଟି ସେଇଟା ବାଇଆ ବର ? କେଉଁ ବିଦାପରେ ଖେମଟା ନାଚୁଆ ବାଇଆଟାକୁ ଗାଁମୁଣ୍ଡ ତୋଟାରୁ ନିମନ୍ତ୍ରଣ କରି ଆଣିଲ ? ସବୁ ନାଟର ତମେ ହିଁ ଗୋବର୍ଦ୍ଧନ । ବଡ଼ିଲ ଝିଅର ନିଶ୍ବାସ ଯେ ନାଗସାପର ନିଶ୍ବାସ ସଙ୍ଗେ ସମାନ । ଅଳଙ୍କାର ବାହାଘର ଘଟଣା ମନେ ଅଛିଟି ? ଅଛା- ନକଲରେ କିଏ ଆସି ମୋ ଆଗରେ କହିଲା ଯେ ଗୋକୁଳାନନ୍ଦ ଠାଠାରେ ବଡ଼ ଇଞ୍ଜିନିୟର ହେଲେ କି ହେବ, ସେ କୁଆଡ଼େ ମଦ ଖାଇ ମାତାଲ ହୁଏ ।

ଚିନ୍ତାମଣି କହିଲେ—ଗତକଥା ମନେ ପକାଇବାର ବେଳକାଳ ଏ ନୁହେଁ । ଲେଖାରେ ଗୋକୁଳର ସାନଭାଇ ହୋଇ

ବର ପାଖରେ ବସିଛନ୍ତି ରତିକାନ୍ତ, ତାଙ୍କୁ ସେ ପୁରୁଣା ପୁରାଣ ଶୁଣାଅ ନାହିଁ ।

ଲାଜ ମାଡ଼ୁଛି କି ? ଗୋକୁଳ ମଦ ଖାଏ ଶୁଣି, ତମେ କର୍ତ୍ତା କନ୍ୟାଦାନ କରୁଥିଲ, ଦୁଷ୍ଟପୁ ବରଣ ପରେ ଛେଚା ଦେ ଡକା ଗୁଡ଼ିଥିଲ । ବର ପଛେ ଫେରୁ, ତମର ଗେଲବସର ଭଉଣୀକୁ ତାଙ୍କୁ ଦେବ ନାହିଁ ବୋଲି ଅଡ଼ି ବସିଥିଲ, ମନେ ନାହିଁ ?

ରତିକାନ୍ତଙ୍କ ଆଡ଼କୁ ଅନାଇଁ ସେହି ଉଗ୍ରମୂର୍ତ୍ତି ପଚାରିଲେ, ତମେ ତରଳେ ଗାଆଁରୁ ଆସିଛ ? ଗୋକୁଳର ପର ଭାଇ ଲେଖା ହେବ, ଏନକୁ ସେ କେତେ ମଦ ଖାଏ କହିଲ ?

ସତ୍ୟପ୍ରିୟ ଆଖି ଖୋଲି ଜୁଳୁ ଜୁଳୁ କରି ଅନାଇଁଲେଣି । ସେ ଦୁଇ ଚାରିଟି ଦୀର୍ଘଶ୍ୱାସ ଛାଡ଼ି ସଳଖି ବସିଲେଣି । ଭ୍ରୂକୋଞ୍ଚର ଦୁଇଟି ଦରଜା ଆଡ଼କୁ ସେ ଅନାଉଁଛନ୍ତି । ସୂର୍ଯ୍ୟ କେତେବେଳୁ ବୋଧହୁଏ ବୁଡ଼ି ସାରିଥିଲେ । ଘର ଭିତର ଅନ୍ଧାରୁଆ ଦିଶିଲାଣି । ରତିକାନ୍ତ ଉଠି ଠିଆହେଲେ । ହାତଯୋଡ଼ି ମୁଣ୍ଡରେ ଲଗାଇ ମହିଳାଙ୍କୁ ନମସ୍କାର କଲେ । କହିଲେ, ମଦ ତ ଦୂରର କଥା, ଗୋକୁଳଭାଇ ପାନ ବା ସିଗାରେଟ୍ କିଛି ଛୁଅନ୍ତି ନାହିଁ ।

ଆଜ୍ଞା ତମେ ?

ଅଲକା ଭାଉଜ ଦେଇଥିଲେ, ଦିନେ ମୁଁ ପାନଖଣ୍ଡେ ଖୁଆଇବା ପାଇଁ ଜିଦ୍ କରିଥିଲି । ସେତେବେଳେ ମୁଁ ବି. ଏ. ପଢୁଥିଲି । ଗୋକୁଳଭାଇ ମୋତେ କାନ ଧରାଇ ଝିଙ୍କଥର

ଉଠ୍‌ବସ ହେଉଥିଲେ । ସେହି ବଗରେ ଅଳକା ଭାଉଜ ସେହି ଦଳଟାରୁ ଟାଣକିଆ ଛୁଡ଼ି ଦେଲେ ।

ଦେଖିଲ ତ ଆମ ଗୋକୁଳ କେମିତିକା ଦିନ !

ଧଡ଼ୀ ବୁଢ଼ୀ ଅଣ୍ଟାସଳଖି କହିଲେ, କିଏ ଜାଣେ, ଏଇ ପାଠୁଆ ବରଟା କୁଅଡ଼େ ଓକିଲ ହେବ; କଟକରେ ଗଞ୍ଜେଇ, ଅଫିମ, ମଦ ଖାଉଥିବ । ବର ହୋଇ ଆସିବା ଆଗରୁ ଡାକ୍ତର ଙ୍କ ଚିଲମ ଗଞ୍ଜେଇ ଓଠାରେ ଦେଇଥିବ । ତାର ମନ୍ତ୍ର ବଟିଡ଼ରୁ । ତା ହାତରେ ଅଳକା ପରି ଝିଅକୁ ଦେବା ଯାହା, ତାକୁ କୁମ୍ଭୀରଙ୍କୁ ଠେଲିଦେବା ସେଇଆ । ଗୁଲ ଲୋ ! ଏଠାରେ ଠିଆ ହୋଇ ପାରୁସ କରୁଛ କାହିଁକି ? ଅଳକାର ମାଆ ତେଣେ ଦଣ୍ଡକ ଘଡ଼ି ମୂର୍ଚ୍ଛା ଯାଉଛି । ଅଳକା ବାହାଣାରେ ପଡ଼ିଛି ସେ ଉଡ଼ୁଛି, ଆଖି ଫିଟାଉ ନାହିଁ ।

ବୁଢ଼ୀଙ୍କର କଥା ଶୁଣି ସେମାନେ ଗୃହଚଳେ । କିଏ ଜଣେ ହାତ୍‌କୋଣ୍‌ ଅଲୁଅଟିଏ ଆଣି ସେ ଘରେ ଥୋଇ ଦେଇଗଲେ । ଚିନ୍ତାମଣି ବାବୁ ରତିକାନ୍ତର ହାତଧରି କହିଲେ, ତମେ କଟକରୁ ଧାଇଁ ଧାଇଁ ଆସିଛ, ଭୁଣ୍ଡରେ କିଛି ଦେଇ ନାହିଁ । ତମେ ବରଯାତ୍ରୀ ହୋଇ ଆସିଲେ କି ହେବ, ତମେ ତ ମୋର ବନ୍ଧୁ । ଗୁଲ, ତମକୁ ତମ ଭାଉଜଙ୍କ ପାଖରେ ଛାଡ଼ି ଦେଇ ଆସିବି । ସେ ତମର ଖବର ବୁଝିବେ ।

ପଚହିଂଶା ଲଭିବା ଆଗରୁ ପେଟରେ ହାକୁକରି ଟଳିଉଠେ, ଅତ୍ୟୁଚ୍ଚିପୂଙ୍କର ଜ୍ଞାନ ସେହିପରି ସହସା ଜଳିଉଠିଲା ।

ସେ ଉଠ୍ ଉଠ୍ ବସି ପଡ଼ିଲେ । ଧୀର କଣ୍ଠରେ କହିଲେ, ସୁପ୍ରାନନ୍ଦଧିଙ୍କୁ ଡାକ ଦେ ରତିକାନ୍ତ ! ଆଉ ବିଳମ୍ବ କରି ଲାଭ ନାହିଁ । ଯେଉଁମାନେ ଆମ ସଙ୍ଗରେ ଆସିଥିଲେ ସେମାନେ ଗ୍ରାନ୍ତଏ ଗ୍ରାନ୍ତଏ ବାହୁଡ଼ି ଯାଆନ୍ତୁ । ମୁଁ ତା ସଙ୍ଗରେ ଏଣେ ଏବେ କଟକ ଫେରିଯିବ ।

ଥକ୍କା ହୋଇ ଚନ୍ଦ୍ରାମଣି ଠିଆ ହୋଇ ରହିଲେ ।

ରତିକାନ୍ତ ବିହ୍ୱଳ ହୋଇ ବ୍ୟଥାଭରା ସ୍ୱରରେ ପଚାରିଲେ, ତୋର କଅଣ ହୋଇଛି ସତ୍ୟପ୍ରିୟ ?

ମୁଁ ପାଗଳ ହୋଇଛି ।

କାହିଁକି ଏପରି ହଠାତ୍ ହେଲା ?

ରତିକାନ୍ତଙ୍କର ପ୍ରଶ୍ନର ଉତ୍ତର ମୁହଁରେ ନ ଦେଇ ସତ୍ୟପ୍ରିୟ କେବଳ ଉପରକୁ ବାରମ୍ବାର ଅନାଇଥିଲେ । ଇଙ୍ଗିତରେ ବୋଧହୁଏ ସେ ସୂଚାଇଥିଲେ—ଭଗବାନଙ୍କର ଇଚ୍ଛା ଓ ନିୟତିର ନିର୍ଦ୍ଦେଶ । ସେହି ଦୁହିଁଙ୍କ ଉପରେ ଅଭିମାନ କରି ହେବ କିପରି, ସେ ଓଠରେ ହସ ଚହଟାଇ ଥିଲେ ।

କଅଣ ମନେକରି କେଜାଣି ଚନ୍ଦ୍ରାମଣି ଦ୍ରୁତପଦରେ ଅଗଣା ଭିତରକୁ ପଶିଲେ ।

ରତିକାନ୍ତ ପଚାରିଲେ, ଆଉ କେବେ ତୁ ଏପରି ଅସୁସ୍ଥ ହୋଇଥିଲୁ କି ସତ୍ୟପ୍ରିୟ ?

ସତ୍ୟପ୍ରିୟ ମୁହଁ ଖୋଲିଲେ ନାହିଁ ।

ଠିକ୍ ସେତିକବେଳେ ସୁଧାନିଧି ଓ ସୁସଂକେତନ କୋଠରି ଭିତରେ ପଶିଲେ, ତାଙ୍କ ପଛେ ପଛେ ସୁଧାଚରଣ ଓ ଅନ୍ୟମାନେ ।

କାନ୍ଦ କାନ୍ଦ ହୋଇ ସୁଧାନିଧି କହିଲେ, ବର ଫେରାଇ ନେବାକୁ ସେମାନେ ସିଦ୍ଧାନ୍ତ କରିଛନ୍ତି । ଆଉ ଡେରି କାହିଁକି ? ଆମର ବେଗାରିମାନଙ୍କୁ ଫେରି ଯିବାକୁ ମୁଁ ନିର୍ଦ୍ଦେଶ ଦେଇଛି । ଅଖିଆ ଅପିଆ ସେମାନେ ଫେରିଯିବେ । ଆମେ ଏମାନଙ୍କ ଘରେ ପଥର ପକାଇ ଧାରୁଆ ହେବା ନାହିଁ ।

ସୁଧାନିଧି କାନ୍ଦୁଥିଲେ । ବୃଦ୍ଧ ସୁଧାଚରଣ ବି ଆଖି ପୋଛୁଥିଲେ । ପ୍ରକୃତିସ୍ଥ ହୋଇ ସୁଧାନିଧି କହିଲେ, ତାଙ୍କ ଘରେ ବର ବେଶରେ ନିର୍ଲଜଙ୍କ ପରି କାହିଁକି ବସି ରହିଛୁ ରେ ହତଭାଗ୍ୟ ! ଯାହା ତ କରିବାର କଲୁ, ନିଜେ ଲୋକହସା ହେଲୁ, ସମସ୍ତଙ୍କୁ ଲୋକହସା କରାଇଲୁ, ଏବେ ଶ୍ରୀଅଙ୍ଗ ଉଠାଇ ବାହାରକୁ ଚାଲ ।

ନିର୍ବିକାର ସତ୍ୟପ୍ରିୟ ଆପଣାଛୁଆଁକୁ ଉଠିପଡ଼ିଲେ । ସୁଧାନିଧିଙ୍କର ହାତଟିଏ ଧରିଲେ । ଭିତରର ଭାଷାରେ ଉତ୍ତର ନ ଦେଇ ଆଖିର ଲୋତକରେ ଉତ୍ତର ଦେଇଥିଲେ ।

ଭିଡ଼ ଜମିଥିଲା । ଅଗଣା ଆଡ଼ର ଦରଜା ପାଖରେ ପାଞ୍ଚ କି ସାତ ଖଞ୍ଜାର ମାଇପି ଭିଡ଼ । ବିଦାୟୀ ଶିଶୁପାଳ ବରର ବିଦାୟ ଯାତାକୁ ସେମାନେ ଆହା ଆହା ମନରେ ଥରେ ଚାହିଁଦେବାକୁ ଆସିଥିଲେ । ଅନେକଙ୍କ ଆଖିରେ ଲୁହ ଛଳ ଛଳ

ହେଉଥିଲା । ନହେଲା ବୁଢ଼ୀଟି ସୁଁ ସୁଁ ହୋଇ, ଚୂ ଚୂ କରି କହି ଉଠିଲେ, ଆହା ରେ ବାପଛେଉଣ୍ଡ ପିଲାଟି, ଦଇବ ତୋତେ ଏ ଦୁଃଖ ଦେଲା !

ସୁଧାନିଧିଙ୍କର ପଛେ ପଛେ ସତ୍ୟପ୍ରିୟ ବାରଣ୍ଡାକୁ ବାହାରି ଗଲେ, ତାଙ୍କ ପଛେ ପଛେ ଝସକେତନ ଓ ଅନ୍ୟମାନେ। ରତିକାନ୍ତ ସବା ପଛରେ ପଦାକୁ ଆସିଲେ । କେତେବେଳୁ ସନ୍ଧ୍ୟା ହୋଇ ସାରିଥାଏ । ଉଜ୍ଜ୍ୱଳ ଚନ୍ଦ୍ରିକା ଗୃହଆଙ୍ଗିନାରେ ବିଛିହୋଇ ପଡ଼ିଥାଏ । ପବନ ଧୀରେ ଧୀରେ ବହୁଥାଏ ଓ ଭେଙ୍ଗା ଭେଙ୍ଗା ନଡ଼ିଆଗଛଗୁଡ଼ିକର ବାହୁଙ୍ଗା ହଲାଇ ମର୍ମର ଉଠୁଥାଏ । ମୁକ୍ତ ଆକାଶ, ଶୀତଳ ଶୁଭ୍ର ସନ୍ଧ୍ୟା ଓ ଧୀର ନୈରାଶ୍ୟର କରୁଣ ରାଗିଣୀ ।

* * *

ରତିକାନ୍ତ ସାଇକଲ ଉପରେ ହାତରଖି ରତ୍ନପୁର ଜମିଦାର କୁଟୁମ୍ବର ବରାଟ ଖଞ୍ଜାକୁ ଚାହିଁ ରହିଥିଲେ । ପ୍ରତିପତ୍ତି ଯାଇଛି, ଗୋଟିଏ କୁଟୁମ୍ବ ଅନେକ ହୋଇଛନ୍ତି, ତଥାପି କର୍ପୂର ଗଲେ ମଧ୍ୟ କାନ ଝଣ୍ଟିକ ପଡ଼ି ରହିଛି, ମହ ମହ ବାସୁଛି । କୁଟୁମ୍ବର ମଙ୍ଗଳା ଝିଅଟିଏ ବଧୂବେଶରେ ବସି ଆଖିରୁ ଲୋତକ ଗଡ଼ାଉଛି । ନିଷ୍କଳଙ୍କ, ଶିକ୍ଷିତ, ଯୋଗ୍ୟବର ଫେରିଯାଉଛି ।

ସେମାନେ ଆଗେଇ ଗଲେଣି । ରତିକାନ୍ତ ପରି ସମସ୍ତେ ସେମାନେ ଉପବାସୀ, କ୍ଳାନ୍ତ, ଅର୍ଦ୍ଧମୃତ । ସୁଧାନିଧି ସ୍ଥିର

କରିଛନ୍ତି ଯେ ଗ୍ରାମର ଉପକଣ୍ଠରେ ଯେଉଁ ଶ୍ରେଷ୍ଠ ଦେବମନ୍ଦିରଟି ଅଛି, ସେଇଠି ସେମାନେ ଘଣ୍ଟାଏ ଦୁଇଘଣ୍ଟା ବିଶ୍ରାମ ନେବେ । ଜଳ ଓ ଜଳଯୋଗ ପରେ ପ୍ରତ୍ୟାବର୍ତ୍ତନର ବ୍ୟବସ୍ଥା କରାହେବ ।

ରତିକାନ୍ତ ସ୍ଥିର କରିଛନ୍ତି ଯେ ସେ ଆଉ ମୁହୂର୍ତ୍ତେ ଏ ଗ୍ରାମରେ ରହିବେ ନାହିଁ । ଦିନଟିଏ ଉପବାସରେ କାହାରି ପ୍ରାଣ ଛାଡ଼ିଯାଏ ନାହିଁ । ସେ ଯେପରି ଆସିଥିଲେ, ସେହିପରି ରାତିଏ ରାତିଏ ଫେରିଯାଏ ଏହି ଅଶୁଭ ଅଭିଯାନ ସାଙ୍ଗ କରିବେ । ରାତି ପାହିଲେ ଏହି ଅପ୍ରୀତିକର ଘଟଣାକୁ ସ୍ୱପ୍ନ କରି ସେ ଭୁଲିଯିବେ ।

ବର ଫେରି ଯାଉଛି । ଭଲ ହୋଇଛି । ରତିକାନ୍ତଙ୍କର ମନେ ପଡ଼ିଲେ ଅଳକା । ଏଇ ଘରର ଝିଅ ସେ, ସୌଭାଗ୍ୟବତୀ । ସାତ ବରଷ ତଳେ ବରଷା ଓ ଝଡ଼ତୋଫାନ ଥମିଲା, ସବୁ ଶୁଭରେ ବିଭାଘର ହେଲା, କେଡ଼େ ଆନନ୍ଦରେ ବିଜୟୋନ୍ମତ୍ତ ହୋଇ ସେମାନେ ଫେରିଥିଲେ । ଆଜି ଏହି ସଞ୍ଜରେ, ସେହି ଘରର ଝିଅଟିଏ କଳକା, ସାତ ବର୍ଷ ତଳେ କେଡ଼େଟିଏ ସେ ହୋଇଥିଲା, କେମିତିକାଟିଏ ମନେ ପକାଇଲେ ମନେ ପଡୁନାହିଁ; ମାଗେଲାରେ ଆଖିରୁ ଲୁହ ଝରାଉଥିବ, ଆହା !

ସୁଧାମୟୀ ଆସି ମାନସଚକ୍ଷୁ ଆଗରେ ଉଭା ହେଲେ ।

ରତିକାନ୍ତ ପକେଟରେ ହାତ ମାରିଲେ । ପତ୍ରଖଣ୍ଡି ସଯତ୍ନରେ ଅଛି । ସେ ମନେ ପକାଉଥିବେ, ଭାବୁଥିବେ—ଶନିବାର ଗଲା, ରବିବାର ଗଲା, କାହିଁକି ରତିକାନ୍ତ ଘରକୁ ନ ଗଲେ ?

ସାଇକଲ ଚଢ଼ାଇ ସେ ଦାଣ୍ଡ ମଝିକି ଆଣିଲେ । ଶେଷଥର ପାଇଁ ବର ବସିଲ, କୋଠଘ ଆଡ଼କୁ ଗୃହିଁଲେ । ଦାଣ୍ଡ ବାରଣ୍ଡା ଉପରେ ତନୋଟି ଗ୍ୟାସଲ୍ଟାଡ଼ର ଆଲୁଅ ଜଳୁଛି ; କେତୋଟି ପିଲ ଓ କେତେଜଣ ସ୍ତ୍ରୀଲୋକ ବାରଣ୍ଡା ଉପରେ ଠିଆ ହୋଇ ସତ୍ୟପ୍ରିୟଙ୍କର ବଦାୟଯାତ୍ରା ଦେଖୁଛନ୍ତି ।

ସ୍ତ୍ରୀଲୋକ ଜଣେ ଆଠ ନଅ ବର୍ଷର ଝିଅଟିର କାନରେ କଣ କହିଲେ । ପୂର୍ଣ୍ଣିମା ମଲ୍ଲୀଫୁଲ ପରି ସେହି ସ୍ୱାସ୍ଥ୍ୟବତୀ ଝିଅଟି ଡେଇଁ ଡେଇଁ ପାହାଚ ଓହ୍ଲାଇ ଦଣ୍ଡାକୁ ଓହ୍ଲାଇଲ । ରତିକାନ୍ତ ହାଣ୍ଡେଲ ଧରି ପ୍ୟାଡ଼ଲ ଉପରେ ଗୋଡ଼ ଥୋଉଣୁ ସେହି ଝିଅଟି ତାଙ୍କ ପାଖକୁ ଆସି କହିଲା, ଆପଣଙ୍କୁ ବଡ଼ଭଉଜ ଡାକୁଛନ୍ତି ।

ମତେ ?

ହେଇଟି, ସେ ବାରଣ୍ଡା ଉପରେ ଠିଆ ହୋଇଛନ୍ତି ।

ରତିକାନ୍ତ ଗୃହିଁଲେ—ସେହି ପୌଢ଼ା ଜଣକ, ଚନ୍ଦ୍ରମଣି-ବାବୁଙ୍କର ପତ୍ନୀ, ଅଳକାଙ୍କର ଭାତୃଜାୟା ! ମନେ ମନେ ରତିକାନ୍ତ ଲଜ୍ଜିତ ହେଲେ । ସତେ, ସେ ରତ୍ନପୁର ଆସିଥିଲେ, ଚନ୍ଦ୍ରମଣିବାବୁଙ୍କ ସ୍ତ୍ରୀଙ୍କୁ ପ୍ରଣାମ ନ କରି ଫେରିଯିବା ଅନ୍ୟାୟ ହେବ । ସେ ଗୁରୁଜନ ।

ରତିକାନ୍ତ ଫେରି ପାଇଲେ ନାହିଁ । ନିୟତିର ଉପହାସ । ଗୋଟିଏ ମିନିଟ୍ ଆଗରୁ ଯଦି ସେ ଚ଼ଲିଯାଇ ଥାଆନ୍ତେ ଆଜୀବନ ଅନୁଶୋଚନାର ଶିକାର ହୋଇ ନ ଥାନ୍ତେ । କିଏ ଜାଣେ ଘଟଣାଟି ଆଜ ରୂପ ଧରିଥାଆନ୍ତା !

ଚିନ୍ତାମଣିଙ୍କର ପତ୍ନୀଙ୍କର ନାମ ମାଳତୀ । ନିଜ ନଣନ୍ଦ ଅଳକାଙ୍କର ଦେବର ଲେଖା ହୋଇଥିବାରୁ ରତିକାନ୍ତଙ୍କର ହାତ ଧରି ସ୍ନେହରେ ଖଞ୍ଜା ଭିତରକୁ, ନିଜ କୋଠରୀକୁ ନେଲେ । ପଲଙ୍କ ଉପରେ ବସାଇ ସ୍ନେହରେ ଓ ଅଭିମାନ ଭରା ସ୍ୱରରେ କହିଲେ, ତମକୁ ଖୋଜା ପଡ଼ୁଛି, ନ କହି ନ ପୁଚ୍ଛି ଅଳକାଙ୍କର ହିଅର ଲେଖା ତମେ, ଉପାସ ଭୋକରେ ଚାଲିଯାଉଥିଲ ?

ସେମାନେ ସମସ୍ତେ ଉପାସ ଭୋକରେ ଫେରି ଯାଉଛନ୍ତି ଭାଉଜ ! ମୁଁ କଅଣ ଏକା ?

ସେମାନଙ୍କ ପାଇଁ ଅଳକା ମତେ ଦୋଷ ଦେବେ ନାହିଁ । ତମ ଭାଇ କହୁଥିଲେ, ତମେ ବରଯାତ୍ରୀଙ୍କ ସାଙ୍ଗରେ ତାଙ୍କ ଗ୍ରାମକୁ ଆସି ନଥିଲ, ସାଇକେଲ ଚଢ଼ି ତମେ କଟକରୁ ଆସିଥିଲ ?

ହଁ ଭାଉଜ ! ସତ୍ୟପ୍ରିୟ ତାଙ୍କର ବାହାଘରରେ ଯୋଗ ଦେବାକୁ ନିଜେ ମତେ ନିମନ୍ତ୍ରଣ କରି ଆସିଥିଲେ । ଆମେ ଏକ-ସଙ୍ଗରେ କଲେଜରେ ପଢ଼ୁଥିଲୁ । ନ ଆସିଲେ ତାଙ୍କର ମନ କଷ୍ଟ ହୋଇଥାନ୍ତା ।

ଆହା, ବିଚରା ! ଆଜି କେବେ ତାଙ୍କର ପାଗଳାମି ଦେଖିଥିଲ କି ରତିକାନ୍ତ ?

ନାହିଁ ଭାଉଜ ! ସେ ଭାରି ଭଲ ପିଲା । ମୋ କଥା ବିଶ୍ୱାସ କର । କାହିଁକି ଏପରି ଘଟିଲା ଭଗବାନଙ୍କୁ ଜଣା । ଫେରିଗଲା ବେଳେ ପୁଣି ସେ ଭଲ ମଣିଷ ପରି କଥାଭାଷା କରି ଯାଉଥିଲେ ।

ଗ୍ରାମକୁ ନ ଫେରି ମୋ ସଙ୍ଗରେ ସେ କଟକ ଫେରିବେ ବୋଲି ମୋତେ ଅନୁରୋଧ କରିଛନ୍ତି ।

ମାନିନୀ ନୀରବ ହୋଇ କ୍ଷଣେ ଚିନ୍ତିତ ହେଲେ । ଦୀର୍ଘଶ୍ୱାସ ଛାଡ଼ି କହିଲେ, ସମସ୍ତେ ସେମାନେ କହୁଥିଲେ ଯେ ସତ୍ୟପ୍ରିୟ ଭଲହୋଇ ଗଲାଣି ।

କିଏ କହିପାରେ ଭାଉଜ ! ପୁଣି କେତେବେଳେ କଅଣ ଘଟିବ ? ତୋଠାରୁ ବରି ଫେରି ଯାଉଥିଲେ । ତାଙ୍କୁ ଏଠାକୁ ଅଣାଗଲା । ଏଠାରୁ ତାଙ୍କୁ ପେଷାଇ ଦିଆଗଲା । ଯାହା ହେବାର ହୋଇ ସାରିଛି । ସେ କାଠ ପାଷାଣ ନୁହନ୍ତି ଭାଉଜ, ସେ ଜଣେ ମଣିଷ ପରି ମଣିଷ, ବୁଦ୍ଧିମାନ, ଉଦାସ୍ଥ ମଣିଷ, ସରଳବିଶ୍ୱାସୀ, ବିବେକୀ ।

ଯାହାସବୁ ଘଟିଗଲା, ତାହା ସତ୍ତ୍ୱେ ତାଙ୍କୁ ଫେରାଇ ଦେବା କଅଣ ଏମାନଙ୍କର ଉଚିତ ହୋଇ ନାହିଁ ବୋଲି ତମେ ବିଚାରୁଛକି ଭାଇ ? କଳିକା ପରି ଝିଅ—

ପଲଙ୍କ ଉପରେ ବସି ରତିକାନ୍ତ ଗୋଡ଼ ଦିଓଟି ତଳକୁ ଝୁଲାଇଥିଲେ । ଦେହରୁ ପଞ୍ଜାବୀ ଉତାରି ପଲଙ୍କର ବାଡ଼ରେ ଝୁଲାଇ ଦେଇଥିଲେ । ଘର ଭିତରେ ନାଲିଟିଣ ଆଲୁଅ ଜଳୁଥିଲା । ଖୋଲା ଦ୍ୱାରବାଟେ ସ୍ପଷ୍ଟ ଅଗଣାଟି ଉଜ୍ଜ୍ୱଳ ଦିଶୁଥିଲା । ଅଗଣା ସେପାଖ ବାରଣ୍ଡା ଉପରେ ପେଟ୍ରୋମାକ୍ସ ଆଲୁଅ । ସେ ଆଲୁଅ ମାନିନୀର ପ୍ରକୋଷ୍ଠର ତଳେ ବସିଥିଲା କଳିକା, ନବ-ବଧୂ ବେଶରେ । ତା ପାଖରେ ଆହୁରି ଦୁଇ ଗୃବୋଟି ଝିଅ

ବସି ଆଳାପ କରୁଥିଲେ । ରତିକାନ୍ତଙ୍କର ଦୃଷ୍ଟି ପଡ଼ିଥିଲା କଳକାର ମୁହଁରେ । ଖୁବ ସୁନ୍ଦର ସେ ଦିଶୁଥିଲା, ମନେ ପକାଇ ଦେଉଥିଲା ନବବଧୂ ବେଶରେ ସଜ୍ଜିତ ସୁଧାମୟୀଙ୍କୁ । ତୁଳନା କରିବାକୁ ମନ ହେଉ ନ ଥିଲା । ସୁଧାମୟୀ ପତ୍ନୀ, ଆଉ କଳକା, ଯାହାକୁ ସେ ଜୀବନରେ ପ୍ରଥମଥର ଦେଖୁଛନ୍ତି, ସେ ତ ଭଗିନୀ ସ୍ୱରୂପା, ଯାହାଁରେ ଭଗବାନ ତାକୁ ଇଚ୍ଛା କରିଥିଲେ ।

କଳକା ଗମ୍ଭୀର ଦିଶୁଥିଲା । ଆଲୋକରେ ତାର ମୁହଁ ଝଲସି ଉଠୁଥିଲା । ବେଳେ ବେଳେ ମୁଣ୍ଡ ନୁଆଁଇ ତଳେ ଦୃଷ୍ଟି ନିବଦ୍ଧ କରି ଆଙ୍ଗୁଠିରେ ସେ ଗାର ପକାଉଥିଲା । କେଉଁ ଗଭୀର ଚିନ୍ତାରେ ସେ ନିମଗ୍ନ ଥିଲାପରି ମନେ ହେଉଥିଲା ।

ରତିକାନ୍ତ କହିଲେ, ଯାହା ହେବାର ହୋଇ ଯାଇଛି ଭାଉଜ ! ସତ୍ୟପ୍ରିୟ ଯେପରି ଢଙ୍ଗ ଦେଖାଇଲେ, ସେ ଜାଣିଜାଣି ଛଳନା କରୁଥିଲେ, ଏପରି ବସ୍ତୁରେ ଠକ ନୁହେଁ । କାହିଁକି ସେ ଛଳନା କରନ୍ତେ ? କଳକାର ରୂପଗୁଣ ସମ୍ବନ୍ଧରେ ସେମାନେ ଠିକ ଖବର ପାଇଥିଲେ । ତାର ଫଟୋ ଖଣ୍ଡିଏ ସତ୍ୟପ୍ରିୟଙ୍କ ମାଆଙ୍କ ପାଖରେ ଅଛି । ସତ୍ୟପ୍ରିୟ କହୁଥିଲେ ଯେ, ତାଙ୍କର ବୋଉ ତାକୁ ସହସ୍ର ଲୋକଙ୍କୁ ଦେଖାଉଛନ୍ତି, ଘରେ ଟାଙ୍ଗି ଦେଇଛନ୍ତି !

ଆହା, ବିଚରା ସତ୍ୟପ୍ରିୟ ! ସାକ୍ଷାତ୍ ଲକ୍ଷ୍ମୀଦେବୀଙ୍କ ପରି ରୂପ ପାଇଛି ଯେଉଁ କଳକା, ସେ ତାଙ୍କର ଭାଗ୍ୟରେ ନାହିଁ । ଯାହା ପାଇଁ ସେ ଜନ୍ମ ହୋଇଛି, ତାକୁ କେହି ଅନ୍ୟଥା କରି ପାରିବ ନାହିଁ । ତମକୁ ବେଶିଗୁଡ଼ାଏ ଗପାଇଲିଣି ବାବୁ, ତମେ ଟିକଏ ଶ୍ରାନ୍ତ ହୁଏ ମୁଁ ଜଳଖିଆ ଆଣେ ।

ରତ୍ନକାନ୍ତଙ୍କୁ ଏକାକୀ ଛାଡ଼ି ମାନସୀ ପ୍ରକୋଷ୍ଠରୁ ବାହାରି ଗଲେ । ରତ୍ନକାନ୍ତଙ୍କର ମନେ ହେଲା, ସେପରି କୋଠରୀ ବାହାରେ, ଅଳ୍ପ ଚଉଡ଼ାର ବାରଣ୍ଡା ଉପରେ; ରେଲିଂ ଥିବା ଛୋଟ ଛୋଟ ଝରକା ଦଉଡିର ନେଳଆ ପରଦାର ଅନ୍ତରାଳରେ, ଆଉ କେଉଁମାନେ ଠିଆହୋଇ ସେମାନଙ୍କର କଥୋପକଥନ ଶୁଣୁଥିଲେ । ଦୀର୍ଘଶ୍ୱାସ, ହାତହଲର କାଚ ଝୁମଝୁମ ଓ ଫିସ୍‌ଫିସ୍ କଥାର ଆଭାସ ସେ ପାଇଥିଲେ, କିନ୍ତୁ ମାନସୀଙ୍କ ସଙ୍ଗେ ଆଳାପ କରୁଥିବାରୁ ସେ ସମ୍ବନ୍ଧରେ ନିଜେ ସଚେତନ ହୋଇ ପାରି ନଥିଲେ ।

* * *

କଳିକା ବସିଥିବା କୋଠରୀ ଭିତରକୁ ପଶିଯାଇ ତରୁଣୀ ଜଣେ, ଯିଏ ଚନ୍ଦ୍ରାମଣିଙ୍କୁ ଦାଦା ସମ୍ବୋଧି ତମତମ ହୋଇ କହିଥିଲେ ଯେ ସତ୍ୟପ୍ରିୟଙ୍କୁ ଫେରାଇ ନ ଦେଲେ ସେ ତାଙ୍କର କଲିଅପାଙ୍କର ପାଟିରେ ଜହର ଦେବେ, ସେ କଳିକାର ମୁହଁଟି ଅଳପ ଟେକିଧରି, ହସି ହସି କଣ କହିଲେ । କଳିକାର ମଥା-ଉପରୁ ବସନ ଖସି ପଡ଼ିଲା । ସେହି ସୁନ୍ଦର ମୁହଁଟି ସେମିତି ଆଗପରି ବିଷାଦ-ବଉଦରେ ଢାଙ୍କି ହୋଇଥିଲା । ସମସ୍ତଙ୍କର ମୁହଁର ସ୍ମିତ ତାର ବିଷର୍ଣ୍ଣତାକୁ ତଡ଼ିଦେଇ ପାରି ନଥିଲା । ରତ୍ନକାନ୍ତ ଦେଖିଲେ, ଅନ୍ୟମାନଙ୍କର ଉଷତ ଭାବ ବରଂ କଳିକାର ଆଖିରେ ଅଶ୍ରୁ ପୂର୍ଣ୍ଣ କରିଥିଲା ।

ସମସ୍ତେ ସେମାନେ ହସ ହସ ମୁହଁରେ ମାନସୀଙ୍କର ପ୍ରକୋଷ୍ଠକୁ ଫେରୁଥିଲେ । ପଲଙ୍କ ଉପରେ ବସିଥିବା ରତ୍ନକାନ୍ତଙ୍କ

ଆଡ଼କୁ ଦୃଷ୍ଟି ବଢ଼ାଇ ମୃଦୁ ମୃଦୁ ହସୁଥିଲେ । କିଏ କାହାର କାନ ପାଖରେ କଅଣ ଭୁମା ଭୁମା କହୁଥିଲେ, କିନ୍ତୁ କଳିକା ପୁଣି ତଳକୁ ମୁହଁ ପୋତି ଆଙ୍ଗୁଠିରେ ତଳେ ରେଖାଙ୍କନ କରୁଥିଲା । କଳିକାର ଝିଆଣି ଲେଖା ପରିଣୀତା ସେହି ସୀମନ୍ତିନୀ ହସ ହସ ମୁହଁରେ କଳିକା ଥିବା ପ୍ରକୋଷ୍ଠରୁ ବାହାରି ଆସିଲେ । ଅପ୍ରସସ୍ତ ଅଗଣା ଅତିକ୍ରମ କରି ଅନ୍ୟ ଖଞ୍ଜାକୁ ଚାଲି ଯାଉଣୁ ରତିକାନ୍ତଙ୍କ ଉପରେ ମୁଗଧ ଶୀତଳ ଚାହାଣୀ ପକାଇ ତାଙ୍କୁ ଲଜ୍ଜିତ ଓ ସଙ୍କୁଚିତ କରିଥିଲେ ।

ଏ ସବୁର ଅର୍ଥ କଅଣ ବିବ୍ରତ ରତିକାନ୍ତ ଅନୁମାନ କରିପାରୁ ନ ଥିଲେ । ମନେ ମନେ ସେ ଅସ୍ୱସ୍ତି ଅନୁଭବ କରୁଥିଲେ । ଭାବୁଥିଲେ, ମାନସୀ ଭୋଜନ ଏତେ ଡେରି କରୁଛନ୍ତି କାହିଁକି ? ଘର ଭିତରୁ ବାହାରି ପଦାକୁ ଛୁଟି ପଳାଇବାକୁ ତାଙ୍କର ମନ ହେଉଥିଲା, କିନ୍ତୁ ସାମନାର ପ୍ରକୋଷ୍ଠ ଭିତରୁ ତାଙ୍କ ଉଦ୍ଦେଶ୍ୟରେ ଛୁଟି ଆସୁଥିବା ଦୃଷ୍ଟିର ନାରାଚଗୁଡ଼ିକ ତାଙ୍କର ପଥରୁଦ୍ଧ କରୁଥିଲେ । ଆଉ କେବେ ସେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇ ନଥିଲେ ।

ମାନସୀ ଡେରି କରୁଛନ୍ତି । କେତେ ଡେରି ସେ ଆଉ କରିବେ ? ରାତି ଅଧିକ ହେଲେ ସାଇକଲରେ ନିର୍ଛାଟିଆ ରାସ୍ତାରେ ସେ କଟକ ବାହୁଡ଼ିବେ କିପରି ? ବାଧହୋଇ ତାଙ୍କୁ ଅଟକାଇବାକୁ ହେବ, କେଉଁଠି ? ଏହି ଘରର ଅପ୍ରୀତିକର ମଥାନ ତଳେ ଅବା ଗ୍ରାମର ଉପକଣ୍ଠରେ ଥିବା ଶିବ ମନ୍ଦିରର ବେଢ଼ା

ଭିତରେ, ମୁକ୍ତଆକାଶ ତଳେ, ବନ୍ଧୁ ସତ୍ୟପ୍ରିୟ, ସୁଧାନିଧି ଓ ବୃଷକେତନଙ୍କର ମେଳରେ ?

ରତ୍ନକାନ୍ତ ପଲଙ୍କରୁ ଓହ୍ଲାଇଲେ । ଚକିତ ଓ ଅନ୍ୟମନସ୍କ ହୋଇ ନିଲ୍‌ଟଣ ଆଲୁଅରେ ଅସ୍ପଷ୍ଟ ଆଭାରେ ବଡ଼ କୋଠରୀର ଚାରିଆଡ଼େ ଦୃଷ୍ଟି ପକାଇଲେ । ପଲଙ୍କର ଗୋଡ଼ ତଳେ ମାଟି କାନ୍ଥକୁ ଅଳପ ଘୁଞ୍ଚ ପାଖାପାଖି ହୋଇ ଦୁଇଟି ଉଚ୍ଚ କାଠ-ଆଲମାରୀ ରଖା ହୋଇଛି । ଆଲମାରୀ କଡ଼ରେ ଥୁଆ ହୋଇଛି ଲମ୍ବ ଆଲ୍‌ନା । ସେଥିରେ ଲୁଗା ଓ ଶାଢ଼ୀ ଗଦା ହୋଇଛି । ଏଗୁଡ଼ିକ ସମସ୍ତ କ୍ଷେପଣ ପାଇଁ ମନଯୋଗ ଆକର୍ଷି ପାରିବ ନାହିଁ ।

ପଲଙ୍କର ବାଡ଼ରୁ ପଞ୍ଜାବୀ କାଢ଼ି ସେ ଦେହରେ ଗଳାଇଲେ । ବୋତାମ ଲଗାଇ ଘୁଞ୍ଚ ପକେଟରେ ହାତ ମାରିଲେ । ଚିଠିଖଣ୍ଡ ମନିପର୍ସ ତଳେ ନିରାପଦରେ ଅଛି ବୋଲି ସେ ବିସ୍ମରିଲେ, କିନ୍ତୁ ସେଇଟି ଥିଲା ସୁଧାନିଧିଙ୍କର ନିମନ୍ତ୍ରଣ ପତ୍ର । ରୋଗଶୋକ କଷ୍ଟକାଳ ପେଟ ଭିତରେ ବିକଳ ହୋଇ କାରୁଣ୍ୟ କରି, ହତାଶରେ ନିର୍ଜୀବ ହୋଇ ପଡ଼ିଲେଣି । ସେମାନଙ୍କୁ ଉଠାଇବା ଆବଶ୍ୟକ ନାହିଁ । ମାନସୀ ଭଉଜ ଆସନ୍ତେ ଯଦି ତାଙ୍କୁ ନମସ୍କାର କରି ସଙ୍ଗେ ସଙ୍ଗେ ବିଦାୟ ନିଅନ୍ତେ । ଯେତେ ଅଟକାଇଲେ ସେ ଅଟକନ୍ତେ ନାହିଁ । ଟିକିଏ ଅବାଧ ହୁଅନ୍ତେ ।

ଅସ୍ଥିର ହୋଇ ରତ୍ନକାନ୍ତ କୋଠରୀ ଭିତରୁ ପଦାକୁ ପାଦ ବଢ଼ାଇଲେ । ଦେଖିବାକୁ ମନ, ନ ଦେଖିବା ଉଚିତ ଢଙ୍ଗରେ, ଜାଣି ଜାଣି ନ ଜାଣିଲା ଘଡ଼ିରେ ସେ କଣେଇ ଚାହିଁଲେ । କଳିକା

ମୁହଁ ଟେକ ଗୃହିଁ ଧୀରେ ଧୀରେ ଦୃଷ୍ଟି ନତ କରି ତଳେ ରେଖା ଅଙ୍କନରେ ମନ ଦେଲ । ଅନ୍ୟମାନେ ତାଙ୍କର ଆଡ଼କୁ ଗୃହିଁ ଖିଲ ଖିଲ ହସିଲେ । ରତିକାନ୍ତଙ୍କର ଗୁନ୍ତରେ ସେ ହସ ସଚେତ ଧକ୍କା ଦେଲ । ସେ ଆଉ ପାଦଟି ପଦାକୁ କାଢ଼ିବା ପରିବର୍ତ୍ତେ ଆଗେଇଥିବା ପାଦଟିକୁ ଘର ଭିତରକୁ ଟାଣି ନେଲେ ।

ତାଙ୍କର ଦୃଷ୍ଟି ଏଥର କାନ୍ଥ ଉପରେ ପଡ଼ିଲ । ବାଃ ! ଏତେବେଳଯାଏ ସେ ସେହି ଆଲନ୍ଥ ଲଗା ଅମୂଲ୍ୟନିଧିଗୁଡ଼ିକୁ ଆବିଷ୍କାର କରି ନ ଥିଲେ କାହିଁକି ? ଅସ୍ଥିରଚିତ୍ତତା ତାଙ୍କର ମନୋନିବେଶକୁ ରାହୁଗ୍ରସ୍ତ କରିଥିଲ । ମାନିନୀଦେବୀ ଯେତେ ଡେରି କରନ୍ତୁ, ଆଉ ଘର ଭିତରୁ ଶୃଙ୍ଖଳାଭଞ୍ଜନରକ୍ଷିତା ଝିଅଟିମାନେ ଯେତେ ହସିବାର ହସୁ ଥାଆନ୍ତୁ, ସେ ଆଉ ମୋଟେ ବିବ୍ରତ ହେବେ ନାହିଁ । ଗୋଟିଏ ଗୋଟିଏ ଫ୍ରେମବନ୍ଧା ବଡ଼ ବଡ଼ ରଙ୍ଗୀନ ଛବିରେ ସେ ମନକୁ ହଜାଇ ଦେଇ ପାରିବେ, ସମସ୍ତ ଅଟକ ରହିବ ।

ରାଧାକୃଷ୍ଣ, ରାମସୀତା, ବାଳଗୋପାଳ, ଲଙ୍କାଦହନ, କାଳୀୟଦଳନ, ବସ୍ତ୍ରହରଣ ଏପରି କେତେ ଛବି । ରତିକାନ୍ତ ପ୍ରତ୍ୟେକ ଛବିରେ ଦୃଷ୍ଟି ନିବେଶ କଲେ । ମନୋନିବେଶର ଚେଷ୍ଟା ବ୍ୟର୍ଥହେଲ । ଖିଲ ଖିଲ ହସ ତାଙ୍କର ମନ ଓଟାରିଲ । ଗୋଟିଏ ଛବି ତଳୁ ଅନ୍ୟ ଛବି ତଳକୁ ଘୁଞ୍ଚି ଯାଉଣୁ ସେ ତାଙ୍କର ଅସମ୍ପୃକ୍ତ ଦୃଷ୍ଟିକୁ ମୁହୂର୍ତ୍ତେ ଦର୍ଶନ କରାଉଥିଲେ; ରତିଦେବୀଙ୍କର ପ୍ରତିରୂପ କଳିକାକୁ ଯିଏ ତାଙ୍କର ଭ୍ରାତୃଜାୟା ଅଳକାଙ୍କର ସାନ ଭଉଣୀ, ତାଙ୍କର ଭଗିନୀ-ସଦୃଶା, ଆହା, ଆହା !

* * *

ମାନସୀଙ୍କର ଆଗମନ ତାଙ୍କର ନିବିଷ୍ଟତା ଭାଙ୍ଗିଲା । ତାଙ୍କ ସଙ୍ଗରେ କୋଠରୀ ଭିତରକୁ ପଶିଲେ ଆଉଜଣେ ସଧବା ପୌଢ଼ା, ଯିଏ ମୂଲ୍ୟବାନ ଶାଢ଼ୀ ପିନ୍ଧିଥିଲେ । ତାଙ୍କର କାନର ଚେନଲଗା ଫୁଲ ଓ ଝୁମ୍ପା ଏବଂ ବେକରୁ ଲମ୍ବି ଛାତି ଉପରେ ହଲି ଦୋହଲି ଝଟକୁଥିବା ଚିନିସରିଆ ପ୍ରଜାପତିହାର ଦେହର ଶ୍ୟାମଳରଙ୍ଗ ଏବଂ ଈଷତ୍ ଚେପଟା ନାକର ଦୁର୍ବଳତାକୁ ଉପେକ୍ଷା କରି ତାଙ୍କୁ ସୁନ୍ଦରୀ ପର୍ଯ୍ୟାୟଭୁକ୍ତ କରିବାରେ ନିଶ୍ଚୟ ସାହାଯ୍ୟ କରୁଥିଲା । ସେମାନଙ୍କ ସଙ୍ଗେ ଘର ଭିତରକୁ ପ୍ରବେଶ କରିଥିଲା ଆଠ ନଅ ବର୍ଷର ମଲ୍ଲୀଫୁଲ ପରି ସୁନ୍ଦର ସେହି ଝିଅଟି, ଯିଏ ତାଙ୍କୁ ଦାଣ୍ଡରୁ ଡାକି ଆଣିଥିଲା ।

ସେମାନେ ଆସନ, ପାଣିନୋଟା, ଗ୍ଲାସ ଓ ଗୋଟିଏ ଥାଳରେ ସଜାଇ ବିଭିନ୍ନ ପ୍ରକାର ଜଳଖିଆ ଆଣିଥିଲେ । ରତିକାନ୍ତ ପ୍ରୀତ ହୋଇଥିଲେ, ସାମାନ୍ୟ ସଙ୍କୁଚିତ ମଧ୍ୟ ହେଉଥିଲେ । ଭାବୁଥିଲେ, ସତେ, କେଡ଼େ ବନ୍ଧୁସ୍ନେହୀ ସେମାନେ; ଘରେ ସବୁ ବିଶୃଙ୍ଖଳା ଓ ଉପସ୍ଥିତ ଦୁଃଖକୁ ପାଶୋରି ସେମାନେ ତାଙ୍କର ଯତ୍ନ ନେବାକୁ ତତ୍ପର ହୋଇ ଉଠିଛନ୍ତି ।

ନିଜେ ମାନସୀ ଭାଉଜ ଆଗରେ ବସି ତାଳପତ୍ରର ବିଞ୍ଚଣା ଚଳାଇ ଏ ଖଣ୍ଡି ଖାଅ, ସେ ଖଣ୍ଡିକ ଖାଅ କହି ସ୍ନେହବୋଳା ଭାଷାରେ ଅନୁରୋଧ କରୁଛନ୍ତି । ତାଙ୍କ ପଛରେ ଠିଆ ହୋଇ ସ୍ନିଗ୍ଧ-ଦୃଷ୍ଟିରେ ରତିକାନ୍ତଙ୍କୁ ଚାହିଁ ରହିଥିଲେ ସେଇ ପୌଢ଼ା,

ମାନସୀ ଦେବୀ ତାଙ୍କୁ ଖୁଡ଼ୀ ବୋଲି ଡାକୁଥିଲେ, ଆଉ ହିଁଅଟିକୁ ଅନୁରୋଧ କରୁଥିଲେ—ଅପା ପାଖକୁ ଯାଉନ ମାଲ ! ହିଁଅଟି ତାଙ୍କର ଅନୁରୋଧ ରକ୍ଷା କରିବାକୁ ରାଜି ହେଉ ନଥିଲା । ଧୀରେ ଧୀରେ କେତେ ମାଇପେ ଆସି ବାହାର ବାରଣ୍ଡାରେ ଠିଆ ହେଲେଣି । ଦରଜା ବାଟରେ ଅଉ ଅଗଣା ଦେଖାଯାଉ ନାହିଁ ।

କାହିଁକି ଏପରି ହେଲା ରତିକାନ୍ତ ବୁଝିପାରୁ ନ ଥିଲେ । ସେ ଅନୁରୋଧ କରୁଥିଲେ ବୋଧହୁଏ ସେମାନେ ସତ୍ୟପ୍ରିୟଙ୍କ ବିଷୟରେ ତାଙ୍କ ତୁଣ୍ଡରୁ କଅଣ ସବୁ ଶୁଣିବାକୁ କୁତୂହଳୀ ହୋଇ ରୁଣ୍ଡ ହୋଇଥିଲେ; କିନ୍ତୁ ମାନସୀ ଦେବୀ ସତ୍ୟପ୍ରିୟଙ୍କ ସମ୍ବନ୍ଧରେ ତାଙ୍କୁ କିଛି ପଚାରୁ ନଥିଲେ । ସେ ବଙ୍କେଇ ବଙ୍କେଇ ଗେଡ଼େଇ ଗେଡ଼େଇ ଯେତେ ପ୍ରଶ୍ନ ପଚାରୁଥିଲେ ତାହାର ଉଦ୍ଦେଶ୍ୟ ଥିଲା, ରତିକାନ୍ତଙ୍କର ନିଜ ସମ୍ବନ୍ଧରେ ଓ ତାଙ୍କର ଘର ଏବଂ ଚଳନ ଅବସ୍ଥା ସମ୍ବନ୍ଧରେ ସମ୍ବାଦ ସଂଗ୍ରହ ।

କଅଣ ଏ ସବୁର ଉଦ୍ଦେଶ୍ୟ ସରଳମତି ରତିକାନ୍ତଙ୍କର ଚିନ୍ତାର ବହିର୍ଭୂତ ଥିଲା । କୁଟିଳ ପ୍ରଶ୍ନଗୁଡ଼ିକର ସେ ସରଳ ଉତ୍ତର ଦେଉଥିଲେ । ଡେକାପକାଇ ବସି ଗୋଟିଏ ଆଣ୍ଠୁକୁ ସେ ଧୀରେ ଧୀରେ ହଲାଉଥିଲେ । ବାମଗୋଡ଼ର ଉପରେ ଥୁଆ ଡାହାଣ ପାଦରେ ଅନ୍ୟମନସ୍କ ହୋଇ ବାମ ହାତରେ ପାପୁଲି ସଞ୍ଚାଳନ କରୁଥିଲେ । ସଙ୍କୋଚ ଘୁଞ୍ଚି ଘୁଞ୍ଚି ଆସୁଥିଲା । ରତିକାନ୍ତ ବାମହାତ ଉଠାଇ ପାଣି ଗିଲାସକୁ ତୁଣ୍ଡପାଖକୁ ନେଉଥିଲେ । ସେ ଦେଖିଲେ, ମାନସୀଙ୍କର ଖୁଡ଼ୀ-

ଶାଶୁ ସାମାନ୍ୟ ଝୁଙ୍କି ରତ୍ନକାନ୍ତଙ୍କର ଖୋଲା ପାଦକୁ ଚାହିଁ ଭୟ-ବିହ୍ୱଳ ଥରିଲା ସ୍ୱରରେ କହି ଉଠିଲେ, ଆଗୋ ବୋହୂ, ଏ ପୁଅର ପାଦରେ ଅଳତା ଦାଗ ଯେ !

ମାନସୀ ଭ୍ରଜଜ ରତ୍ନକାନ୍ତଙ୍କର ମୁକୁଳା ପାଦକୁ ଚାହିଁଲେ । ତାଙ୍କର ମୁହଁ ସହସା ବିବର୍ଣ୍ଣ ଦିଶିଲା । ହାତରୁ ତାଳପତ୍ରର ପଙ୍ଖାଟି ତଳେ ଖସିପଡ଼ିଲା । ରତ୍ନକାନ୍ତ ପାଣି ଗିଲାସଟି ତଳେ ରଖିଦେଲେ ।

ମାନସୀ ପଚାରିଲେ, ଟାଟାନଗରରୁ ଅଳକା ତାଙ୍କର କେଉଁ ଦିଅରର ବାହାଘରକୁ ମାସକ ତଳେ ଆସିଥିଲେ କି ବାବୁ ?

ରତ୍ନକାନ୍ତ ଲଜ୍ଜାରେ ମୁଣ୍ଡ ଝୁଙ୍କାଇଲେ ।

ପାଦରେ ତମର ଅଳତାର ଦାଗ ଯେ !

ରତ୍ନକାନ୍ତ ଧୀରକଣ୍ଠରେ ଉତ୍ତର ଦେଲେ, ଜନକଟରେ ଚନ୍ଦ୍ର-ବନ୍ଦାପନା ହୋଇଥିଲା ।

ରତ୍ନକାନ୍ତ ମୁଣ୍ଡ ଟେକିଲେ । ଦେଖିଲେ, ମାନସୀଙ୍କର କ୍ଷୀଣାଙ୍ଗୀ ଶାଶୁ ପଣତରେ ଆଖି ପୋଛୁ ଘରଭିତରୁ ପଦାକୁ ଚାଲିଯାଉଛନ୍ତି । ଯେଉଁ ସ୍ତ୍ରୀଲୋକମାନେ ଦ୍ୱାରବନ୍ଧ ପାଖରେ ଓ ଝରକା ଦଉଟିର ଉହାଡ଼ରେ ଠିଆ ହୋଇଥିଲେ, ସେମାନେ ଖିଦ୍‌ଖାଦ୍ ହୋଇ କୁଆଡ଼େ ଚାଲିଯାଉଛନ୍ତି । ମାନସୀ ମୁହୂର୍ତ୍ତେ ରହି ରହି ହେଲେ । କଅଣ କହିବାକୁ ସେ ଇଚ୍ଛା କରୁଥିଲେ । ଓଠ ଦି'ଫାଳ ଥରୁଥିଲା । ଆଖିରେ ଲୁହ ଛଳ ଛଳ ହେଉଥିଲା ।

ସେ କିଛି କହିପାରିଲେ ନାହିଁ । ସେ ମଧ୍ୟ ଘରଭିତରୁ ପଦାକୁ ବାହାରିଗଲେ ।

ରତିକାନ୍ତ ଦେଖିଲେ, ଷ୍ଟେଟ ଅଗଣାର ଆରପାଖର ଘରଟି, ଯହିଁରେ କଳକା ବସି ମୁଣ୍ଡ ନୁଆଇଁ ତଳେ ଆଙ୍ଗୁଠିରେ ରେଖା ଟାଣୁଥିଲା, ସେ ଘରର କବାଟ ଦ'ଫାଳ ଆଉଜା ହୋଇ ସାରିଥିଲା । ଗ୍ୟାସ୍ ଷ୍ଟୋଭ୍‌ର ଉଜ୍ଜ୍ୱଳ ଆଲୁଅ ହଲି ହୋଇଲି ଉଜ୍ଜ୍ୱଳ ଜହ୍ନରାତିକୁ ଉପହାସ କରୁଥିଲା । ଘଟଣାଟି ରତିକାନ୍ତ ଅନୁମାନ କରୁଥିଲେ ଓ ଦୁଃଖ କରୁଥିଲେ । ଥରିଲା ଛାତିକୁ ସ୍ଥିର କରିବାକୁ ସେ ପାଣି ଗିଲାସଟି ମୁହଁରେ ଲଗାଇ ଢକ୍ ଢକ୍ କରି ସେତକ ଶେଷ କରିଦେଲେ ।

କାହିଁକି କେଜାଣି ନିଜକୁ ସେ ଅପରାଧୀ ମଣିଲେ । ସେଘରେ ମୁହୂର୍ତ୍ତଟିଏ ଆଉ ସେ ଅପେକ୍ଷା ନ କରି ଦ୍ରୁତ ପଦକ୍ଷେପରେ ପଦାକୁ ବାହାରି ଆସିଲେ । କାନ୍ଥ କଡ଼ରେ ରଖାହୋଇଥିବା ଯୋତା ହଳକରେ ପାଦ ଲୁଚାଇ ସେ ଦାଣ୍ଡକୁ ଓହ୍ଲାଇଲେ । ଥରିଲା ହାତରେ ସାଇକଲ ଧରି, ଗଡ଼ାଇ ଗଡ଼ାଇ ଖଣ୍ଡେଦୂର ଆସି ସେ ସାଇକଲ ଉପରେ ଉଠିଲେ । ଭାବିଲେ, ରାତିତ ମୋଟେ ଆଠଟା, ଧୀରେ ସୁସ୍ଥେ ସାଇକେଲ ଚଳାଇ ଗଲେ ବି ରାତି ଏଗାରଟା ସୁଦ୍ଧା ସତର ଅଠର ମାଇଲ ବାଟ ଅତିକ୍ରମ କରି ସେ କଟକରେ ପହଞ୍ଚିପାରିବେ ।

* * *

ରତିକାନ୍ତଙ୍କର ମନକାମନା ପୂର୍ଣ୍ଣହେଲା ନାହିଁ । ଗ୍ରାମର ଉପକଣ୍ଠରେ ଅବସ୍ଥିତ ଶିବମନ୍ଦିରର ସମ୍ମୁଖର ରାସ୍ତା ଉପରେ

ଲୋକ ଗହଳ ଦେଖି ସେ ସାଇକଲରୁ ଓହ୍ଲାଇଲେ । ପାଲିଙ୍କି ଓ ସବାରୀ ଦିଓଟି ରାସ୍ତା ଉପରେ ଥୁଆହୋଇଛି । ଚେଙ୍ଗଡ଼ମାନେ ଅଡ଼ି ବସିଛନ୍ତି ଯେ ସେମାନେ କର୍ତ୍ତା, ପୁରୋହିତ ଓ କୁଣିଆଁମାନଙ୍କୁ ନେଇ ରତାରତି ଫେରି ପାରିବେ ନାହିଁ । ସେମାନେ କ୍ଲାନ୍ତ ହୋଇଛନ୍ତି । ଗଛ ମୂଳରେ ରାତି କଟାଇ ପାଆନ୍ତାରୁ ଉଠିଯିବେ । ଭଣ୍ଡାରୀ, ନାହାକ ଓ ବାଜାଦାରମାନଙ୍କର ସେହି ଆପତ୍ତି ।

କର୍ତ୍ତା ରାଧାଚରଣ ଓ ତାଙ୍କର ଦୁଇପୁଅ, ପୁରୋହିତ ଏବଂ ଅନ୍ୟ କୁଣିଆଁମାନେ ଜିଦ୍ ଧରିଛନ୍ତି ଯେ ସେମାନେ ଏ ଗ୍ରାମରେ ଆଉ ମୁହୂର୍ତ୍ତେ ରହି ପାରିବେ ନାହିଁ । ଚୂଡ଼ା, ଗୁଡ଼, ପାଚିଲାକଦଳୀ, ତେନ୍ତୁଳି ଚକଟା ଲଗାଇ ସମସ୍ତେ ତ ଘଣ୍ଟିକାଯାଏ ଠୁଙ୍କି ଦେଇଛନ୍ତି, ଆପତ୍ତି କରିବାର କାହାର କୌଣସି କାରଣ ନାହିଁ । ଟୋକା ଠାକରଆ ସୁଧାନିଧି ବାହାଘରର ମାମଲତକାର ଓ ପାଠପଢ଼ି ଗଜମୂର୍ଖ ସତ୍ୟପ୍ରିୟ ସେମାନଙ୍କୁ ଯେଉଁ ଅପମାନ ଦିଆଇଛନ୍ତି, ମରଣଠାରୁ ସେ ବଳି ପଡ଼ୁଛି । ଏ ଭୂଇଁରେ ଆଉ କାହିଁକି ରହଣି ?

ସୁଧାନିଧି ସମସ୍ତଙ୍କୁ ହାତଯୋଡ଼ି କ୍ଷମା ମାଗୁଛନ୍ତି । ନିଜକୁ ଅପରାଧୀ ବୋଲି ସ୍ୱୀକାର କରି, ବୁଝାଇ କହୁଛନ୍ତି ରାଧାଚରଣଙ୍କୁ, ସତ୍ୟପ୍ରିୟ ସିନା ଆମର ଗୁପ ଜୀବନର ବନ୍ଧୁ, ସେ ତ ଆପଣଙ୍କର ପୁଅ, କାହିଁକି ତାର ମାନସିକ ଅବସ୍ଥା ଏପରି ହେଲା ? କେବେ କାଳେ ଯାହା ଆମେ ଦେଖି ନ ଥିଲୁ କି ଶୁଣି ନ ଥିଲୁ, କାହିଁକି ଅକସ୍ମାତ୍ ତାହା ଘଟିଲା, ଆମଠାରୁ ତାହା ଆପଣଙ୍କୁ ଅଧିକ

ଜମାଥିବ । ଯାହା ଘଟିବାର ଘଟିଛି । ପର ଗ୍ରାମରେ ଆମର ନିଜ ନିଜ ଭିତରେ କନ୍ଦଳ କରି ଅଧିକ ଲୋକହସା ହେବା ଦରକାର ନାହିଁ । ପାହାନ୍ତାରୁ ଉଠ ଆମେ ସମସ୍ତେ ଏ ଗ୍ରାମ ଛାଡ଼ି ଚାଲିଯିବା ।

ରାଧାଚରଣ କ୍ରୁଦ୍ଧ ହୋଇ କହିଲେ, ତମର ରାୟ ମାନିବାକୁ ଆମେ ବାଧ ନୋହୁଁ । ତମର ମୁହଁବଡ଼ାରେ ଗଉଡ଼େ ନ ଯାଇ ଯଦି ଏଠାରେ ମାଣ୍ଡେଇ ହେବେ ତ ରହନ୍ତୁ, ଆମେ ଚାଲି ଚାଲି ଏ ଗ୍ରାମ ଛାଡ଼ି ପଳାଇବା, ବରଂ ଆର ଗ୍ରାମରେ ରାତି କଟାଇବା । ଜହ୍ନିରତି, ଭୟ କଅଣ ?

ମନ୍ଦିରର ଦରଜା-ପାହାଚ ଉପରେ ହଂସକେତନଙ୍କ ପାଖରେ ସତ୍ୟପ୍ରିୟ ବସି ସମ୍ପୂର୍ଣ୍ଣ ସୁସ୍ଥବ୍ୟକ୍ତି ପରି କଅଣ ସବୁ କଥାବାର୍ତ୍ତା ହେଉଥିଲେ । ମନ୍ଦିରର ପୂଜାରୀ ଓ ଅନ୍ୟ କେଉଁମାନେ ସେମାନଙ୍କ ଆଳାପ ଶୁଣିବାକୁ ବୋଧହୁଏ ଚେଷ୍ଟା କରୁଥିଲେ, କାରଣ ସେମାନଙ୍କ ପଛରେ କେତେଜଣ ଭଦ୍ରଲୋକ ଚୁନିଚାପ ଠିଆ ହୋଇ ରହିଲେ । ମନ୍ଦିରର ଦ୍ୱାର ଆଗରେ ଥିବା ନଡ଼ିଆ ଗଛର ଛାଇ ପାହାଚ ଉପରେ ପଡ଼ିଥିଲା ଓ ସତ୍ୟପ୍ରିୟଙ୍କର ଆକୃତିକୁ ସେ ଛାଇ ଅସ୍ପଷ୍ଟ କରୁଥିଲା ।

ଗୋଟିଏ ନଡ଼ିଆ ଗଛକୁ ସାଇକଲ ଡେରି ରତିକାନ୍ତ ଥକକା ହୋଇ ଠିଆହୋଇ ରାଧାଚରଣ ଓ ସୁଧାନିଧିଙ୍କ କଚକଚ ଶୁଣୁଥିଲେ । ରାସ୍ତାର ଅପର ପାର୍ଶ୍ୱରେ ଜଣେ ଭଦ୍ରଲୋକଙ୍କର ବାରିର ବାଡ଼ କଡ଼ରେ ଝଙ୍କାଳିଆ ଆମ୍ବଗଛ ଛାଇ ତଳେ ରହିପୁରର କେତେଜଣ ଗ୍ରାମବାସୀ ଓ ସ୍ତ୍ରୀ

ଠିଆହୋଇ ଶିଶୁପାଳ-ବରଙ୍କର ବାହୁଡ଼ା-ଯାତ୍ରାର ଫାର୍ସ ଦେଖି ଆମୋଦିତ ହେଉଥିଲେ ।

ସତ୍ୟପ୍ରିୟ ବୋଧହୁଏ ନୀରବରେ ସୁଧାନିଧି ଏବଂ ରାଧାଚରଣଙ୍କର କଥୋପକଥନକୁ କାନେଇ ଥିଲେ । ତାଙ୍କର ଆସନ ଟଳିଲା । ସେ ଧୀର ପଦକ୍ଷେପରେ ରାଧାଚରଣଙ୍କ ଆଗକୁ ଆସିଲେ । ଯୋଡ଼ହସ୍ତ ହୋଇ କହିଲେ, ବଡ଼ବାପା ! ଆପଣ ତ ଜାଣନ୍ତି ମୁଁ କେଡ଼େ ହତଭାଗ୍ୟ । ବାପାଙ୍କର ମରଣ ପରେ ମୁଁ ଓ ମୋର ଅଭାଗିନୀ ବୋଉ କେବଳ ଆପଣଙ୍କ କରୁଣାରୁ ଏବଯାଏ ବଞ୍ଚି ରହିଛୁ । ଆମ ଦୁହିଁଙ୍କର ଜଞ୍ଜାଳରୁ ଆଜିଠାରୁ ଆପଣ ମୁକ୍ତି ଲଭିବେ । କଟକ ଫେରି ମୁଁ ବୋଉଙ୍କୁ ମୋ ପାଖକୁ ନେଇଯିବି । ମୋର ଶେଷ ଅନୁରୋଧ ଯେ ମୋ ପାଇଁ ଆପଣ ଯେତେ ଦୁଃଖ କଷ୍ଟ ଓ ଅପମାନ ସହିଲେ, ସବୁ ମୋର ଉପରକୁ ଫୋପାଡ଼ି ଦିଅନ୍ତୁ । ଥରଟିଏ, ମାତ୍ର ଥରଟିଏ ।

ସତ୍ୟପ୍ରିୟ ଆଖି ପୋଛିଲେ । କାଆଁରେ ପାଣି ପଡ଼ାଇଲା ପରି ସବୁ ଆଲୋଚନା ଥପ୍ କରି ଲିଭିଗଲା । ସମସ୍ତେ କିଛିକାଳ ମୌନ ରହିଲେ । ଭାବୁଥିଲେ ପରା, କିପରି ଏହା ସମ୍ଭବ ହେଲା ? ପାଗଳ ମଣିଷ ଏଡ଼େ ସୁନ୍ଦର ଭାବରେ ଚମତ୍କାର କଥା କହିପାରିଲା । ରବିକାନ୍ତ ଭାବୁଥିଲେ—ସମୁଦ୍ରର ଢେଉ ପରି ବାରମ୍ବାର ସତ୍ୟପ୍ରିୟଙ୍କର ଚେତନା ଉପରେ ମାଡ଼ି ଆସୁଛି, ପୁଣି ଖୁଣ୍ଡି ଯାଉଛି । ସେ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ ହୋଇ ସାରିଲେଣି । ହେ ଭଗବାନ ' ଯାହା ହେବାର ହୋଇ ସାରିଛି, ସେହି ଚେତନା ସେହିପରି ଅଟଳ ରହୁ ।

ସତ୍ୟପ୍ରିୟଙ୍କର ଉକ୍ତି ରାଧାଚରଣ କୁଟମ୍ବୀ ମନକୁ ଥରାଇ ଦେଲା । ବୃଦ୍ଧ ଆଖିରୁ ଲୁହ ପୋଛିଲେ । କହିଲେ, ମୋ କୁଳର ଉଜ୍ଜଳ ତିନୋଟି ପ୍ରାଣୀଙ୍କ ଭିତରେ ତୁ ଜଣେ । ମୁଁ ଯେତେ ଅଶିକ୍ଷିତ ହୁଏଁ ପଛେ, ତୋର ଏ ଦୁଃଖ ଦେଖି ସହି ପାରୁ ନାହିଁ । ଏ ଗ୍ରାମର ମାଟି ମୋ ଗୋଡ଼କୁ ନିଆଁ ଗୁଣ୍ଡା ପରି ଲାଗୁଛି । ଏହି ଗ୍ରାମର ପବନ ମୋ ଦେହକୁ ଜାଳପୋଡ଼ ପକାଉଛି । କାହିଁକି ଏପରି ହେଲା ରେ ବାପା ?

ଜାଣେ ନାହିଁ, ଜାଣେ ନାହିଁ । ମୋର ମରଣ ହୋଇ ସାରିଛି ବାପା ! ମୋ ମୁହଁରୁ ଆଉ କଣ ଶୁଣିବେ ?

କହୁ କହୁ ସତ୍ୟପ୍ରିୟ ରାଧାଚରଣଙ୍କୁ ଆଲିଙ୍ଗନ କରି କାନ୍ଦି ଉଠିଲେ—ନିଜେ ସେ କାନ୍ଦର କୋହକୁ ଅଟକାଇଲେ ।

ବୃଦ୍ଧ ରାଧାଚରଣ ଆତ୍ମହରା ହୋଇ ସତ୍ୟପ୍ରିୟଙ୍କୁ ଦୁଇ ହାତରେ ଗୁଡ଼ାଇ ଧରିଲେ । ସେ ଦୃଶ୍ୟରେ ସମସ୍ତେ ଆତ୍ମହରା ହୋଇଥିଲେ । ରତ୍ନକାନ୍ତ ମୁହୂର୍ତ୍ତେ ଆଖି ବୁଜି ଗୁଞ୍ଜରି ଉଠୁଥିବା ଭୁହାଇ କୋହକୁ ସଂଯତ କରିବାକୁ ନଡ଼ିଆଗଛକୁ ଆଉଜିଲେ । ତାଙ୍କର ମୁହୂର୍ତ୍ତକର ବ୍ୟବଧାନ କେତେ ମିନିଟି ହୋଇଥିଲା ସେ ବୁଝିପାରିଲେ ନାହିଁ । ସେ ଆଖି ଖୋଲି ଦେଖିଲେ ରାଧାଚରଣ ଓ ସତ୍ୟପ୍ରିୟ ପରସ୍ପର ପାଖରୁ ଅଲଗା ହୋଇଛନ୍ତି, ମନ୍ଦିରର କବାଟ କଡ଼ରୁ ବାହାରି ସ୍ୱୟଂ ଚନ୍ଦ୍ରମଣିବାବୁ ନିହାଆଲୁଅକୁ ବାହାରି ଆସୁଛନ୍ତି ।

ତାଙ୍କର କବିପ୍ରାଣ ବି ବ୍ୟଥିତ ମଥିତ ହୋଉଥିଲା । ସେ ହାତ ପାପୁଲିରେ ଆଖି ପୋଛୁଥିଲେ । କାହାକୁ କିଛି ନ କହି ସେ ଏକମୁହାଁ ହୋଇ ଦ୍ରୁତପଦରେ ଘରକୁ ଫେରି ଯାଉଥିଲେ ।

ରତିକାନ୍ତ ଦେଖିଲେ ଓ ଚିନ୍ତାରେ ପଡ଼ିଲେ, କାହିଁକି ଓ କେତେବେଳେ ସେ ଲୁଚି ଲୁଚି ମନ୍ଦିରକୁ ଆସିଥିଲେ । କିଛିକ୍ଷଣ ପରେ ପୂଜାରୀଙ୍କ ପାଖରୁ ବୁଝିଲେ ଯେ ସେ ତା'ର ସାନଭାଇ ଇନ୍ଦ୍ରମଣି ଏବଂ ପୁତୁରା ଚିନ୍ତାମଣିଙ୍କର ମତ ବିରୁଦ୍ଧରେ ବରପକ୍ଷ ଲୋକଙ୍କର ଜଳଯୋଗାଣ ବ୍ୟବସ୍ଥା କରିବାକୁ ଆସିଥିଲେ କିନ୍ତୁ ସେମାନେ ଚୂଡ଼ା ଚକଟାର ବ୍ୟବସ୍ଥା କରି ସାରିଛନ୍ତି ଜାଣି ସେ ଅଟକି ଯାଇଥିଲେ ।

* * *

ମିଳାମିଶା ହୋଇଗଲା ।

ଗଉଡ଼ମାନେ ଓ ଅନ୍ୟାନ୍ୟ ଶିଳ୍ପଦାରମାନେ ମନ୍ଦିର ବେଢ଼ାର ବାହାରେ ନିର୍ମଳ ଆକାଶ ତଳେ ଶୀତଳ ଜ୍ୟୋତ୍ସ୍ନାରେ ଶ୍ରାନ୍ତି ହରଣ କରୁଥିଲେ । କର୍ତ୍ତା ରାଧାଚରଣ, ପୁରୋହିତ ଓ ଗୁରୁବନ୍ଧୁ ଅଗଣା ଭିତରେ ବୈଠକ ପାଇଁ ଆଶ୍ରା ନେଲେ ।

ଗୁରେଣ୍ଠି ବନ୍ଧୁ ଆଲୋଚନା କରୁଥିଲେ ।

ସତ୍ୟପ୍ରିୟ କହିଲେ, ଝଁସକେତନକୁ ଜଣା ନ ଥିଲା ଯେ ତୁ ରତିକାନ୍ତ ବାହାହୋଇ ସାରିଛୁ । ତୁ ଅବିବାହିତ ବୋଲି ସେମାନେ ତା ବିଷୟରେ ଅନୁସନ୍ଧାନ କରୁଥିବାରୁ ସେ ଭୁଲ ଖବର ଦେଲା ।

ସୁଧାନିଧି କହିଲେ, ମୁଁ ବି ସେ ଭୁଲ ସମ୍ବାଦ ଚିନ୍ତାମଣିଙ୍କୁ ଦେଲି । ବାହାଘର ନିମନ୍ତ୍ରଣ ପତ୍ର ନ ଦେଲେ ଏପରି ଅସୁବିଧା ବେଳେବେଳେ ଉପୁଜେ ।

ରତ୍ନକାନ୍ତ କହିଲେ, ସୁଧାନିଧିଙ୍କୁ ମୁଁ ନିମନ୍ତ୍ରଣ କରି ନଥିଲି, କାରଣ ମୁଁ ଜାଣେ ସେ କଟକରେ ରହନ୍ତି ନାହିଁ; କିନ୍ତୁ ଝସକେତନଙ୍କ ବସାରେ ସେ ଝିଅଟି ହାତରେ ମୁଁ ନିଜେ ନିମନ୍ତ୍ରଣ ପତ୍ର ଦେଇ ଆସିଥିଲି । ସେ ପଢ଼ି ଦେଇ ନ ଥିବେ ତ—

ଝସକେତନ କହିଲେ, ସେ ଝିଅଟି ଭୁଲ କରିନାହିଁ, ଭୁଲଟା ମୋର । ଯେଉଁ ଟେନସନ୍ ଭିତରେ ମୁଁ ଅଛି ନା, କିପରି ସେ ଗୁଣ୍ଡା'ଦଳଙ୍କୁ ସାଧି କରିବି ସେହି ବିଷୟରେ ମୁଁ ଭୁଲି ଯାଇଥିଲି ।

ସୁଧାନିଧି ଉପଦେଶ ଦେଲେ, ମାନେ ମାନେ ତୁ ସେହି ନରକ ଭିତରୁ ଖସି ଚାଲରେ, ନୋହିଲେ ମୋର ତ ଭୟ ହେଉଛି ସେମାନେ ତୋତେ ଦିନେ ସାଧି କରିଦେବେ । ବୁଢ଼ବୁଢ଼ ଆଖି ବୁଜି ପଙ୍କୁଆ ପୋଟଖାତ୍ରୁ ପାଣି ପିଇଲେ, ଅଜାଣତରେ ପାଟିରେ ଚିଙ୍ଗୀ କି କଉ ପଶିବାର ସମ୍ଭାବନା ଅଛି । ବେଳହୁଁ ସାବଧାନ ହେବା ଉଚିତ ।

ଝସକେତନ ଚୁପ୍ ରହିଲେ ।

ବନ୍ଧୁ ମହଲକୁ ଆସି ନିଜର ଦୁର୍ଗ ଭିତରେ ନିରାପଦରେ ଥିବାପରି ରତ୍ନକାନ୍ତ ମଣୁଥିଲେ । ତଥାପି ଯେଉଁ ଉତ୍ତେଜନାରେ ମଝିରେ ଘଣ୍ଟାଧିକ କାଳ କଟାଇ ସେ ଫେରି ଆସିଥିଲେ, ସେତିକି

ମନେପଡ଼ିଲେ ଏବେଯାଏ ବି ତାଙ୍କର ହାଲୁକା ଫୁଟି ଯାଉଛି । ଭାଗ୍ୟକୁ ପାଦର ଅଳତାଦାଗ ସମ୍ପୂର୍ଣ୍ଣ ଲିଭି ନ ଥିଲା, ନୋହିଲେ ଦୁଇ ବନ୍ଧୁଙ୍କର ଭ୍ରମାତ୍ମକ ସମ୍ବାଦ ପାଇଁ ଆଉ କେତେବେଳ ପ୍ରହସନ ସ୍ଥଳ ଥାଆନ୍ତା । ଆହା···ବିଚରା କଳିକା ! ଅନ୍ୟମାନଙ୍କର ପ୍ରବୋଚନାରେ ସେ ନିଜକୁ ରତିକାନ୍ତଙ୍କୁ ଦେଖାଇ ପାରିଥିଲା । ରତିକାନ୍ତଙ୍କୁ ମଧ୍ୟ ସେ ଦେଖିଥିଲା । ଭାଗ୍ୟର ନିଷ୍ଠୁର ଉପହାସ !

ଖଞ୍ଜା ଭିତରେ ଯାହାସବୁ ଘଟିଥିଲା, ରତିକାନ୍ତ ଘୁଣାକ୍ଷରରେ ତାର ଆଭାସ କାହାରିକୁ ଦେବା ଉଚିତ ମନେକଲେ ନାହିଁ ।

* * *

ଆଜିଯାଏ, ଏଇ ବୃଦ୍ଧ ବୟସର ବୋଝ ମୁଣ୍ଡରେ ବୋହି ନେଇ ପଡ଼ିବାଯାଏ, ଏ ବିଷୟରେ କାହାକୁ ସେ କେବେ କହି ନାହାନ୍ତି । ଏହା ତାଙ୍କ ମନ କନ୍ଦରରେ ତାଙ୍କର ଏକାନ୍ତ ହୋଇ ରହିଛି ।

ସୁଧାମୟୀ ବୁଢ଼ୀ ହେଲେଣି । ଦାନ୍ତ ପଡ଼ି, କେଶ ପାଚି, ପୃଥୁଳା ହୋଇ ଆଜି ବୁଢ଼ୀ ସୁଧାମୟୀଙ୍କର ବାହାର ରୂପ ଅସୁନ୍ଦର ହେଲାଣି, ଯେପରି ହୋଇ ସାରିଛନ୍ତି ସେ ନିଜେ ରତିକାନ୍ତ, କିନ୍ତୁ ପରସ୍ପର ଭିତର-ରୂପର ଦୀପ୍ତିମନ୍ତ ନିଗୂଢ଼ ସୌନ୍ଦର୍ଯ୍ୟର ପରିବ୍ୟାପ୍ତିରେ ଦୁହେଁ ତ ହଜି ଯାଇଛନ୍ତି ।

କଳିକା ମଧ୍ୟ ବୁଢ଼ୀ ହୋଇ ସାରିଲେଣି । ଅଳକା ଭଉଜ ଘନେ କହୁଥିଲେ, କଳିକା ଆଈବୁଢ଼ୀ ହୋଇ ମଧ୍ୟ ଏବେଯାଏ

ମୁଣ୍ଡ ଝୁଙ୍କାଇ ବସନ୍ତି, ଆଙ୍ଗୁଠିରେ ଭୂମି ଉପରେ ନୀରବରେ ରେଖା ଟାଣନ୍ତି ।

କଳାକାଙ୍କର ସ୍ଥବିର ରୂପ କେବେ ରତିକାନ୍ତଙ୍କର ଆଖି ଆଗକୁ ଆସେ ନାହିଁ । ସେ ଦେଖନ୍ତି, ନବବଧୂ ବେଶରେ ସ୍ୱର୍ଣ୍ଣାଳଙ୍କାର ମଣ୍ଡିତା ଗୋଟିଏ ରୂପସୀ ତରୁଣୀ ମୁହଁ ବୁଲାଇ ତାଙ୍କର ଆଡ଼କୁ ଚାହିଁଛି, ମଥା ଉପରୁ ଅବଗୁଣ୍ଠନ ଖସି ପଡ଼ୁଛି ।

ତା ପରର ଦୃଶ୍ୟଟି ଅତି କରୁଣ । ଭଣ୍ଡାରୁଣୀ ଓ ଅନ୍ୟମାନେ ଗୋଟିଏ ନଈଁଲା ଝିଅକୁ ବେଦୀ ଉପରକୁ ନେଉଛନ୍ତି । ଦିଶୁଛି କେବଳ ଧୀରେ ଧୀରେ ଆଲତା ରଞ୍ଜିତ ସୁଗଠଣ ପାଦ ଦିଓଟିର ରୁଣୁଝୁଣୁ ଥରିଲା ଚଳନା । ସେ ଚଳନାରେ ବିଦ୍ରୋହ ନାହିଁ, ହୁଏତ ଅଛି ମନର କେତେ ଆଶା, ଅବା ସମାଜପ୍ରତି ଅଭିମାନ ଅଥବା ନିଷ୍ଠୁର ନିୟତି ପାଖରେ ଆତ୍ମସମର୍ପଣ !

ବୃଦ୍ଧ ରତିକାନ୍ତଙ୍କର ଅନ୍ତର ଫେରିଆସିଲା ରତ୍ନପୁରର ଶିବମନ୍ଦିରର ବେଢ଼ା ଭିତରକୁ ।

* * *

ଉଜ୍ଜ୍ୱଳ ଜହ୍ନ ଆଲୁଅରେ ସେମାନେ ନୀରବ ହୋଇ କିଛି ସମୟ ବସିଲେ । ହଠାତ୍ ସୁଧାନିଧି କହି ଉଠିଲେ ନମ୍ରସ୍ୱରରେ, ମୁଁ ସବୁ ବୁଝି ପାରିଲଣି ରତିକାନ୍ତ । ସତ୍ୟପ୍ରିୟ ମୋ ପାଖରେ କପଟ କରିଛି । ଯୋଉଁ ତାମସା ସେ ଦେଖାଇଲା, ସମସ୍ତେ ଆମେ ବୁଝି ପାରିଛୁ ଯେ ସେତକ ତାର ଛଳନା ।

ରତିକାନ୍ତ ପଚାରିଲେ, କପଟ ?

ଝସକେତନ କହିଲେ, ହୋଇପାରେ ଛଳନା !

ସତ୍ୟପ୍ରିୟ ନିରୁତ୍ତର ।

ସୁଧାନିଧି କହିଲେ, କୌଣସି ନିର୍ଭରଯୋଗ୍ୟ ସମ୍ବାଦ ସୂତ୍ରରେ ପାଇ ତୁ ଯଦି ଜାଣି ପାରିଥିଲୁ ଯେ କଳକାର ସ୍ୱଭାବ ଚରିତ୍ର ନିର୍ମଳ, ନିଷ୍କଳଙ୍କ ନୁହେଁ, ଯେକୌଣସି ମୁହୂର୍ତ୍ତରେ ତୋର ସନ୍ଦେହ ତୁ ମୋତେ କହି ପାରିଥାନ୍ତୁରେ ସତ୍ୟପ୍ରିୟ ! ମୁଁ ସବୁ ଦୋଷ ମୋ ମୁଣ୍ଡକୁ ନେଇ କୌଣସି ଆଗରୁ ବାହାଘର ଭାଙ୍ଗି ଦେଇ ପାରିଥାନ୍ତି । ଶେଷ ମୁହୂର୍ତ୍ତରେ କାହିଁକି ସମସ୍ତଙ୍କୁ ଅପଦସ୍ଥ ଓ ଲୋକହସା କରାଇଲୁ ?

ସତ୍ୟପ୍ରିୟ ନିଜର ମୁଣ୍ଡକୁ ତାଙ୍କର ଦୁଇ ହାତରେ ଧରି ବାଇଆଙ୍କ ପରି ମୁଣ୍ଡ ହଲାଇବାକୁ ଲାଗିଲେ ; ମୁଣ୍ଡରୁ ହାତ ଖସାଇ ମୁଣ୍ଡର କେଶ ଓଟାରି କାଳସୀ ପରି ଆଗକୁ ପଛକୁ ଦୋହଲିଲେ । କିଛିକ୍ଷଣ ପରେ ସେ ନିଶ୍ଚଳ ହେଲେ । କହିଲେ, ମୁଁ ସତରେ ପାଗଳ ହୋଇଥିଲି ରେ ସୁଧାନିଧି ! ସେଥିପାଇଁ ଜଣେ ନିର୍ମଳ ନିଷ୍ପାପ ଝିଅଟି ମୁଣ୍ଡରେ ତୋର ସନ୍ଦେହ ତୁ ଲଦି ଦେ ନା !

ପୁଣି ସତ୍ୟପ୍ରିୟ ତାଙ୍କର ମୁଣ୍ଡକୁ ଦୁଇ ହାତରେ ଧରିଲେ । ହୁଏତ ଆଲୋଚନା ଆଗେଇ ଥାଆନ୍ତା, କିନ୍ତୁ ଦୈବର ଇଚ୍ଛାର ଅନ୍ୟରୂପ ଧରିଲା । ସଙ୍ଗରେ ପେଟ୍ରୋମାକସ ଆଲୁଅ ଧରି ରତ୍ନପୁର ଜମିଦାରଙ୍କ ଘରର ମୁରବୀମାନେ ଆସି ମଣ୍ଡପରର ବେଢ଼ା ଭିତରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରେ କଳକାର ପିତା

ଚନ୍ଦ୍ରମଣି, ଦାଦ ଇନ୍ଦ୍ରମଣି ଓ ଚିନ୍ତାମଣି ଥିଲେ । ମନ୍ଦରର ଅଗଣା କୋଳାହଳମୟ ହେଲା । କାହିଁକି ସେମାନେ ପୁଣି ଏକଯୋଟ ହୋଇ ରାତି ନଅଟାରେ ଫେରି ଯାଉଥିବା ବରଯାତ୍ରୀଙ୍କ ପାଖକୁ ଆସିଲେ ବୁଝି ନପାରି ଗୃହବନ୍ଧୁ ବସ୍ତ୍ରରେ ଉଠି ଠିଆ ହେଲେ ।

ଚିନ୍ତାମଣି ଓ ଇନ୍ଦ୍ରମଣି କର୍ତ୍ତା ରାଧାଚରଣଙ୍କୁ ଖୋଜୁଥିଲେ । କ୍ଳାନ୍ତ ହୋଇ ବୃଦ୍ଧ ଶୋଇ ପଡ଼ିଥିଲେ । ସୁଧାନିଧି ଓ ଝସକେତନ ତାଙ୍କୁ ଡାକି ଉଠାଇଲେ । ନିଜେ ଚନ୍ଦ୍ରମଣି ସତ୍ୟପ୍ରିୟଙ୍କ ପାଖକୁ ଆସି ତାଙ୍କର ହାତଟିକୁ ଧରି ଗଦ୍‌ଗଦ୍‌ କଣ୍ଠରେ କହିଲେ, ସେମାନେ ସମସ୍ତେ ତାଙ୍କର ପ୍ରମାଦ ବୁଝି ପାରିଛନ୍ତି ବାବୁ ! ସମସ୍ତଙ୍କର ହୋଇ ମୁଁ ଦୋଷ ମାଗିନେବାକୁ ଆସିଛି ।

ସତ୍ୟପ୍ରିୟ କହିଲେ, ସବୁ ଦୋଷତକ ମୋ ଭାଗ୍ୟର । ଅଜାଣତରେ ଆପଣମାନଙ୍କର ଉପରମୁଣ୍ଡ ମୁଁ ତଳକୁ ନୁଆଁଇଛି, ସେଥିପାଇଁ ମୁଁ କ୍ଷମା ଚାହୁଁଛି ।

ସତ୍ୟପ୍ରିୟ ମୁଣ୍ଡ ନୁଆଇଁ ପୁଣି କହିଲେ, ବିଶ୍ୱାସ କରନ୍ତୁ, ମୁଁ ଛଟା ଗାଳୁ ନ ଥିଲି, ମୁଁ ପାଗଳ ହୋଇଥିଲି ଆଜ୍ଞା, ମୋର ଚାରା ନଥିଲା ।

ଇନ୍ଦ୍ରମଣି ସତ୍ୟପ୍ରିୟଙ୍କର ହାତଧରି କହିଲେ, ଋତ୍ତକାନ୍ତ ! କଲକାର ତମେ ଭାଇପରି, ଜାଣିଛ ମୁଁ ଛଅଟି ଝିଅଙ୍କର ବାପା । ସତ୍ୟପ୍ରିୟଙ୍କୁ କନ୍ୟାଦାନ କରି ତା ପରି ସାଧୁ ସଚ୍ଚରିତ୍ର ଓ ସୁଯୋଗ୍ୟ ପୁଅ ପାଇବି ବୋଲି ମୁଁ ଆଶା କରିଛି । ମୋ ଆଶା

ମୁଁ ବିଫଳ କରିବାକୁ ଚାହେଁ ନାହିଁ । ପଛକଥା ପଛକୁ ପକାଇ ତମେ ସମସ୍ତେ ଆମ ସଙ୍ଗରେ ଫେରିଚାଲ । ବାହାଘରର ସବୁ ଆୟୋଜନ ହୋଇ ସାରିଛି ।

ରତିକାନ୍ତ ଅବାକ ହୋଇ ଶୁଣିଲେ । ବାହୁଡ଼ାବରକୁ ପୁଣି ଫେରାଇ ନେଇ କନ୍ୟାଦାନ କରିବା ପଛରେ କି ଅଭିସନ୍ଧି ଅଛି ତାଙ୍କପରି ଜଣେ ଅନଭିଜ୍ଞ ତରୁଣ ପକ୍ଷରେ ବିଚାର ସ୍ଥିର କରିବା ସେତେବେଳେ ସମ୍ଭବ ହୋଇପାରି ନ ଥିଲା । ବିଜୁଳି ବେଗରେ ଯେଉଁ ସମ୍ଭାବନା ତାଙ୍କର ମନରେ ଥରଟିଏ ଚମକି ଉଠିଥିଲା, ତା ପଛରେ ସୁଧାନିଧିଙ୍କର ଦାମ୍ଭିକତାହୀନ ବାକ୍ୟର ଝିକମିକି ପ୍ରହାର କାର୍ଯ୍ୟ କରିଥିଲା—ସତେ କଅଣ ସେହି ଅମଳିନ ଗୋଲାପ ଫୁଲଟି କେବେ କୀଟଦଂଷ୍ଟ୍ର ହୋଇଥିଲା ଓ ସେ ସମ୍ବାଦ ଶେଷ ମୁହୂର୍ତ୍ତରେ ସତ୍ୟପ୍ରିୟଙ୍କର ଗୋଚରକୁ ଆସିଥିଲା ?

ନାନା କାରଣ ଓ ଅଭିପ୍ରାୟ ନେଇ ଖଳଲୋକ ବାହାଘର ଭଙ୍ଗାଇବାକୁ ଚେଷ୍ଟା କରନ୍ତି । ଅଲକ୍ଷ୍ୟରେ ଅନ୍ଧାଦୁନିଆଁ ମୁଣ୍ଡବୁମା ଜାଲ ପକାନ୍ତି । ସତ୍ୟପ୍ରିୟ କଣ ସେହିପରି କୌଣସି ଅଦେଖା ଅଜଣା ଶତ୍ରୁର ଜାଲରେ ପଡ଼ି ଛଟପଟ ହେଉଥିଲେ, ପଳାୟନର ବାଟ ଖୋଜୁଥିଲେ ? କାହିଁକି ସେ ନୀରବ ରହିଛନ୍ତି, ପ୍ରତିବାଦ କରି ନିଜର ପାଗଳପଣିଆର ଆଗରୁ ଦେଇ ମନା କରି ଦେଉ ନାହାନ୍ତି ? ନିଜର ଅଯୌକ୍ତିକ ଗର୍ହିତ ଭାବନାର ସ୍ୱରୂପ ଅନ୍ୟଜଣଙ୍କର ତୁଣ୍ଡରୁ ଶୁଣି ନିଜେ ସେପରି ଅସୁନ୍ଦର ଖବର ପାଇ ନ ଥିଲେ, ପାଇଥିଲେ ବିଶ୍ୱାସ ମଧ୍ୟ କରି ନ ଥିଲେ, ଏହାର

ପ୍ରମାଣ ଦେବାକୁ ଚନ୍ଦ୍ରମଣି ବାବୁଙ୍କର ପ୍ରସ୍ତାବକୁ ଆଡ଼େଇ ଦେଉନାହାନ୍ତି ?

ରତିକାନ୍ତ ନୀରବତା ଭାଙ୍ଗିଲେ, କିନ୍ତୁ ମଉସା—! ଆଜି ଅଧିକ କହିବାକୁ ବାକ୍ୟ ଫୁଟିଲା ନାହିଁ ।

ଚନ୍ଦ୍ରମଣି କହିଲେ, କିମ୍ବା କିନ୍ତୁର ସବୁ ବାଧା ଗୁଡ଼ା ମୋର ପିଠିରେ ସମସ୍ତେ ପକାଇଥାଅ, ଆଉ ଡେରି କର ନାହିଁ ।

ଅଗଣାରେ ସେ ଭିଡ଼ରେ କ'ଣ ଆଲୋଚନା ହେଉଥିଲା । ସମାଧାନ ହୋଇଗଲା । ଆନନ୍ଦର କୋଲାହଳରେ ସ୍ଥାନଟି ମୁଖରିତ ହେଲା । ଜଗତର ଆଦିମୂଳ ଶିବଙ୍କର ପ୍ରତୀକ ସେମାନଙ୍କୁ କେଉଁ ନୂତନ ଉତ୍ସାହ, ନୂତନ ପ୍ରେରଣା ଦେଲେ କେଜାଣି, ସେମାନେ ପରସ୍ପରକୁ ଆଲିଙ୍ଗନ କରି ଟିକିଏ ନାଚିଲେ । ଚନ୍ଦ୍ରମଣି ସତ୍ୟପ୍ରିୟଙ୍କର ବୋଲକରା-ହାତଟି ଧରି ସେମାନଙ୍କ ପାଖକୁ ନେଲେ । ସତ୍ୟପ୍ରିୟ ସୁଧାର ହେଲେ ।

ରତିକାନ୍ତଙ୍କ କିନ୍ତୁଟି ବହୁରୂପ ଧରି ତାଙ୍କର ମୁଣ୍ଡ ଚାରି ପାଖରେ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲା ।—ଦୁଇଟି ଅକ୍ଷର, ହାତ ଧରାଧରି, ଅଶ୍ରୁମୁଖୀ ବିରସବଦନା କଳିକା ଓ କିଂକର୍ତ୍ତବ୍ୟ ବିମୂଢ଼ ବିଷାଦବଦନ ମୂକ ସତ୍ୟପ୍ରିୟ !

ତାଙ୍କର ମୁଣ୍ଡ ବୁଲାଇବାକୁ ଲାଗିଲା । ସେ ମୁଣ୍ଡରେ ହାତ ଦେଇ ଚିନ୍ତାଶୂନ୍ୟ ହେଇ ସେହି ଅଗଣାରେ ବସି ରହିଲେ । ଦେଖିଲେ, ନୂଆ ଆନନ୍ଦରେ ଭୋଳ ବରଯାତ୍ରୀ ଓ କନ୍ୟା ପକ୍ଷର ଲୋକେ ବେଢ଼ା ଭିତରୁ ପଦାକୁ ଚାଲି ଯାଉଛନ୍ତି । ତାଙ୍କର ଗୋଡ଼ ଚଳିଲା ନାହିଁ ।

କାନରେ ବାଜିଲା ଢୋଲ ବାଇଦର ଶବଦ । ଯୋଗୀ-ମହୁରୀର କରୁଣ ସ୍ୱର ଓ ଶୁଭଶଙ୍ଖର ଘନ ଘନ ରବ ସଙ୍ଗେ କୁଳ-କାମିନୀଙ୍କର ହୁଳହୁଳି ଧ୍ୱନି ଦୂରରୁ ଭାସି ଆସିଲା । ନିର୍ଜନ ମନ୍ଦିର ବେଢ଼ା ଭିତରେ ବାହୁଙ୍ଗା ମେଲାଇ ଜୋଛନାରେ ଚକ ଚକ ପଥ ବୁଲାଉଥିବା ଅପଜନ୍ମ ଗଜା ନଡ଼ିଆଗଛ ଦିଓଟି ସତେକି ନବ ହିଲ୍ଲୋଳରେ ପୁଲକ ଉଠିଲେ, ମର୍ମରି ଉଠିଲେ । ରତିକାନ୍ତ ପ୍ରକୃତିସ୍ଥ ହୋଇ ସାରିଥିଲେ । ତଳେ ମୁଣ୍ଡ ଲଗାଇ ଭୋଳାଶଙ୍କରଙ୍କୁ ପ୍ରଣାମ କଲେ । ମନେ ମନେ ପ୍ରାର୍ଥନା କଲେ, ସର୍ବ ଶୁଭରେ ବିବାହର ସମାପନ କର ପ୍ରଭୁ ! ବାଦଲ ତ ଅପସରିଛି, ସେମାନଙ୍କର ଜୀବନକୁ ସୁନ୍ଦର କର, ନିର୍ମଳ କର, ସୁଖମୟ କର ।

* * *

ତାଙ୍କର ନିବିଷ୍ଟତା ଭାଙ୍ଗିଲା ।

ଜଣେ ବୃଦ୍ଧଲୋକ ଆଗରେ ଠିଆହୋଇ ପଚାରୁଛନ୍ତି, ଆପଣ ବାହାଘର ଦେଖିବାକୁ ଯିବେ ନାହିଁ କି ? କେତେ ସମୟ ଯାଏ ଏଠାରେ ଏମିତି ବସି ରହିଥିବେ ? ଉଠନ୍ତୁ, ଦରଜା ବନ୍ଦ କଲେ ମୁଁ ବେଦୀ ଦାଖକୁ ଯିବି ।

ରତିକାନ୍ତ ଉଠିଲେ । ପଚାରିଲେ, ମୁଁ ଅତି କ୍ଲାନ୍ତ ହୋଇଥିଲି ଗୋସେଇଁ ! ଚାଲନ୍ତୁ ଯିବା, ଆଉ କିଛି ଅସୁବିଧା ହୋଇ ନାହିଁ ତ ?

ଗୋସାଇଁ କହିଲେ, ସାମନ୍ତଙ୍କ ଘରୁ ମୁଁ ଏବେ ଗୋଡ଼େ ଗୋଡ଼େ ଆସୁଛି ଆଜ୍ଞା ! ସବୁ କାର୍ଯ୍ୟ ଭଲରେ ଚାଲିଛି । ବର ସମ୍ପୂର୍ଣ୍ଣ ସୁସ୍ଥ ଓ ପ୍ରକୃତିସ୍ଥ ଅଛନ୍ତି । ଭୋଳା-ଶଙ୍କରଙ୍କର ଦୟା । ରିଷ୍ଟ ଖଣ୍ଡନ ହୋଇ ଚାଲିଲା । ଏବେ, ଉଠନ୍ତୁ—

ରତିକାନ୍ତ ଆନନ୍ଦରେ ତତ୍ପର ହେଲେ । ଗୁଡ଼ାଏ ଏଣୁତେଣୁ ବିଚାର ନ କରି ସେ ସାଇକଲ ଧରି ଚନ୍ଦ୍ରମଣିଙ୍କ ଘର ଆଗକୁ ଗଲେ । ରାତି ଦଶଟା ହେଲାଣି । ସାଇକଲରେ ତାଲା ପକାଇ ସେ ବର ଥିବା ଘରେ ପ୍ରବେଶ କଲେ । ସେଠାରେ ବର ନାହାଁନ୍ତି, ପେଟ୍ରୋମାକସ ଜଳୁଛି । ବରପକ୍ଷର ଜଣେ ଲୋକ କଅଣ ମଜଡ଼ା ସଜଡ଼ା କରୁଛି । ପିଲାଗୁଡ଼ାଏ ଆଲୁଅ ପାଖରେ ଖେଳୁଛନ୍ତି । ଝିଅଟିଏ କହିଲା, ବାଇଆ-ବର ବେଦୀ ଉପରେ ବାହା ହେଉଛନ୍ତି ।

ବାଇଆ ବର !

ବାଇଆ ହେଇ ନ ଥିଲା କି ସେ ? ଏବେ ସେ ଗୁମ୍ ହୋଇ ବସିଛନ୍ତି, ଚାଲୁନା ଦେଖିବ ।

ରତିକାନ୍ତ ବେଦୀ-ଖଞ୍ଜାକୁ ଗଲେ । ବେଦୀର ଚାରି ପାଖରେ ସ୍ତ୍ରୀ-ପୁରୁଷ ବେଢ଼ି ରହିଛନ୍ତି । ସତ୍ୟପ୍ରିୟ ଧୀର-ସ୍ଥିର ହୋଇ ରାଧାଚରଣଙ୍କ ପାଖରେ ବେଦୀ-ଉପରେ ବସିଛନ୍ତି । ତାଙ୍କ ପଛରେ ଭଣ୍ଡାରୀ ଓ ସୁଧାନିଧି ଠିଆ ହୋଇଛନ୍ତି । ପୁରୋହିତେ ମନ୍ତ୍ର ପଢ଼ି ଯେପରି କରିବାକୁ କହୁଛନ୍ତି, ସତ୍ୟପ୍ରିୟ ସେପରି କରୁଛନ୍ତି । ଲୋକ ଭିଡ଼ ଠେଲି ବେଦୀ ପାଖକୁ ଯିବାକୁ ସେ

ଚେଷ୍ଟା କଲେ ନାହିଁ । ଠିକଏ ଆଡ଼େଇ ହୋଇ ସେ ଦୂରକୁ ଗୁହିଁଲେ ।

ସତ୍ୟପ୍ରିୟ ମୁହଁ ଗମ୍ଭୀର ଦିଶୁଛି । ସେ ମୁହଁ ପୋତି ବସିଛନ୍ତି । ଅନାଇଁଛନ୍ତି ଅବା ଆଖି ବୁଜିଛନ୍ତି ବାରି ହେଉ ନାହିଁ । ବେଢାଇ ଆଉ ପାଖରେ ମାଇପି ଭିଡ଼ । ସେମାନଙ୍କ ମଝିରେ ମାନମା, କଳକାର ଖୁଡ଼ୀ ଓ ନଇଲି ବୁଢ଼ୀ ଜଣକ ଅଛନ୍ତି । ହୁଏତ କଳକାର ଜନମା ମଧ୍ୟ ଥିବେ, ଯାହାଙ୍କୁ ରତିକାନ୍ତ ସେତେବେଳଯାଏ ଚହ୍ନିବାର ସୁଯୋଗ ପାଇ ନ ଥିଲେ ।

ସେମାନେ ସମସ୍ତେ ନିର୍ବାକ ହୋଇ ବରକୁ ଗୁହିଁ ରହିଥିଲେ । ତାଙ୍କର ଶ୍ୟାମଳ ସରଳ ଦେହ ଓ ନିଖୁଣ ଆନତ ମୁହଁକୁ ସ୍ନେହ ସହାନୁଭୂତିଭରା ଦୃଷ୍ଟିରେ ଆଉଁସି ଦେଉଥିଲେ । ରତିକାନ୍ତ ସେହିସବୁ ଉଦ୍‌ବିଗ୍ନ ପ୍ରଶ୍ନିଳ ଓ ଆଗ୍ରହୀ ମୁହଁଗୁଡ଼ିକ ଭିତରେ କି ସବୁ ଭାବନା ଖେଳୁଛି କଳନା କରିବାକୁ ବେଦିକା ନିକଟକୁ ଆଗେଇଗଲେ । ସୁଧାନିଧି ଏବଂ ଅନ୍ୟମାନଙ୍କର ଧାଡ଼ି ପଛରେ ମୁହଁ ଲୁଚାଇ ସେ ଜଣଙ୍କୁ ବରଚ୍ଛ କଲେ ।

ଭାବୁଥିବେ ସବ ଇନ୍ଦୁମଣିଙ୍କର ଗୃହିଣୀ ଯିଏ ପାଞ୍ଚଟି ଝିଅରେ କୋଡ଼ପୋଛା ପୁଅର ଜନମା, କଳକାର ଖୁଡ଼ୀ, କାହିଁକି ସେପରି ଢଙ୍ଗ କାଢ଼ିଲୁରେ ବାପ ! କେଉଁ ଚୁଲିପଶା ଅଲକ୍ଷଣୀ ତୋ କାନରେ କି ବିଷ ଢାଳିଲା ମୋର ସୁଝସୁବର୍ଣ୍ଣ ପ୍ରତିମା କଳକା

ନାମରେ ? ଜାଣିଥାରେ ପୁଅ, ଏ ଘରକୁ ମାଛି ମୁହଁ ଗଳାଇଲେ ନବଖଣ୍ଡ ହେବ ।

ଭାବୁଥିବେ ପରୀ ମାନମୀ, ଜାଣି ଜାଣି କେହି ଏପରି ଢଙ୍ଗ କାଢ଼େ ନାହିଁ । ଥରେ ତ ଚେଇଁଲ, କାହିଁକି ପୁଣି ସମୟେ ବାଇଆ ବୁଦ୍ଧି କରୁଛ ?

ମାନମୀ ଦେବୀଙ୍କର ଦୃଷ୍ଟି ସାମାନ୍ୟ ଚଞ୍ଚଳ ହେଲା, ଏପାଖ ସେପାଖ ବୁଲଲା । ତାକୁ ନ ଦେଖିଲା ଆଗରେ ରତ୍ନକାନ୍ତ ସୁଧାନିଧିଙ୍କର ଡେଙ୍ଗା ଦେହର ଉହାଡ଼କୁ ମୁଣ୍ଡ ବଢ଼ାଇଦେଲେ ସୁଧାନିଧି ଦୁ’ପାଦ ଆଗେଇ ଗଲେ । ନଇଁପଡ଼ି ହସ୍ତୋପ୍ରିୟଙ୍କର କଣ୍ଠଧରି ତାଙ୍କୁ ଉଠାଇବାକୁ ଲାଗିଲେ । ଭଣ୍ଡାରୀ ଟୋକା ତାଙ୍କର ଆରପାଖ ଧରି ଉଠାଉଥିଲା ।

ମାନମୀଙ୍କ ଦୃଷ୍ଟି ରତ୍ନକାନ୍ତଙ୍କର ଦୃଷ୍ଟିରେ ମୁହୂର୍ତ୍ତେ ସଂଘାତପ୍ରାପ୍ତ ହେଲା । ଦୁଇଟି କ୍ୟାରମଗୋଟିର ଅଗ୍ନିକଣ ପରସ୍ପର ସଂଘାତ ପରି ସେ ଦୃଷ୍ଟି ଦେରସ୍ଥ ପଥ ଧରିଲା । ରତ୍ନକାନ୍ତ ଭାବିଲେ, ମାନମୀଙ୍କର ଚଢ଼କ-ଦୃଷ୍ଟିରେ ଅଭିମୋଗ ଓ ଭର୍ତ୍ସନା ଭରପୂର ଥିଲା କାହିଁକି ତମେ ଏତେ ଶୀଘ୍ର ବାହା ହୋଇ ପଡ଼ିଲ ? ଗୋଟିଏ ମାସ ଯଦି ଅପେକ୍ଷା କରି ପାରିଥାନ୍ତି, ଗମରି ହାତକୁ କଳକା ପରି ଲହୁଣୀପିଛୁଳା ଲାବଣ୍ୟନିଧିଙ୍କୁ ଅନାୟାସରେ ମୁଁ ଟେକାଇ ଦେଇ ପାରିଥାନ୍ତି । ବାହା ହୋଇଥିଲ ତ, ସଙ୍ଗେ ସଙ୍ଗେ ମତେ ନ ଜଣାଇ ନିଜକୁ ମିଶାଇ ଆମ ସମସ୍ତଙ୍କୁ ଅପଦସ୍ଥ କଲ କାହିଁକି ?

ରତିକାନ୍ତ ବୁଝି ପାରୁଥିଲେ; ତାଙ୍କର ଦୃଷ୍ଟି ମାନସୀଙ୍କ ଉପରକୁ ନିଜ ଅଭିଯୋଗର ଶାଣୁଆଁ ବାକ୍ୟବାଣ ନିକ୍ଷେପି ଥିଲା, କହୁଥିଲା, ତମର ନିଜ ନଣନ୍ଦ ଅଳକା ତାଙ୍କର କେଉଁ ଦଅରର ବାହାଘରକୁ ଗ୍ରାମକୁ ଆସିଥିଲେ, ସେ ଖବର ଯଦି ତମେ ପାସୋରିଲ, ସବୁ ବିଶୃଙ୍ଖଳା ଓ ଉତ୍ତେଜନା ପାଇଁ ତମେ ହିଁ ଦାୟୀ ଭଉଜ ! ସୁଧାମୟୀଙ୍କୁ ଯଦି ଥରଟିଏ ତମେ ଦେଖିଥାଆନ୍ତ !

ବାହାଘରର ପ୍ରଥମ ବରଣ ସରିଲା । ଅଶ୍ରୁମୁଖୀମାନଙ୍କର ହୁଳହୁଳି ଓ ଶଙ୍ଖନାଦ ରତିକାନ୍ତ ଅନ୍ୟମନସ୍କତାକୁ ଦୋହଲାଇ ଦେଲା । ତାଙ୍କର କାନପାଖରୁ ଜ୍ୟୋତିଷଙ୍କ କଣ୍ଠ ନିଗତ—ମଙ୍ଗଳଂ ଭଗବାନ ବିଷ୍ଣୁର ଶବଦ ତାଙ୍କର ଲଗାମ ହୁଗୁଳା ଅବାନ୍ତର ଭାବନାର ପରିସ୍ଥିତିକୁ ଓଟାରି ଆଣିଲା ।

* * *

ପରିସ୍ଥିତି ଚଞ୍ଚଳ ହୋଇ ଉଠିଛି । ମୁହଁ ବୁଲାଇ ସମସ୍ତେ କିଏ କୁଆଡ଼େ ଯାଉଛନ୍ତି । ସତ୍ୟପ୍ରିୟଙ୍କୁ ଉଠାଇ ସୁଧାନିଧି, ରାଧାଚରଣ ଓ ଭଣ୍ଡାରିଶୋକା କଡ଼ରୁ ଓ ପଛରୁ ଧରି ଜଗନ୍ନାଥଙ୍କର ପହଣ୍ଡି ବିଜେ ପରି ହଲାଇ ଦୋହଲାଇ ଆଗକୁ ଆଗକୁ ଠେଲୁଛନ୍ତି । ଦେହରେ ପ୍ରାଣ ନ ଥିଲା ପରି ସତ୍ୟପ୍ରିୟ ନୀରବ ରହୁଛନ୍ତି ; ସେ ବାଧା ଦେଉ ନାହାନ୍ତି । ସୁଧାନିଧିଙ୍କର ପଛରୁ ଠେଲା ପାଇ ସତ୍ୟପ୍ରିୟଙ୍କର ପାହୁଣ୍ଡ ଆପେ ଆପେ ପଡ଼ୁଛି ଆଗକୁ ଆଗକୁ ।

ବରଙ୍କ ପାଇଁ ନିର୍ଦ୍ଦିଷ୍ଟ କୋଠରୀରେ ସୁଧାନିଧି ଓ ରାଧାଚରଣ ସତ୍ୟପ୍ରିୟଙ୍କୁ ତୋଳିଆ-ମାଣ୍ଡିକୁ ଆଉଜାଇ ବସାଇଲେ । ଦୁଇ

କଡ଼ରେ ଆଉ ଦୁଇଟି ଗୋଲଆ ମ୍ଭଚଲା ଆଉଜାଇ ଦେଲେ । ସତ୍ୟପ୍ରିୟ ଝାଉଁଳ ପଡ଼ିଥାନ୍ତି । ବେଳେ ବେଳେ ଆଖି ଖୋଲି ମିଚି ମିଚି ଚାହୁଁଥାନ୍ତି । ଭଡ଼ମୋଡ଼ ହେଉଥାନ୍ତି ।

ସୁଧାନିଧି ଡାକଲେ, ସତ୍ୟ—

ଉଁ—

ଅବଶ ଲାଗୁ ଛି ? ଟିକଏ ଶୋଇବୁ ?

ହୁଁ—

ବେଶ୍, ତକିଆକୁ ଆଉଜି ଶୋଇପଡ଼ । ଭଣ୍ଡାରୀ ପଙ୍ଖା ଚଳିବ । ମାରକୁଣ୍ଡି ଏକା ତୋ ପାଖରେ ଶୋଇଥାଉ । ମୁଁ କ୍ଲାନ୍ତ ହେଲେ ବି ଜଗି ରହିଛି ।

ସତ୍ୟପ୍ରିୟ ନିରୁତ୍ତର ।

ସୁଧାନିଧି ରତିକାନ୍ତଙ୍କୁ କହିଲେ, ମହାଦେବଙ୍କ ବେଢ଼ା ଭିତରେ ତୁ ଶୋଇ ପଡ଼ିଥିଲୁ କରେ, ତୋର ଦେଖା ନଥିଲା ଯେ ! ସତ୍ୟ ଭଲ ଅଛି, ଉପାସ ରହିଲେ ସାମାନ୍ୟ କ୍ଲାନ୍ତ ହେବାର କଥା, ସେଇଆ ହୋଇଛି । ବରଯାତ୍ରୀଙ୍କ ରହିବା ଲାଗି ପାଖ ଘରେ ବ୍ୟବସ୍ଥା କରାହୋଇଛି । ଝସ ବୋଧହୁଏ ସେଇଠି ଅଛି, ତୁ ବି ସେଇ ଘରେ ବିଶ୍ରାମ ନେ । ରାତି କେତେ ହେଲା ?

ରତିକାନ୍ତ ହାତ ଘଡ଼ିକୁ ଚାହିଁ ଉତ୍ତର ଦେଲେ, ବାରଟା ବାଜିବ । ଆଉ କେତେ ଡେରି ହେବ ?

ସୁଧାନିଧି କହିଲେ, ପାହାନ୍ତା ଆଗରୁ ତ ନିଶ୍ଚୟ ବାହାଘର ସରିବ । ତୁ ଯା ବିଶ୍ରାମ ନେବୁ । ମୁଁ ଚେଇଁଛି । ହାତଗଣ୍ଠି ପଡ଼ିବା ଆଗରୁ ମୁଁ ତମ ଦୁହିଁଙ୍କୁ ଉଠାଇ ଦେବି ଯେ !

ରତ୍ନକାନ୍ତ ସତ୍ୟପ୍ରିୟଙ୍କୁ ଚାହିଁଲେ । ସେ ଆଖି ବୁଜି ମାଣ୍ଡି ଉପରେ ମୁଣ୍ଡ ରଖି ବୋଧହୁଏ ଶୋଇ ପଡ଼ିଲେଣି । ଅନ୍ୟମାନେ କୋଠରୀରୁ ବାହାରି ଗଲେଣି । ସୁଧାନିଧିଙ୍କ ନିର୍ଦ୍ଦେଶରେ ପେଟ୍ରୋମାକ୍ସ ଆଲୁଅକୁ ଘର ଭିତରୁ କାଢ଼ି କିଏ ଜଣେ ପିଡାରେ ରଖିଲା । ନିଦରେ ଢୁଳି ଢୁଳି ହୋଇ ରତ୍ନକାନ୍ତ ଆର ଘରକୁ ଗଲେ । କୋଠରୀର ଗୋଟିଏ କୋଣରେ ନିଳଟିଣ ଜଳୁଛି । ଯିଏ ଯେଉଁଠି ଶତରଞ୍ଜି ଉପରେ ଶୋଇ ପଡ଼ିଛନ୍ତି ! କାନ କଡ଼ରେ ଝିଁସକେତନ ଘୁଙ୍ଗୁଡ଼ି ମାରୁଛନ୍ତି । ତାଙ୍କର ମୁଣ୍ଡ ପାଖରେ ରତ୍ନକାନ୍ତ ନିଜ ପାଇଁ ସ୍ଥାନ ନିରୂପଣ କଲେ ।

* * *

ନିଦ ଭାଙ୍ଗିଲା, ତଥାପି ଆଖି ଖୋଲୁ ନାହିଁ । ଦେହ ଅବଶ ଲାଗୁଛି । ଉଠିବାକୁ ମନ ହେଉନାହିଁ । ରତ୍ନକାନ୍ତ ଅଳସ ଭାଙ୍ଗିଲେ । କାନରେ ବାଜୁଛି ଢୋଲ, ଟେମକାଳୀ, ମହୁରୀର ଶବଦ, ଶୁଭ ଶଙ୍ଖର ରବ, ହୁଳହୁଳି, କୋଳାହଳ । ରତ୍ନକାନ୍ତ ଆଖି ଖୋଲିଲେ । କେତେବେଳୁ ସକାଳ ହେଲାଣି । ବରଯାତ୍ରୀଙ୍କର ରହଣୀ-ଘରେ ଆଉ କେହି ନାହାନ୍ତି । ସମସ୍ତେ ବୋଧହୁଏ ବେଦୀ ପାଖକୁ ଚାଲି ଯାଇଛନ୍ତି । ବିଭାଘର ଶେଷ ହୋଇ ନାହିଁ । ସମୟ କେତେ ?

ରତ୍ନକାନ୍ତ ଉଠି ବସିଲେ । ଆଖିମଳି ପିଡାକୁ ଚାହିଁଲେ । ସୂର୍ଯ୍ୟ କିରଣ ପଡ଼ିଛି । ଘଣ୍ଟାକୁ ଚାହିଁଲେ, ସାତଟା ହେଲାଣି । ଏତେବେଳଯାଏ ବାହାଘର ସରିନାହିଁ କାହିଁକି ? ସମସ୍ତେ

ତାଆର ପର ଶୋଇପଡ଼ିଥିଲେ କି ? ଘଣ୍ଟାଏ ବୁଝିବାକୁ ସେ ଠିଆହେଲେ । ବେଘା ପାଖକୁ ଯିବାକୁ ସେ ଉଦ୍ୟମ ହେଉଛନ୍ତି, ଝିପକେତନ ତମ ତମ ହୋଇ ଘରେ ପଶିଲେ । ମୁହଁ ଫଣ ଫଣ, କାନ୍ଦ କାନ୍ଦ ଭାବ ।

ରତ୍ନକାନ୍ତ ଉଦ୍‌ବିଗ୍ନ ହୋଇ ପଚାରିଲେ, କଅଣ ହୋଇଛି ଝିପକେତନ, ତୁ ଏମିତି ଉତ୍ତ୍ୟକ୍ତ ହୋଇ ଆସିଛୁ କାହିଁକି ? ବାହାଘର ସରିଲା ।

ଝିପକେତନ କହିଲେ, ଶୀଘ୍ର ସରିବ । ଏ ନାଟକର ଶେଷ ସିନ୍ ଦେଖିଆସିଲି । ଡ୍ରପ୍ ସିନ୍ ପଡ଼ିବାକୁ ଆଉ ଡେରି ନାହିଁ କିନ୍ତୁ ଶେଷ ଦୃଶ୍ୟ ଦେଖିବାକୁ ଆଉ ଅପେକ୍ଷା କରିବା ଉଚିତ ନୁହେଁ ।

କାହିଁକି ଏପରି କହୁଛୁ ?

ତତେ ଗୋଟିଏ ଅନୁରୋଧ କରୁଛି ରତ୍ନକାନ୍ତ ଚାଲ ଆମେ ଡବଲରାଇଡ଼ିଂ କରି ତୋ ସାଇକଲରେ କଟକ ଫେରିଯିବା । ଭିଲଆନ୍ ସୁଧାନିଧି ତାର ଭିକଟିମ୍ ହାସଲ କରି, କାହା ଉପରେ କେଜାଣି ତାର ଆକ୍ରୋଶ ସାଧି ପ୍ରତିଶୋଧ ନେଉଥାଉ । ଆମେ ସେଥିରେ ଭାଗୀ ହେବା ନାହିଁ ।

ଖୋଲିକରି କହୁନୁ କାହିଁକି ? ମୁଁ ନିଜେ ଯାଇ ଦେଖି ଆସେ ବେଘା ଉପରେ କି କାଣ୍ଡ ହେଉଛି ।

ରତ୍ନକାନ୍ତ ଯିବାକୁ ଉଦ୍ୟତ ହେଲେ । ଝିପକେତନ କହିଲେ, ଥୟ ଧର, ମୁଁ ସବୁ କହୁଛି । ବେଘା ଉପରେ କଅଣ

ଦେଖିବୁ ? ଦୁଇପକ୍ଷର କର୍ତ୍ତା ଓ ପୁରୋହିତ ବସିଛନ୍ତି । ସତ୍ୟପ୍ରିୟ ତାଙ୍କ କର୍ତ୍ତାଙ୍କ ପାଖରେ ଦଶହଜାର ଟଙ୍କାର ଚମ୍ପିତ ବର ମୂର୍ତ୍ତି ପରି ନିର୍ବାକ ନିଷ୍ପନ୍ଦ ହୋଇ ବସିଛୁ । ମନେ ହେଉଛୁ ତାର ଜ୍ଞାନ ହଜିଛୁ । ତାକୁ ଧରି ଯେଉଁ ଅଭିନୟ ଚାଲିଛୁ, ବିଚରା କିଛି ବୁଝିପାରୁ ନାହିଁ । ପ୍ରିଙ୍ଗଲଗା କଣ୍ଢେଇ ପରି ସେ ହୁଙ୍କାର ଦେଇ ଉଠିବାକୁ ଚେଷ୍ଟା କଲାବେଳେ ସଇତାନ୍ ସୁଧାନିଧି, ତାର ପଛରେ ବେଦୀ ତଳେ ତାକୁ ଲଗି ଠିଆ ହୋଇ ଧରିବା ବାହାନାରେ, ତାର କାନ୍ଧରେ, କଙ୍କାଳରେ ବୁଢ଼ା ଆଙ୍ଗୁଠି ବଙ୍କାଇ ଘୁଷି ମାରୁଛି । ସତ୍ୟପ୍ରିୟ ଚହିଁଙ୍କି ଉଠି ନିଶ୍ଚଳ ହୋଉଛୁ । କେଉଁଣ ଗୁଣ୍ଡାମି କର୍ମଠାରୁ ଏହା ପାଲି ଲଗିଛୁ ।

କଲିକାର ଅଭିଭାବକମାନେ ଏ ଘଟଣା ଜାଣନ୍ତି ?

ସେ କଥା ମୁଁ କହିପାରିବି ନାହିଁ, କିନ୍ତୁ ଏହା ନିଶ୍ଚିତ ଯେ ବର ଫେରିବ ନାହିଁ । ବାହାଘର ଅଲବତ୍ ହେବ । କନ୍ୟା ଦାୟରୁ ସେମାନେ ମୁକ୍ତ ଲଭିବେ । ତାଙ୍କର କୁଳର ମହତ ରହିବ । ଏବେ କନ୍ୟା ବେଦୀକୁ ଆସିବ, ହାତଗଣ୍ଠି ପଡ଼ିବ, ବାହାଘର ସରିବ । ତା ଆଗରୁ ଚାଲ ଆମେ ଚମ୍ପଟ ମାରିବା । ଏ ଅନ୍ୟାୟ ଓ ଅବୈଧ ନିଷ୍ଠୁର ବାହାଘରର ମୂକସାକ୍ଷୀ ଆମେ ହେବା ନାହିଁ ।

କାହିଁକି ? ଆରେ ଝିସକେତନ ! ତୁ କହିପାରିବୁ କାହିଁକି ସୁଧାନିଧି ପରି ସଚ୍ଚୋଟ କର୍ମୀ, ସ୍ୱାର୍ଥତ୍ୟାଗୀ ବନ୍ଧୁ ଜବରଦସ୍ତି ଜଣେ ସରଳା ନିରୀହା ବାଳିକାର ସର୍ବନାଶ କରିବାକୁ ସଙ୍କଳ୍ପ

କରୁଛି ? ପାଗଳ ହୋଇଥିବା ଗୋଟିଏ ମଣିଷକୁ ସୁସ୍ଥ ଅଥଚ କ୍ଲାନ୍ତ ବୋଲି ରଟାଇ ସେ ତାର ଉଦ୍ଦେଶ୍ୟ ସାଧନରେ ଲାଗିଛି ?

ଝୁସକେତନ ଆଖିବୁଜି, ମୁଣ୍ଡର କେଶ ଓଟାରି କିଛିକ୍ଷଣ ନୀରବ ରହିଲେ । ଆଖି ଖୋଲି ଦାନ୍ତ ରଗଡ଼ି, ଡାହାଣ ହାତର ମୁଷ୍ଟିକୁ ବାମ ହାତରେ ଆଘାତ କରି କହି ଉଠିଲେ, ସଇତାନ ! ଏଇ ତୋର ଉଦ୍ଦେଶ୍ୟ ? ସତ୍ୟପ୍ରିୟ ବାହାଘରର ସବୁ କଥା ଭୁଲାଇ ତୁ ତାର ଜୀବନର ବନ୍ଧନସୂତ୍ରରେ ବ୍ୟବସାୟ କରିବାକୁ ଚେଷ୍ଟା କରୁଛୁ ? ହୁଁ—?

ବ୍ୟବସାୟ !

ନରମାୟା ନାରାୟଣଙ୍କୁ ଆଗେଇଚାଲ । କଳିକାଦେବୀଙ୍କୁ ମୁଁ ଏଇ ବାହାଘର ଉତ୍ସବରେ ଦେଖିଲି । ପାର୍ବତୀଙ୍କ ପରି ସୌମ୍ୟ ମୂର୍ତ୍ତି—

ଆଉ ତୁ କହନା ଝୁସକେତନ, ଯାହା ତୁ ଚିନ୍ତା କରୁଛୁ ମୁଁ ସବୁ ଅନୁମାନ କରିପାରୁଛି । ସେତକ ତୋ ଅପବିତ୍ର ମନର ପ୍ରତିରୂପ । ସତ୍ୟପ୍ରିୟକୁ ବାଇଆ-ବକା କଲା କିଏ ? ଦୁର୍ଭାଗ୍ୟର ଖେଳଛଡ଼ା ଆଉ କଅଣ ହୋଇପାରେ ?

ମୋର ମନ ଅପବିତ୍ର ଲୁହରେ ଭରିକାନ୍ତ । ଯାହାର ମନ ଅପବିତ୍ର ସେହି ଯେ ସତ୍ୟପ୍ରିୟର ଦୁର୍ଭାଗ୍ୟର କାରଣ ନ ହୋଇଥିବ କିଏ ଏହା ଜାଣେ ?

ଅସୁଖକର ଉତ୍ତେଜନାପୂର୍ଣ୍ଣ ଆଲୋଚନା ତାର ସୀମା ଅତିକ୍ରମ କରୁଛି ଜାଣି, କେଉଁମାନେ ସବୁ ତାଙ୍କର କଥା କଟାକଟି

ଶୁଣିବାକୁ ଆଗେଇ ଆସୁଛନ୍ତି ଦେଖି, ରତିକାନ୍ତ ନିରସ୍ତ ହେଲେ । ପୁଣି ଶଙ୍ଖ ଓ ହୁଳ ହୁଳି ନାଦରେ ଅଗଣା ମୁଖରିତ ହୋଇ ଉଠିଲା । ରତିକାନ୍ତ ଓ ଝିପକେତନ ଖଞ୍ଜା ଭିତରର ବେଦୀ ପାଖକୁ ଗଲେ । ଦେଖିଲେ, କୁଳକାମିନୀମାନେ କଳକା ଦେବୀଙ୍କୁ ଧୀରେ ଧୀରେ ଚଲାଇ ବେଦୀ ଉପରକୁ ଆଣୁଛନ୍ତି । ସତ୍ୟପ୍ରିୟ ପାଷାଣ ମୂର୍ତ୍ତି ପରି ମୁଣ୍ଡ ସାମାନ୍ୟ ଆଗକୁ ଝୁଙ୍କାଇ ବସିଛନ୍ତି । ପବିତ୍ର ହୋମାନଳ ଜଳି ଉଠିଲାଣି ।

* * *

ବ୍ୟଥିତ ଚିତ୍ତ ଓ ଲୋତକପୂର୍ଣ୍ଣ ଚକ୍ଷୁରେ ରତିକାନ୍ତ ଶେଷ ଦୃଶ୍ୟକୁ ଚାହିଁ ରହିଥିଲେ । ହୋମାନଳର ଶିଖା ହଳି ଦୋହଲି ନାସ୍ତି ବାଣୀ ନୀରବ ଭାଷାରେ ପ୍ରକାଶ କରୁଥିଲେ । ମଥାର କୋଣରୁ ସୂର୍ଯ୍ୟଦେବ ପ୍ରଚଣ୍ଡ ତେଜରେ ତିରସ୍କାର କରୁଥିଲେ ।

ପବିତ୍ର ବେଦମନ୍ତ୍ର ଉଚ୍ଚାରଣ କରି ପୁରୋହିତ ଗୋଟିଏ ନିଷ୍ପାପ ସରଳ ଅବଳାର ହାତ ସଙ୍ଗେ ଆଉ ଗୋଟିଏ ଜ୍ଞାନ-ରହିତ ପୁରୁଷ ମୂର୍ତ୍ତିର ହାତକୁ ଯୋଡ଼ି ବନ୍ଧନ କରୁଥିଲେ । ସେହି ପୁରୁଷଟି ବେଳେ ବେଳେ ଶିହରି ଉଠୁଥିଲା, ଭାବୁକି ଉଠୁଥିଲା ।

ବରକୁ ଧରି ସଳଖେଇ ବସାଇବାର ବାହାନାରେ ସୁଧାନିଧି ସତ୍ୟପ୍ରିୟଙ୍କୁ ଚାପି ଧରୁଥିଲେ । ଖସି ଆସୁଥିବା ହାତଟି ପୁଣି ସ୍ଥିର ହେଉଥିଲା । ପୁରୋହିତେ ସେହି ହାତକୁ ଯଥା

ସ୍ଥାନରେ ସଂଯୋଗ କରି ତାଙ୍କର ପବିତ୍ର ଦାୟିତ୍ୱ ସମ୍ପନ୍ନ କରୁଥିଲେ ଓ ଦୁଇ ପକ୍ଷର ପୁରୋହିତ ଉଚ୍ଚ ସ୍ୱରରେ ମନ୍ତ୍ର ଉଚ୍ଚାରୁଥିଲେ ।

ମଙ୍ଗଳାଷ୍ଟକ ବୋଲା ହେଉଥିଲା । ଶଙ୍ଖଧ୍ୱନି ସଙ୍ଗେ ହୁଳହୁଳିର ମିଳିତ ରବ ଉତପ୍ତ ପରିବେଶକୁ ଆହୁରି ଉତପ୍ତ କରୁଥିଲା । ଆକାଶ ଉପରକୁ ଉଠିଥିବା ହୋମଶିଖାର ତାପରେ ବେଦୀ ଉପରେ ବସିଥିବା ସମସ୍ତେ ଝାଳରେ ସ୍ନାନ କରି ଯାଉଥିଲେ ।

ସତ୍ୟପ୍ରିୟ ଜୁଳୁଜୁଳୁ କରି ଚାହିଁଥିଲେ । ଆଖି ମିଟି ମିଟି କରୁଥିଲେ । ସମସ୍ତଙ୍କୁ ସୂଚାଇ ଦେଉଥିଲେ ଯେ ସେ ଜୀବିତ ଅଛନ୍ତି !

ଭଣ୍ଡାରୁଣୀର କୋଳକୁ ଆଉଜି ଆପାଦମସ୍ତକ ଆବୃତ ହୋଇ ମୁଣ୍ଡ ଝୁଙ୍କାଇ ବସିଥିଲେ ନବବଧୂ ବେଶରେ କଳିକା ! ତାଙ୍କର ଡାହାଣ ହାତର କହୁଣୀ ଯାଏ କେବଳ ଦେଖା-ଯାଉଥିଲା । ଉଜ୍ଜ୍ୱଳ ଗୌର ବର୍ଣ୍ଣର ସେହି ସୁଠାମ ହାତଟି ସ୍ୱର୍ଣ୍ଣାଳଙ୍କାରରେ ଝଟକି ଉଠୁଥିଲା । ଧବଳ ଚମ୍ପକ କଳିପରି ଆଙ୍ଗୁଠିଗୁଡ଼ିକ ସୁନାର ଅଙ୍ଗୁଷ୍ଠିରେ ଶୋଭା ପାଉଥିଲେ । କଳିକାର ହାତ ପାପୁଲିଟି ସତ୍ୟପ୍ରିୟଙ୍କର ବଳିଷ୍ଠ ହାତ ପାପୁଲିଟି ଉପରେ ବନ୍ଧା ହୋଇଥିଲା । ସେହି ହାତ ପାପୁଲି ଧୀରେ ଧୀରେ କମ୍ପି ଉଠୁଥିଲା ।

ଅବଗୁଣ୍ଠନବତୀ କଳିକା କିଛି ଦେଖି ନ ଥିଲେ । ସେ କେବଳ ଅନୁଭବ କରୁଥିଲେ ତାଙ୍କର ଜୀବନ-ସର୍ବସ୍ୱ ଆଜୀବନ ସଙ୍ଗୀ ହେବାକୁ ଯାଉଥିବା ଜଣେ ବଳିଷ୍ଠ ସ୍ୱାସ୍ଥ୍ୟବାନ ଯୁବକଙ୍କର ହାତର ଅମୃତ ସ୍ପର୍ଶ । ସେ ଯୁବକ ଜଣେ ମେଧାବୀ ଛାତ୍ର, ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣପଦକଧାରୀ ସମ୍ମାନିତ ବ୍ୟକ୍ତି, ଉଚ୍ଚଦରର ଲେଖକ ଓ କବି । ସେ ଉକିଲ ହେବେ । ଧନଧାନ୍ୟରେ ତାଙ୍କର ଭବିଷ୍ୟତର ହର୍ମ୍ୟ ପୂର୍ଣ୍ଣ ହେବ । ସେହି ସୌଧରେ କଳିକା ଲକ୍ଷ୍ମୀ ହୋଇ ଆତଯାତ ହେଉଥିବେ । କେତେ ପୁତ୍ରକନ୍ୟାଙ୍କର କୋଳାହଳରେ ସେହି ଗୃହ ମୁଖର ଚଞ୍ଚଳ ହୋଇ ଉଠୁଥିବ ।

କେବେ ଏକା ଉପରେ ସତ୍ୟପ୍ରିୟଙ୍କର ହାତର ସ୍ପର୍ଶ କଳିକା ଦେବୀଙ୍କୁ କେଉଁ ସ୍ୱପ୍ନର ସମାରରେ ବିଚରଣ କରାଉଥିବ । କିନ୍ତୁ ସତ୍ୟପ୍ରିୟ, ସେ କଣ ରୂପସୀ ଆଶାପୂରୀ କଳିକାଙ୍କର ହାତର ଅମୃତପରଶ ଅନୁଭବ କରି ପାରୁଥିବେ ? କବିତା ଲେଖାରେ ନିଜକୁ ଭୁଲି ସ୍ୱପ୍ନର ରାଜ୍ୟରେ ବୁଲି ଯେଉଁ ମାନସୀଙ୍କୁ ସେ କଳ୍ପନା କରୁଥିଲେ, ସେହି ମାନସୀ ରକ୍ତମାଂସର ରୂପ ଧରି ତାଙ୍କର ହାତରେ ଖେଳି ପଡ଼ିଛନ୍ତି ବୋଲି ଅନୁଭବ କରି ପାରୁଥିବେ ?

ରତ୍ନାକରଙ୍କର ଆଖିରୁ ଲୋତକ ଧାର ଝରି ପଡ଼ୁଥିଲା । ବାଦଲଘେରା ଦୃଷ୍ଟିରେ ସେ ଦେଖିଲେ, ସତ୍ୟପ୍ରିୟ ହୁଙ୍କାର କରି ହନୁମାନଙ୍କ ପରି ଉହୁଙ୍କି ଉଠୁଣୁ ସୁଧାନିଧି ତାଙ୍କର କାନ୍ଧ ଉପରେ ହାତଦେଇ, ତାଙ୍କର କୌଶଳ ପ୍ରୟୋଗ କରି, ତାଙ୍କୁ

ବସାଇ ଦେଉଛନ୍ତି । ରତିକାନ୍ତଙ୍କର ମନ ଉଦ୍ଧୁର୍କି ଉଠିଲା । ସେ ଭାବିଲେ, ସେ ଲାଇବ୍ରେରୀରେ ଲୁଚାଇ ସୁଧାମୟୀରେ ମୁହଁରେ ବଜ୍ର-ମୁଷ୍ଟି ପ୍ରଦାନ କରିବେ । ସତ୍ୟପ୍ରିୟଙ୍କୁ ବେଦୀକା ଉପରୁ ତଳକୁ ଘୋଷାରି ଆଣିବେ, ସେଇଠୁ—

ସେଉଁ ଅନ୍ତ୍ୟବ ଭାବନା ତାଙ୍କର ମନକୁ ଉତ୍ତେଜିତ କରିଥିଲା ତାହାର ପ୍ରତିଘାତ ତାଙ୍କର ଗୋଟିଏ ହାତକୁ ପଞ୍ଜାବୀର ତଳ ପକେଟ ଦେଖାଇ । ଦୁଇଟି ପକେଟ୍‌ରେ ତାଙ୍କର ଅସ୍ଥି-ଗ୍ରନ୍ଥି ପାଉନାହିଁ । ଏକାକାର ହୋଇଥିବା କପାଳର ସ୍ୱେଦ ଓ ଆଖିର ଲୁହକୁ ଗୋଟିଏ ପକେଟରୁ ରୁମାଲ କାଢ଼ି ସେ ପୋଛିଲେ । ରୁମାଲକୁ ଯଥାସ୍ଥାନରେ ରଖି, ଭିତର ପକେଟରେ ହାତ ମାରିଲେ । ବେଦୀ ଉପରେ ଅନୁଷ୍ଠିତ ହେଉଥିବା ନିର୍ମମ ଅଭିନୟର ଶେଷ ଦୃଶ୍ୟର ଶୋଚନୀୟତାର ସେ ମୂକଦର୍ଶକ ହେବେ ନାହିଁ, ଏହି ସଙ୍କଳ୍ପ କରି ସେ ମୁହଁ ଫେରାଇଲେ । ଗହଳ ଆଡ଼େଇ ସେ ବାରଣ୍ଡାକୁ ଆସିଲେ ।

ଭିତର ପକେଟରୁ ମନ-ପର୍ସ ଓ ପତ୍ରଖଣ୍ଡି ଓଟାରିଲେ । ପତ୍ର କାହିଁ ? ଏଇଟା ସତ୍ୟପ୍ରିୟଙ୍କର ଛପା ନିମନ୍ତ୍ରଣ ପତ୍ର । ତାକୁ ସେଇଠି ପକାଇ ସେ ଭାବିଲେ, ସୁଧାମୟୀଙ୍କ ପାଖକୁ ଲେଖିଥିବା ଚିଠି ଖଣ୍ଡି ନିଶ୍ଚୟ ତାଙ୍କର ମାନିନୀ ଭାଉଜଙ୍କର ପଲଙ୍କ କଡ଼ରେ ତଳ ପକେଟରୁ ଖସି ପଡ଼ିଛି । ଛି-ଛି !

ମାନିନୀଙ୍କର ପ୍ରକୋଷ୍ଠ ଆଡ଼କୁ ଗ୍ୱହିଁଲେ । ଦେଖିଲେ, ସେ ତାଙ୍କର ପ୍ରକୋଷ୍ଠ ଆଗରେ ବାରଣ୍ଡା ଉପରେ ଠିଆ ହୋଇଛନ୍ତି !

ତାଙ୍କର ମୁଣ୍ଡରେ ଓଢ଼ଣା ନାହିଁ । ସେ ହାତଠାରି ଡାକୁଛନ୍ତି । ପଛଆଡ଼େ ବେଦୀ ଉପରୁ ସମବେତ ସ୍ୱର କାନରେ ବାଜୁଛି, ଯଥା ରାବଣସ୍ୟ ମନ୍ଦୋଦରୀ—ଯଥା ରାମସ୍ୟ-ସୀତା—ଯଥା—

ରତିକାନ୍ତ ମୁହଁ ଫେରାଇ ଚାହିଁଲେ ନାହିଁ । ଆଗରେ ଠିଆହୋଇ ମାନସୀ ଭାଉଜ ହାତଠାରି ଡାକୁଛନ୍ତି । ଚିଠି ଖଣ୍ଡେ ବୋଧହୁଏ ସେ ପାଇଛନ୍ତି । ପରର ଚିଠି ସେ ପଢ଼ି ନ ଥିବେ ଯେ, ଲମ୍ବା ଚିଠି । ହଁ. ପଢ଼ିଲେ ପଢ଼ନ୍ତୁ । ବଡ଼ଭଉଣୀ ବୟସର ହେଲେ କି ହେବ, ସେ ତ ଅଣ୍ଟାର ସମ୍ବନ୍ଧ—

ମାନସୀ ରତିକାନ୍ତଙ୍କୁ ପଲଙ୍କ ଉପରେ ବସାଇ ତାଙ୍କର ଲାଜ ଲାଜ ବିଷାଦଗ୍ରସ୍ତ ମୁହଁକୁ ଲୁହ ଛଳ ଛଳ ଆଖିରେ କ୍ଷଣେ ଚାହିଁ ରହିଲେ । ରତିକାନ୍ତଙ୍କର ପନଠି ସେ ହାତରେ ଧରିଥିଲେ । ରତିକାନ୍ତଙ୍କର ଆଖିରେ ମଧ୍ୟ ଲୁହ ଛଳ ଛଳ ହେଉଥିଲା । ଦୁହିଁଙ୍କର କୋମଳ ହୃଦୟ ପରସ୍ପର ପାଖରେ ଅବ୍ୟକ୍ତ ଭାଷାରେ କ୍ଷମା ପ୍ରାର୍ଥନା କରୁଥିଲା ।

ମାନସୀ ଆଗ ମୁହଁ ଖୋଲିଲେ । ବ୍ୟଥାଭରା କୋମଳ ସ୍ନେହବୋଳା ଭାଷାରେ ସେ କହିଲେ, ତମେ ତ ଜାଣିଥିବ, ଅଳକାକୁ ମୁଁ ମୋ ଝିଅଠାରୁ ବଳି ସ୍ନେହ କରୁଥିଲି । ମୋ କୋଳକୁ ଆସିଥିଲା ଯେଉଁ ଝିଅଟି ଶେଫାଳୀକା, ତାକୁ ପର ଘରକୁ ପଠାଇଲା ଦିନରୁ ମୋ କୋଳ ଖାଲିକରି ବସିଚି । ଅଳକା ଯେ ମୋର ନଣନ୍ଦ ଲେଖା । ତାକୁ ମୁଁ ଭାରି ଭଲ ପାଉଥିଲି ।

ଗଡ଼ି ଆସୁଥିବା ଆଖିର ଲୁହ ସେ ପଣତରେ ପୋଛିଲେ । ପୁଣି କହିଲେ, ତମକୁ ଦେଖି ମୋର ମନକୁ ଆସିଲା, ବାଇଆ ବରଟା ଫେରିଗଲେ ଫେରିଯାଉ, କଳକାକୁ ତମ ହାତକୁ ଟେକି ଦିଆଯିବ । ଅଳକା ଓ ଗୋକୁଳ ମୋ ପ୍ରସ୍ତାବକୁ ଫିଙ୍ଗି ଦେବେ ନାହିଁ, ଅବଶ୍ୟ ତମେ ଯଦି ରାଜି ହୁଅ ।

ରଜନୀକାନ୍ତ ପଚାରିଲେ, ମୋ ଅଳକାଭାଉଜ ତରଲୋ ଗାଆଁରୁ ତମ ପାଖକୁ ଚିଠି ଲେଖିଥିଲେ ?

ମୋତେ ଦେଖିବାକୁ ଆସିବେ ବୋଲି ଲେଖିଥିଲେ । ଯେଉଁ ଦିଅରଙ୍କ ସଙ୍ଗେ ଆସିବାକୁ ଲେଖିଥିଲେ ତାଙ୍କ ନାମ କାନ୍ତ ବୋଲି ସେ ଲେଖିଥିଲେ । ମୁଁ କପରି ଠଉରି କରନ୍ତି ଯେ ସେହି ନାମଟା ପୁରା ନାମର ଅଧେ ? ସେତିକି ଭୁଲ ମୋ କରିଥିଲି । ତମକୁ କିଛି ନ ପଚାରି ଆନନ୍ଦରେ ମୁଁ ଯେଉଁ ନାଟ କରିଗଲି ସେଥିପାଇଁ କାହା ପାଖରୁ ମୁଁ କ୍ଷମା ମାଗିବିବରେ ଭାଇ ? ଲେଉଟୁଡ଼ି ତ କହଣୀକୁ ବୋହି ସାରିଛି, ଜାଣି ଜାଣି ବାଇଆ ବରକୁ···

ମାନସୀ ବାକ୍ୟଟି ଶେଷ କଲେ ନାହିଁ । ଅଗଣା ଆଡ଼କୁ ମୁହଁ ବୋଦିଆଡ଼ୁ ଆସୁଥିବା ଶଙ୍ଖ ହୁଳହୁଳିର ଶବଦକୁ କାନେଇଲେ । ଟିକିଏ ଅସ୍ଥିର ହେଲେ । କହିଲେ, ମୁଁ ବେଦୀ ପାଖକୁ ଯିବି ବାବୁ ! ତତଲା କଡ଼େଇରେ ଜୀଅନ୍ତା ଚିଙ୍ଗୁଡ଼ିମାଛ ଛାଡ଼ିଲା ପରି ମୋ ମନ ଛଟପଟ ହେଉଛି । ତମେ ଆସିଥିଲ, ଅକାଳେ ସକାଳେ, ତମର ଟିକିଏ ଯତ୍ନ ମୁଁ ନେଇପାରିଲି ନାହିଁ, ବରଂ ଅଯଥା ତମ ମନରେ ଉତ୍ତେଜନା ସୃଷ୍ଟି କଲି, ପୁଣି ଭାବୁଛି

କଳକାର ମତ ବଗାଡ଼ିଲା । ସେଥିପାଇଁ ବଞ୍ଚିଥିବା ଯାଏ ମୋର ଅନୁତାପର ନିଆଁରେ ମୁଁ ସନ୍ତୁଳି ହେଉଥିବ ।

ମାନିନୀ ପୁଣି ଆଖିରୁ ଲୁହ ପୋଛୁଲେ । କେତେ ପ୍ରଶ୍ନ ରଜିକାନ୍ତଙ୍କର ମନରେ ଫୁଲସ୍ତବ ମାରୁଥିଲ । ତାଙ୍କର କଣ୍ଠ ରୁଦ୍ଧ ହୋଇ ଆସୁଥିଲା । ଆଖିକୁ ପୁଣି ଲୋତକ ଆସିଥିଲା । ସେ ପଲଙ୍କ ଉପରୁ ତଳକୁ ଓହ୍ଲାଇ କହିଲେ, ସେପରି ତୁମେ ଭାବନା ଭାଙ୍ଗନ, ମୋ ପାଇଁ ଅଯଥା ତମେ ଦୁଃଖ ପାଉଛ । ସେଥିପାଇଁ ତମର ପାଦ ଛୁଇଁ ମୁଁ କ୍ଷମା ଚାହୁଁଛି ।

ରଜିକାନ୍ତ ମୁଣ୍ଡ ନୋଇଁଣୁ ମାନିନୀ ତାଙ୍କର ମୁଣ୍ଡଟି ଟେକି ଧରିଲେ । ଚିବୁକରେ ହାତ ଦେଇ କହିଲେ, କଳଙ୍କାର ଦୁଃଖରେ ତମେ ଭାଙ୍ଗି ପଡ଼ୁଛ । ଦେବୀର ଆରଡ଼ାଖରେ ଥାଇ ତମର ଅଚଳ ଗମ୍ଭୀର ମୂର୍ତ୍ତି ଓ ଆଖିର ଲୁହ ଦେଖି ମୁଁ ବୁଝି ପାରିଲି । ଏହା ମଧ୍ୟ ଜାଣିଲି ଯେ ସୁଧାମୟୀର ହାତ ଯଦ ମାସକ ତଳେ ତମେ ଧରି ନ ଥାନ୍ତ—

ଏହି ବାକ୍ୟଟି ମଧ୍ୟ ସେ ସମାପ୍ତ କଲେ ନାହିଁ । ପରିଡ଼ରେ ରଜିକାନ୍ତଙ୍କର ଆଖିରୁ ଲୁହ ପୋଛୁ ସ୍ନେହମୟୀ ମାନିନୀ କହିଲେ, ଲେଖାରେ ଭାଙ୍ଗନ ହେଲେ ବି ମୁଁ ତ ତମର ମାଆ ସମାନ, ମୁଁ ଆଶୀର୍ବାଦ କରୁଛି, ତମର ଓ ସୁଧାମୟୀର ଜୀବନ ସୁଖର ହେଉ । ଅଳକାର ଚିଠିରୁ ସୁଧାମୟୀର ସୁନ୍ଦର ରୂପ ମୁଁ କଳ୍ପନା କରି ପାରୁଛି ବାବୁ ! ତାର ସ୍ନେହ, ଭକ୍ତି ଓ କାର୍ଯ୍ୟ ନିପୁଣତାର ପରିଚୟ ପାଇଛି । ନିଅ ତାର ଏ ଚିଠିଖଣ୍ଡି । ଲଜ କରିବ ନାହିଁ, ତମକୁ ମୋ ରାଣ ।

ନିଜରେ ରତିକାନ୍ତ ମୁଣ୍ଡ ନୋଇଁଲେ । ନିଜେ ମାନିନୀ ଲଫାପା ଭିତରେ ଆବଦ୍ଧ ଲମ୍ବା ପତ୍ରଟି ରତିକାନ୍ତଙ୍କର ଗ୍ରୀଷ୍ଟ ପକେଟରେ ରଖି ମୂଡ଼କେଇ ହସି କହିଲେ, ଏ ଅମୂଲ୍ୟ ଦରବ ଅତି ସାବଧାନରେ ରଖିବ, ଆଉ ଥରେ ହଜାଇବ ନାହିଁ । ଯେତେବେଳେ ମୁଁ ତମର ବଡ଼ଭାଇଙ୍କର ଶଳା ଭାଉଜ, ତେଣୁ ସେହି ପତ୍ରଟି ଲୁଚେଇ ଲୁଚେଇ ଙ୍କେରଣୀଙ୍କ ପରି ହୋଇ ଅଳ୍ପ ଅଳ୍ପ କରି ପାଞ୍ଚ କି ଛଅ ଥରରେ ପଢ଼ିଛି । ତମ ଚନ୍ଦ୍ରାନନୀ ଭାଇ ତାଙ୍କ ବୟସରେ ସୁନାରୂପାର ଗହଣା, ଅବା ବାନରସୀ ଶାଢ଼ୀ ମୋତେ ଉପହାର ନ ଦେଇ ଯଦି ଏମିତି ପତ୍ର ଖଣ୍ଡେ ଲେଖି ଉପହାର ଦେଇ ଯାଇଥାନ୍ତେ, ମୁଁ ଧନ୍ୟ ହୋଇଥାନ୍ତି ।

ତମର ଗୋଡ଼ତଳେ ପଡ଼ୁଛି, ମୋତେ ଆଉ ଲଜ୍ଜା ଦିଅନା ଭାଉଜ ! କଅଣ ମନେହେଲା ଏଣୁତେଣୁ ଲେଖି ଦେଇଥିଲି···

ସେମିତିକା ଏଣୁତେଣୁଆ ଆଉଖଣ୍ଡେ ଶତଟି ଚେଷ୍ଟା କଲେ ବି ଜୀବନରେ ଆଉ କେବେ ଲେଖି ପାରିବ ନାହିଁ ରତିକାନ୍ତ ! ତମେ ନିଜେ ବି ତାକୁ ଆଉଥରେ ପଢ଼ିବ ନାହିଁ, ତମକୁ ମୋ ରାଣ, ଯାହାକୁ ଲେଖିଛ ସେହି ସୁଧାରାଣୀକୁ ଏଇ ଅମୂଲ୍ୟ ଦରବଟି ଦେଇ ଦେବ ।

ଅଶ୍ରୁମୁଖୀ ମାନିନୀଙ୍କର ଓଠରେ ହସ ଚହଟିଲା । ଲହରୀ ପରି ବେହାଖଞ୍ଜଆଉ ଶଙ୍ଖ ଓ ହୁଳହୁଳିର ଶବଦ ଭୁହାଇ ଭୁହାଇ ଆସିଲା । ମାନିନୀ ଚଞ୍ଚଳ ହୋଇ ଉଠିଲେ । କହିଲେ, ଯାଉଛି ଭାଇ ! ତମ ପାଖରେ ଡେରି ହୋଇଗଲା । ବେହା ପାଖରେ ମୁଁ ନଥିଲେ ସେମାନେ କଅଣ ଭାବିବେ ?

ରତିକାନ୍ତ କହିଲେ, ମୁଁ ବାଧା ଦେବ ନାହିଁ ରାଜନ ! ତମେ ଗୁଲିପିବା ଆଗରୁ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଅନୁରୋଧ କରିବ ।

ମାନସୀ ଘର ଭିତରୁ ତରତର ହୋଇ ବାହାରି ଯାଉଥିଲେ । ଦ୍ୱାରବନ୍ଧ ପାଖରୁ ମୁହଁ ଗଳାଇ କହିଲେ, ଆପଣା ହସ୍ତେ ଜିହ୍ୱା ଛେଦ, କେ ତାର ଅଛି ପ୍ରତିବାଦୀ କହତ ? ତମେ ବୁଝିବାକୁ ଚାହୁଁଛ, ଏ ଖବର ଜାଣିବା ପରେ କଳିକାର ବାପା ଓ ମା ଯେପରି କନ୍ଦାକଟା କଲେ, ଛଟପଟ ହେଲେ, କଳିକା ନିଜେ ମୁହଁ ଖୋଲି କହିଲେ—ମୋ କପାଳରେ ଯାହା ଲେଖାଅଛି ତା ଅବଶ୍ୟ ଫଳିବ, ମଙ୍ଗୁଳାବର ଫେରିବ ନାହିଁ, ଆଉ କାହାକୁ ମୁଁ ବାହାହେବ ନାହିଁ ।

ରତିକାନ୍ତ ଅବାକ ହୋଇ ରହିଁ ରହିଲେ । କିନ୍ତୁ ମାନସୀ ମୁହୂର୍ତ୍ତେ ଅପେକ୍ଷା ନ କରି ବେଦୀଅଗଣାକୁ ଗୁଲିଗଲେ । ଯେଉଁ ନାଟକ ବେଦୀକା ଉପରେ ଅଭିନୀତ ହେଉଛି କିଏ ତାର ଅଜଣା ପ୍ରଯୋଜକ ଓ କିଏ ତାର ଛପିଲା ନିର୍ଦ୍ଦେଶକ ଏହା ବିଷୟର କଳ୍ପନା ରତିକାନ୍ତ ଧୀରେ ଧୀରେ ପ୍ରକୋଷ୍ଠରୁ ବାହାରି ପଦାକୁ ଆସିଲେ ।

ସମୟ ଆଠଟା ଡେରିଲାଣି । ସୂର୍ଯ୍ୟକିରଣ ପ୍ରାଖର ହୋଇ ଆସିଲାଣି । ଜମିଦାରଙ୍କର ଉଆସ ଆଗଦାଣ୍ଡରେ ଲୋକବାକଙ୍କର ଚହଳ ନାହିଁ । ବାଜାଦାରମାନେ ଉଚ୍ଚ ପିଣ୍ଡା ଉପରେ ବସି ସେମାନଙ୍କର ବାଦ୍ୟଯନ୍ତ୍ରଗୁଡ଼ିକୁ ସଜାଡୁଛନ୍ତି, ପରଖୁଛନ୍ତି ।

ଭିତରୁ ନିର୍ଦ୍ଦେଶ ଆସିଲେ ସବୁ ଏକସଙ୍ଗେ ବଜାଇବେ । ଭିଆସ ଭିତରୁ ଶଙ୍ଖ ଓ ହୁଳହୁଳିର ଶବଦ ଭାସି ଆସୁଛି । ସତ୍ୟପ୍ରିୟ ଓ କଳିକାଦେବୀଙ୍କର ହାତଗଣ୍ଠି ପଡ଼ୁଛି ।

ଅଧିଆ ମୁହୂର୍ତ୍ତରେ ରତିକାନ୍ତ ସାଇକଲ ଉପରକୁ ଉଠିଲେ । ଏକମୁହାଁ ହୋଇ ରତ୍ନପୁର ଗାଁ ଦାଣ୍ଡରେ ସାଇକଲ ଚଳାଇ ଯାଉଣୁ ନିଜକୁ ନିଜେ ପଚାରିଲେ—ସେ ଦୁହିଁଙ୍କ ମଧ୍ୟରୁ ଅଧିକ ପାଗଳ କିଏ, କଳିକା ନା ସତ୍ୟପ୍ରିୟ । ଶିବମନ୍ଦିର ଆଗରେ ସାଇକଲର ଗତି କୋହଳାଇ ସେ ମୁଣ୍ଡ ନୋଇଁଲେ । ମନେ ମନେ ଗୁହାରି କଲେ—ହେ ସତ୍ୟ, ହେ ଶିବ, ହେ ସୁନ୍ଦର, ହେ ଚିରନ୍ତନ, ନିତ୍ୟନୂତନ ନିପୁଣ! ସେ ଦୁହିଁଙ୍କର ମଙ୍ଗଳ କର । ସେ ଦୁହେଁ ସରଳ ଓ ନିର୍ମଳ, ତାଙ୍କର ଜୀବନ ସୁଖମୟ କର ।

* * *

ବୃଦ୍ଧ ବୟସରେ କେବେ କିପରି ରତିକାନ୍ତଙ୍କର ବହୁବର୍ଷ ତଳର ସେହି ଅଭୁଲା ଦିନର ସ୍ମୃତି ହୋଇଯାଏ ମନମନ୍ଥନ କରି ଘଟଣାଟି ମନେପଡ଼େ । କର୍ମମୟ ଜୀବନରେ ନିଜ ସଂସାରର ଜଞ୍ଜାଳ ଓ ଭବିଷ୍ୟତ ଭାବନାରେ ଉବୁଟୁବୁ ହେଉଥିଲା ବେଳେ ସେହିଦିନର ଦୃଶ୍ୟ ବିଜୁଳି ବେଗରେ ମନରେ କେତେଥର ଝଲସି ଉଠିଥିଲା । ସେ ଦୁହିଁଙ୍କ ସଙ୍ଗେ ଜୀବନରେ ଆଉ କେବେ ଦେଖା ହୋଇ ନଥିଲା ।

ଦେଖା ହୋଇଥିଲା ଝଁସକେତନଙ୍କ ସଙ୍ଗରେ, ବୋଧହୁଏ ଗୋଟିଏ ସପ୍ତାହ ପରେ । ସେ ଅତି ଉତ୍ସୁକ ହୋଇ ଦିନେ

ସନ୍ଧ୍ୟାରେ ଧାଇଁ ଆସିଥିଲେ । ବିନା ଅବତରଣିକାରେ ସେ କହିଲେ, ମୁଁ ନିଶ୍ଚୟ ସେ ଘରବାଲି କମଳାକୁ ଖୁନ୍ କରିବ । ସେ ବଦମାସ ସାହିର ଗୁଣ୍ଡାମାନଙ୍କୁ ଡରି, ଅବା ସେମାନଙ୍କର କୁପରାମର୍ଶରେ ପଡ଼ି ମୋତେ ତା ଘରୁ ବାହାର କରିଦେଇଛନ୍ତି । ଘରଭଡ଼ା ବାକି ଅଛି ବୋଲି ମିଛରେ ପ୍ରଚାର କରି ମୋର ଟ୍ରଙ୍କଖଣ୍ଡି ଓ ବହିଗୁଡ଼ିକ ମାଡ଼ିବସିଛି ।

ରତିକାନ୍ତ ପଚାରିଲେ, କେଉଁଠି ତୁ ରହୁଛୁ ତେବେ ?

ଯେଉଁ ମେସ୍‌ରେ ଫ୍ରେଣ୍ଡ ଥିଲି ସେଇଠି, କିନ୍ତୁ ସେଇଟା ତ ପ୍ରବ୍ଲେମ ନୁହେଁ । କାହିଁକି କମଳା ମତେ ଅପମାନ ଦେବ ? ସରଳ ମନରେ ମୁଁ ତାକୁ ସ୍ନେହ କରୁଥିଲି । ତାର ପିଲା ଦୁଇଟିଙ୍କୁ ଭଲ ପାଉଥିଲି । ତାର ସ୍ୱାମୀ କିପରି ଭଲହେବ ତାର ବ୍ୟବସ୍ଥା କରୁଥିଲି । ବିଶ୍ୱାସ କର, ମୁଁ ତା'ଠାରୁ ଆଉ କିଛି ଆଶା କରି ନଥିଲି । ସେମାନେ ମୋର ବଦ୍‌ନାମ କଲେ ।

ତୁ କି କଣ ପାଗଳ ହେଲୁ ହରକେତନ ? ତୋର ଟ୍ରଙ୍କ ଓ ବହି ସେମାନଙ୍କ ଘରୁ ମୁଁ ଆଣିବାକୁ ଚେଷ୍ଟା କରିବି । ସେମାନେ ଯଦି ମିଛରେ ଭଡ଼ା ଦାବୀ କରୁଛନ୍ତି, ସେତକ ଦେବାକୁ ବ୍ୟବସ୍ଥା ଆମେ କରିବା ।

କାହିଁକି, ମୁଁ କଣ ଚୋର ? ମୋର ପ୍ରେଷ୍ଟିଜ ଫେରିପାଇବି କିପରି ? ଏ ଘଟଣା ପଛରେ ନିଶ୍ଚୟ ବାପାଙ୍କର ହାତ ଅଛି । ସେ କୁଆଡ଼େ ମୋର ଅନୁପସ୍ଥିତିରେ ଆସି କହାକହି କରୁଥିଲେ । ସେହି ତ ଗ୍ରାମରେ ମୋ ନାମରେ ଦୁର୍ନାମ ରଟାଇଛନ୍ତି ।

ରତିକାନ୍ତ ଝଁସକେତନଙ୍କୁ ଆଶ୍ୱସ୍ତ କରି କହିଲେ, ତୁ ଆଜି ମୋ ନିଜ ବସାରେ ରହ । ଧୀରସ୍ଥିର ହୋଇ ବୁଦ୍ଧି ବିଚାରି ଯାହା କରିବାର କଥା କରାହେବ । ବଜାରି ଲଫଙ୍ଗାଙ୍କ ସଙ୍ଗେ ଲଢ଼ିଲେ ନିଜର ମାନସମ୍ମାନ ଯିବ ।

ଝଁସକେତନ କହିଲେ, ମେମ୍‌ରେ ମୁଁ ମେମ୍ବର ହୋଇ ମାନିଛି । ତୋ ପାଖରେ ମୁଁ ରହିବି କାହିଁକି ? ସତ୍ୟପ୍ରିୟ ଏକାଥରେ ପାଗଳ ହୋଇଯାଇଛି, ଏ ଖବର ତୁ ପାଇଛୁ କି ?

ପାଗଳ ହୋଇଯାଇଛି ?

ସେହି ଖବର ତତେ ଦେବାକୁ ମୁଁ ଧାଇଁ ଆସିଲି, ନୋହିଲେ ମୁଁ କମଳା ପାଖକୁ ଯାଇ ତାର ଜବାବ୍ ମାଗିଥାନ୍ତି । ତାର ବିଶ୍ୱାସଘାତକତାର ପ୍ରତିଶୋଧ ମୁଁ ଅବଶ୍ୟ ନେବି, ଯାହା ହେବାର ପଛେ ହେଉ ।

ସୁଧାନିଧି ଲୋକ କେଉଁଠି ଅଛି ?

ଝଁସକେତନ ଟିକିଏ ଶାନ୍ତ ହୋଇ କହିଲେ, ମୋ ପ୍ରବ୍ଲେମ୍ ମୁଁ ସଲ୍‌ଭ କରିବି । ତା ଭିତରକୁ ଅନ୍ୟମାନଙ୍କୁ ଟାଣିବି ନାହିଁ । ମୁଁ ଯଦି ସତ୍ ହୋଇଥିବି, ଭଗବାନ ସହାୟ ହେବେ ।

ସତ୍ୟପ୍ରିୟ କଥା କହୁଥିଲୁ ପରା ?

ଆରେ ଭାଇ, ସୁଧାନିଧି ଯଦି ନ ଥାନ୍ତା, ଚଉଠି ରାତିରେ ସତ୍ୟପ୍ରିୟ ତାର ସ୍ତ୍ରୀ କଳିକାଙ୍କର ତଣ୍ଟିଚିପି ମାରି ଦେଇଥାନ୍ତା । ତୁ ତ ଚାଲିଆସିଲୁ, ବର କନ୍ୟା ବିଦାବିଦା ହେଲାବେଳକୁ ରାତି ଆଠଟା ହୋଇଗଲା । ସନ୍ଧ୍ୟାବେଳକୁ ସେ ପୁଣି ଭଲ ମଣିଷ ପରି କଥାଭାଷା କଲା । ସମସ୍ତେ ଆଶାବାଦୀ ହେଲେ ।

ସେଇଠୁ ?

ମୁଁ ଗୋଟାଏ କଥା ଲକ୍ଷ୍ୟ କରିଛି ରତିକାନ୍ତ ! ସୁଧାନିଧିର ଉପସ୍ଥିତି ସତ୍ୟପ୍ରିୟଙ୍କୁ ମନ୍ତ୍ରଶକ୍ତି ପରି ମୋହମୁଗ୍ଧ ଅବା ଭୟଭୀତ କରୁଥିଲା । ଏହା କଣ ତାର ବ୍ୟକ୍ତିତ୍ୱର ଏଫେକଟ ଅବା ସତେ ସେ କେଉଁ ମନ୍ତ୍ରବଳରେ ତାଙ୍କୁ ବଶ କରିପାରିଥିଲା । କେଉଁ ଜଡ଼ିବୁଟି ବାଟି ତାକୁ ସୁଧାନିଧି କେବେ ପେଇ ଦେଇଥିଲା କି ? ମୋର ମନେହୁଏ ସେ ଗୋଟିଏ ଛଦ୍ମବେଶୀ ବନ୍ଧୁ । ତାର ସୁନ୍ଦର ସ୍ନେହ ପ୍ରବଣ ବ୍ୟବହାରର ଅନ୍ତରାଳରେ ଗୋଟାଏ ସଇତାନର ଅଶୁଭ ଉଦ୍ଦେଶ୍ୟ ଲୁଚିଛପି କାମ କରୁଥିଲା ।

ଏପରି ଅନୁଦାର ଧାରଣା କାହିଁକି ତୋର ମନକୁ ଆସିଲା ଝୁମକେତନ ?

କମଳା ଦେବୀମୂର୍ତ୍ତି ପରି ସୁନ୍ଦରୀ !

ଦରିଦ୍ର ଘରେ ଜନ୍ମହୋଇ, ରୁଗ୍‌ଣ ସ୍ୱାମୀ ସହ ସଂସାର କରି, ଛଓଟି ସନ୍ତାନଙ୍କର ଜନନୀ ହୋଇସାରି ମଧ୍ୟ ପେଟ ପୋଷିବାକୁ କୁଳର ବେଉଷା ଶୁଖୁଆ ବେପାର କରି, କମଳାଦେବୀ ମଧ୍ୟ ବେଶ୍ ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ ନୁହନ୍ତି କି ଝୁମକେତନ ?

ରତିକାନ୍ତ ଭାବିଥିଲେ, ଯେଉଁ ବିଷାକ୍ତ ଅସ୍ତ୍ର ଝୁମକେତନ ସୁଧାନିଧିଙ୍କ ଅନୁପସ୍ଥିତିରେ ତାଙ୍କ ବିରୁଦ୍ଧରେ ନିକ୍ଷେପ କରିବାକୁ ସଜହୋଇଥିଲେ ସେହି ଯାଣ୍ତ୍ରିକ-ଅସ୍ତ୍ରକୁ ଝୁମକେତନଙ୍କ ଆଡ଼କୁ ସେ ମୁହାଁଇ ଦେଲେ ନିଜର ଭୁଲ୍ ସେ ବୁଝି ପାରିବେ, ସତର୍କ ହେବେ, ବାକ୍ୟରେ ଆଭରଣ ନିର୍ମଳ କରି କଥା କହିବେ ।

ଝିସକେତନ ମୁହୂର୍ତ୍ତେ ନୀରବ ରହିଲେ । ମୃଦୁ ହସି କହିଲେ, ତୁ ଡ ସତ କହିଲୁ କମଳା ସୁନ୍ଦରୀ । ମୋ ନାମରେ ଦୁର୍ନାମ ରଟାଇବା ଅନ୍ୟମାନଙ୍କ ପକ୍ଷରେ ଅସ୍ୱାଭାବିକ ନୁହେଁ । କିନ୍ତୁ କମଳା, ଯାହାକୁ ମୁଁ ବଡ଼ ଭଉଣୀ ଚକ୍ଷୁରେ ଦେଖେ ଓ ସମ୍ମାନ ଦେଖାଏ, ସେ ଜାଣେ ମୁଁ କିଏ । ସେ ବିଶ୍ୱାସଘାତିନୀ ହେଲା, ସେତିକି ମୋର ଦୁଃଖ !

ଅନ୍ୟର ଧାରଣା ଯାହା ହେଉ, ସୁଧାନିଧି ଜାଣେ ସେ କିଏ । ସେ ସଇତାନ ନ ହୋଇ ଦେବତା ବି ହୋଇପାରେ । ରଜଠିଅଣ୍ଡରେ ସେ କିପରି କଳିକାଦେବୀଙ୍କର ପ୍ରାଣ ବଞ୍ଚାଇଲା ? ତୁ କାହାଠାରୁ ଶୁଣିଲୁ ? ସତ୍ୟପ୍ରିୟ କଣ କୌଣସି କାରଣରୁ କଳିକାଦେବୀଙ୍କୁ ସନ୍ଦେହ କରେ ?

ସେପରି ଧାରଣା ମୁଁ ମୋ ମନକୁ ଆଣି ପାରିବ ନାହିଁ ରତିକାନ୍ତ ! ସତ୍ୟପ୍ରିୟ ବେଶ୍ ସୁସ୍ଥ ଥିଲା । ରଜଠିଅଣ୍ଡର ବେଦୀ-କର୍ମ ପରେ ସେ ପ୍ରଫୁଲ୍ଲ ଦେଖାଯାଉଥିଲା । ଟିକିଏ ଅନୁତପ୍ତ ହେଲାପରି ଲାଗିଲା । ମତେ କହୁଥିଲା ଯେ କଳିକାଙ୍କ ପରି ସୁନ୍ଦରୀ, କୋମଳମତି, ବିଦୂଷୀଙ୍କର ଉପଯୁକ୍ତ ସେ ନୁହେଁ, କାରଣ ସେ ପାଗଳ ହୋଇଥିଲା । ଆଉ ଅଧିକ କଣ ଯେ କହିଥାନ୍ତା ପରା, ସୁଧାନିଧିଙ୍କୁ ଦେଖି ସେ ଚୁପ୍ ହେଲା ।

କ୍ଳାନ୍ତହୋଇ ଆମ୍ଭେ ରାତି ଅଧରେ ଶୋଇପଡ଼ିଲୁ । ଜାହାନ୍ତା ହୋଇ ନ ଥାଏ, ଭୟଙ୍କର କରୁଣ ଚିତ୍କାର ଓ ସଙ୍ଗେସଙ୍ଗେ କବାଟ ଧଡ଼ ଧଡ଼ର ଶବ୍ଦରେ ଆମର ନିଦ ଭାଙ୍ଗିଗଲା

ରତ୍ନକାନ୍ତ ! ମୁଁ ଅସ୍ତବ୍ୟସ୍ତ ହୋଇ କବାଟ ଖୋଲିଲି । ମାଉସୀ ହାତରେ ନଲ୍‌ଟଣ ଝୁଲାଇ ବାହାରେ ଠିଆ ହୋଇଛନ୍ତି । ଗୋଟାଗୁଏ ଥରୁଛନ୍ତି । ସେ ଭେ ଭେ ହୋଇ କାନ୍ଦ ଛନ୍ତି ।

ପଚାରିଲି, କଅଣ ହୋଇଛି ମାଉସୀ ? ସେ କହିଲେ, ସତ୍ୟ ବୋହୂଟାର ତଣ୍ଟି ଚିପି ମାରିଦେଉଛି କି କଅଣ, ଘର ଭିତରେ ସେ ତ ଗଁ ଗଁ ହେଉଛି । କବାଟରେ ଯେତେ ବାଡ଼େଇଲି କେହି ଜବାବ ଦେଲେ ନାହିଁ । କବାଟ ତ ଭିତରୁ ବନ୍ଦ ହୋଇଛି । ସୁଧାନିଧି ଧଡ଼ପଡ଼ ହୋଇ ଉଠିଲା । ଏକା ଡ଼ିଆଁରେ ସତ୍ୟପ୍ରିୟର କୋଠରୀ ଆଗରେ ଠିଆ ହେଲା । ଆମେ ସବୁ ଧାଇଁଲୁ । ସତେ ଘର ଭିତରୁ ଗଁ ଗଁ ଶବ୍ଦ ଶୁଭୁଛି ।

ଝଷକେତନଙ୍କର ଆଖିରେ ଲୋତକ ଭରିଲା । ସେ ବାକରୁଦ୍ଧ ହେଲେ । ଗଭୀର ଦୁଃଖରେ ତାଙ୍କର ବଳିଷ୍ଠ ଦେହ ଥରିବାକୁ ଲାଗିଲା । ଗୋଲଆ ଶ୍ୟାମଳ ମୁହଁର ଗୋଜଆ ନାକର ପୁଡ଼ା ପଡ଼ିଲା ଉଠିଲା । ରତ୍ନକାନ୍ତ ଅସ୍ଥିର ହୋଇ ପଚାରିଲେ, ସେଇଠୁ କଅଣ ହେଲା ?

ହାତପାପୁଲି ଟେକି ଝଷକେତନ ଅପେକ୍ଷା କରିବାକୁ ଇଙ୍ଗିତ ଦେଲେ । ଯେଉଁ ଭୟାବହ ଘଟଣା ସେ ଆଖିରେ ଦେଖିଛନ୍ତି, ଅନ୍ତରେ ଲଭିଛନ୍ତି, ତାକୁ ପ୍ରକାଶ କରିବାକୁ ସେ ଛାତିରେ ଦମ୍ଭ ଓ ମନରେ ଶକ୍ତି ଠୁଳ କରୁଥିଲେ ପରା ! କିଛିକ୍ଷଣ ପରେ ଛେପଢ଼ୋକି ମହାଦାର୍ଶନିକ ପରି ସେ ସଂଯତ ସ୍ୱରରେ କହିଲେ—

—ଆରେ ରତ୍ନକାନ୍ତ, ସଂସାରରେ ବହୁ ଦୁଃଖ ଅଛି । ସଂସାର ତ୍ୟାଗ ହିଁ ଦୁଃଖର ଅବସାନ କରିବ । ନିଜ ନିଜର ସମସ୍ୟା ଏତେ ଜଟିଳ, ଏତେ ବଡ଼ ଓ ଏତେ ଦୁଃଖଦାୟକ ଯେ ସେସବୁ ସମସ୍ୟା ସମାଧାନ କରିବାକୁ ମଣିଷ ନାକେଦମ୍ ହୁଏ । ସ୍ୱାର୍ଥପର ବୋଲି ଅନ୍ୟମାନେ କହିଲେ କହନ୍ତୁ, ସେଥିପ୍ରତି ଦୃଷ୍ଟି ନ ଦେବା ଭଲ । ପରର ସମସ୍ୟା ଭିତରକୁ ଯିଏ ନାକ ଗଳାଏ, ତାଠାରୁ ବଳି ନିର୍ବୋଧ ଓ ଦୁଃଖୀ ଏ ଜଗତରେ ଆଉ କେହି ନାହିଁ । ହେଇଟି ଦେଖ୍, ମୁଁ କାନମୋଡ଼ି ହେଉଛି ।

ଝୁସକେତନ ନିଜ ହାତରେ ନିଜର କାନମୋଡ଼ି ହେଲେ । ଗୁଡ଼ିଆ ମାରିହେଲେ, ବ୍ରହ୍ମଗୁଡ଼ିଆ । ରତ୍ନକାନ୍ତ ଚମକି ଉଠିଲେ । ଭାବିଲେ, ସେ ଏପରି କାହିଁକି କରୁଛନ୍ତି ? କି ଦୋଷ, କି ଅନ୍ୟାୟ ସେ କରି ପକାଇଛନ୍ତି ଯେ ! ସେ ତ ବିଦ୍ୟାଦାତା ଶିରନମସ୍ୟ ଅବଧାନ ଘର ପିଲା, ନିଜକୁ କ୍ଷମା ନ ଦେଇ ନିଜ ହାତରେ ନିଜକୁ ଦଣ୍ଡିତ କରୁଛନ୍ତି । ସତ୍ୟପ୍ରିୟର ଚଉଠିଭାତ ସଙ୍ଗେ ସେ ଦୋଷର କି ସମ୍ପର୍କ ଅଛି ?

ତାଙ୍କ ପ୍ରଶ୍ନର ଉତ୍ତର ଝୁସକେତନ ଜାଣିଲାପରି ଦେଲେ—ବନ୍ଧୁର ନିମନ୍ତ୍ରଣ ରକ୍ଷା କରିବାକୁ ରତ୍ନପୁର ମୁଁ ଯାଇଥିଲି । ତାଆରି ପରି ଅସମ୍ପୃକ୍ତ ହୋଇ ସିଧାସଳଖ କଟକ ଫେରିଆସି ନିଜର ବେପାର ବୁଝିଥାନ୍ତି । ମନରେ କୌତୁହଳ ଜଗିଲା । ସୁଧାନିଧି ସଙ୍ଗରେ ସତ୍ୟପ୍ରିୟ ଘରକୁ ଗଲି । ପୁଣି ଗୋଟିଏ ହୃଦୟବିଦାରକ ଦୃଶ୍ୟ ଦେଖିଲି । ମୁଁ ଉପଦେଶ ନୁହେଁ ଚୋତେ ବୋଧହୁଏ ଉପରେ ପଡ଼ି ପରାମର୍ଶ ଦେଉଛି ଯେ ମୋ

ବିଷପୂରେ ଓ କମଳା ବିଷପୁରେ ତୁ ମୁଣ୍ଡ ଖେଳାଇବୁ ନାହିଁ । ଖେଳାଇଲେ ଦୁଃଖ ପାଇବୁ, ବିନା କାରଣରେ ଉତ୍ତେଜିତ ହେବୁ । ମୋ ପ୍ରବ୍ଲେମ ମୁଁ ସଲ୍‌ଭ କରିବି ।

ରତିକାନ୍ତଙ୍କର ଧୈର୍ଯ୍ୟଚ୍ୟୁତ ହେଲା । ସେ ପଚାରିଲେ, ସତ୍ୟପ୍ରିୟର କୋଠରୀ କିଏ ଖୋଲିଲା ?

ସୁଧାନିଧି ମୁହୂର୍ତ୍ତେ ବିଳମ୍ବ ନ କରି ସଲଗ୍ନ ବାଥରୁମ୍ରୁ ଗୁଳଗୁଣ୍ଡି ମାରି, ଓଭର ଫ୍ଳାଙ୍କରେ ଶ୍ୱେତ ଭୂଆଁ ଛାଡ଼ିଲେଇ ପରି ଲେଇପଡ଼ାଇ ଗଲା ସତ୍ୟପ୍ରିୟ ଉପରକୁ ଫିକ୍‌କରି ଡେଇଁଲା । କବାଟର କାଠ ଅଟକଲ ଓ ଶିକଳକୁ ଖୋଲିଦେଲା । ସତ୍ୟପ୍ରିୟକୁ ଓଟାରି ଅଲଗା କରନ୍ତେ • ସତ୍ୟପ୍ରିୟ ତାର ହାତକୁ ସୁଳାଏ କାମୁଡ଼ି ଦେଲା । ରକ୍ତ ବୋହିଲା । ସୁଧାନିଧି ନିଜର ହାତ ସମ୍ଭାଳନ୍ତେ ସତ୍ୟପ୍ରିୟ ଚମକି ଯାଇ ପୁଣି କଳିକା ଦେବୀଙ୍କର ବେକକୁ ଦୁଇ ହାତରେ ଗୁଡ଼ାଇ ଧରିଲା । ଆରେ ରତିକାନ୍ତ ! ସୁଧାନିଧି ଯଦି କବାଟ ଖୋଲି ନ ଥାଆନ୍ତା, ପାଗଳ ସତ୍ୟପ୍ରିୟ କଳିକାକୁ ସେହି ରାତି ପାହାନ୍ତାରେ ଅବଶ୍ୟ ମର୍ଡର କରିଥାନ୍ତା !

କିନ୍ତୁ କାହିଁକି, କାହିଁକରେ ଝସକେତନ ?

ଝସକେତନ ବିଦ୍ରୂପର ହସ ହସିଲେ । ପୁଣି ସେ ମହା-ଦାର୍ଶନିକ ପରି କହିଲେ, ସବୁ କାହିଁକିର ଉତ୍ତର ମିଳେନାହିଁ । ନିଜର କାହିଁକି ଗୁଡ଼ାକ ଆଗରେ ବିଶ୍ୱମୂର୍ତ୍ତି ଧରି ଠିଆହୋଇ ବିଦ୍ରୂପ କରନ୍ତି ଓ ତରଛ କରନ୍ତି । ତାଙ୍କର ବିଶାଳତା କଳନା ହୁଏନାହିଁ । ଅନ୍ୟର କାହିଁକିର ବିସ୍ମୃତି ଓ ଗମ୍ଭୀରତା କିଏ କଳନା କରି ପାରିବ ?

କମଳା କାହିଁକି ବିଶ୍ୱାସଘାତକତା ଆଚରିଲା ମୁଁ ନିଜେ ତାର ଅନ୍ତ ପାଉନାହିଁ । ଗୋଲକଧନ୍ଦାରେ ପଡ଼ୁଛି । ଅନ୍ଧାରରେ ଅନ୍ତ୍ରାଳ ହେଉଛି । ଅନ୍ୟକେହି ତାର ଉତ୍ତର ଖୋଜିବାକୁ ଚେଷ୍ଟାକଲେ ଖାଲି ଭ୍ରାଆଁ କୁଳିବା ସାର ହେବ । ଅଧିକନ୍ତୁ ତାର ପିଠିରେ ତାଲି ପଡ଼ିବାର ସମ୍ଭାବନା ରହିବ । ତେଣୁ, ଅନ୍ୟର ଏପେଆର୍ରେ ନିଜକୁ ଜଡ଼ିତ ନ କରିବା ବୁଦ୍ଧିମାନର କାମ ।

ରତିକାନ୍ତ କହିଲେ; ପୁଣି ଝୁସ୍‌କେତନ ତାଙ୍କର ନିଜର ନିର୍ବୋଧ ସମସ୍ୟା ଆଗକୁ ଟାଣିହୋଇ ଯାଉଛନ୍ତି । ତାଙ୍କର ଗତିରୋଧ କରିବାକୁ ସେ ପଚାରିଲେ, ସୁଧାନିଧି କଳିକାଦେବୀଙ୍କୁ ମୁକ୍ତ କଲା ?

ପଲଙ୍କ ଉପରେ କଳିକା ପାଷାଣ ମୂର୍ତ୍ତିପରି ବସି ରହିଥିଲେ । ମୁଣ୍ଡର ଓଢ଼ଣା ଖସି ପଡ଼ିଥିଲା । ଆଖିରେ ଲୁହ ଏ ଧୋଇ ଲୁହ ନ ଥିଲା । ସେ ଉଠି ଚାଲିଯାଉ ନ ଥିଲେ, ଅଭିଯୋଗ କରୁ ନ ଥିଲେ, ବାଧା ଦେଉ ନଥିଲେ । ସତେ, ସେ କଅଣ ସତ୍ୟପ୍ରିୟର ହାତରେ ପ୍ରାଣ ଦେବାକୁ ପଣ କରିଥିଲେ ? ପ୍ରଶ୍ନର ଉତ୍ତର ତାଙ୍କ ବିନା ଆଉ କିଏ ଦେଇ ପାରିବ, ତୁ ନିଜେ କହ ?

ସୁଧାନିଧି କଳିକାଦେବୀଙ୍କୁ ମାରିବାକୁ ଛୁଡ଼ି ଦେଲା ନାହିଁରେ ରତିକାନ୍ତ, ଆମେ ସବୁ ବି ଘର ଭିତରେ ତାଙ୍କୁ ରକ୍ଷା କରିବାକୁ ପଶି ଯାଇଥିଲୁ । ଭାଗ୍ୟ ଭଲ ପାଗଳ ସତ୍ୟପ୍ରିୟର । ସୁଧାନିଧି ତାର ରକ୍ତ ଝରୁଥିବା ହାତରେ ସତ୍ୟପ୍ରିୟକୁ ପ୍ରହାର କରି ଓଟାରି

ଆଣିଲା । ଗୋରୁ ଚରିପିବରେ ଭାଇ, ଗୋରୁ ଚରିପିବ । ଯେପରି ନିର୍ମମ ଭାବରେ ଦ୍ୟାଠ୍ ବେଗ ସୁଧାନିଧି ସତ୍ୟପ୍ରିୟଙ୍କୁ ବାଧା ଗୋଇଠା, ଚାପୁଡ଼ା, ଘୁଷି, କହୁଣିଆ ପ୍ରହାର କଲା !

ସତେ ? ସେ ଷ୍ଟାଉଣ୍ଡ୍ରାଲ । ସତ୍ୟପ୍ରିୟ ତାର ଉତ୍ତର ଦେଲ ନାହିଁ ? ତମେ ସବୁ ମୂକ ହୋଇ ଠିଆହେଲ ।

ତାଙ୍କୁ ନିରସ୍ତ କରିବାକୁ ଯାଇ ସୁଧାନିଧିର ଦୁଇ ଗୋଇଠା ଉପହାର ମୁଁ ପାଇଛି । ମାଉସୀ ବୁଡ଼ୀ ରଡ଼ି ଛାଡ଼ୁଥାନ୍ତି । ସୁଧାନିଧିର ପ୍ରହାର ସତ୍ତ୍ୱେ ସତ୍ୟପ୍ରିୟ ହାତ ଉଠାଇ ନଥାଏ । ଟିଁ ଚୁଁ ବି କରୁ ନଥାଏ । ଆହା କଅଣ ହୋଇଥାଏ ସେ ହତଭାଗ୍ୟର !

କଳକାତେନା ?

ଦେଖିଛି, ଦେଖିଛିରେ ଭାଇ ! ସେହି ଦେବୀ ପ୍ରତିମାର 'ଚଣ୍ଡୀମୂର୍ତ୍ତି' ବଞ୍ଚିଥିବାଯାଏ ମୁଁ ଭୁଲି ପାରିବି ନାହିଁ । ଏବେ ବି ମୋର ମନେ ପଡ଼ୁଛି । ହେଇ ଦେଖ୍, କିପରି ମୋର ଲୋମ ଟାଙ୍କୋରି ଉଠୁଛି ।

ଝଁସକେତନ ଭୁମା ହେଲେ । ତାଙ୍କର ଆଖିରୁ ଲୋତକ ଝରିଲା । ସେ ଲୋତକ ପୋଛିଲେ ନାହିଁ, ଚିବୁକ ଉପରେ ଗଡ଼ିବାକୁ ଛାଡ଼ିଦେଲେ ।

କଅଣ ହେଲା ଝଁସକେତନ ?

ବାଷ୍ପରୁଦ୍ଧ କଣ୍ଠରେ ସେ କହିଲେ, ଏଇଠୁ ସେହି ଦୁର୍ଗା ମୂର୍ତ୍ତିଙ୍କୁ ଧ୍ୟାନକରି ମୁଁ ପ୍ରଣାମ କରୁଛି । ଯୋଗାଭ୍ୟାସ କରି

ମୂର୍ତ୍ତିକୁ ମାନସ ଚକ୍ଷୁର ସନ୍ନିକଟରେ ଦେଖିବାକୁ ଚେଷ୍ଟାକରି ମୁଁ ବିଫଳ ହୋଇଛି, ଚର୍ମ ଚକ୍ଷୁରେ ମୁଁ ତାଙ୍କୁ ଦୁଇ ଆଖିରେ ଜଳ ଜଳ କରି ଦେଖି ପାରିଲି ।

ତୁ ଟିକିଏ ଭାବପ୍ରବଣ ହେଉଛୁ ଝସକେତନ ! କଅଣ କଲେ ସେ କଳିକାଦେବୀ, ବିନା ଅବତରଣିକାରେ କହ !

ଝସକେତନ ଲୁହ ପୋଛିଲେ । କହିଲେ ସତେ ମୁଁ ଭାବ-ପ୍ରବଣ ହୋଇ ପଡ଼ିଲି । କାହିଁକି, ମୁଁ ତାର କଇଫତ୍ ଦେଇ ପାରିବି ନାହିଁ । ଦେଖିଲିରେ ଭାଇ, କଳିକାଦେବୀଙ୍କର ପାଷାଣ ମୂର୍ତ୍ତିର ଆଖିରୁ ଲୁହ ଝରିଲା । ସେ ଥରି ଉଠିଲେ । ସେ ଚିତ୍କାର କରି କାନ୍ଦି ଉଠିଲେ । କେଶବାସ ଫିଟି ପଡ଼ୁଥାଏ । ସେ ହୁଙ୍କାର ଦେଇ ପଲଙ୍କ ଉପରୁ ତଳକୁ ଡେଇଁଲେ । ସୁଧାନିଧି ଓ ସତ୍ୟପ୍ରିୟଙ୍କର ମଝିକୁ ଆସି ସତ୍ୟପ୍ରିୟକୁ ଆବୋରି ଧରିଲେ । ମୁହଁ ବୁଲାଇଲେ ।

ଦେଖିଲି ସତେ କି ଲୁହଭରା ବଡ଼ ବଡ଼ ଆଖିରେ ତାଙ୍କର ବାଡ଼ବାଗ୍ନି ପ୍ରଜ୍ୱଳିତ ହେଲା । ମେଘମନ୍ଦ୍ର ସ୍ୱରରେ ସେ ଗର୍ଜି ଉଠିଲେ, ଚାଲିଯାଅ ଏଠୁ, ସମସ୍ତେ ଚାଲିଯାଅ, ମୋ କଥା ମୁଁ ବୁଝିବି ।

ତାଙ୍କର ତେଜୋଦୀପ୍ତ ଆଖିର ତେଜ ଓ ଦୃଢ଼ କଣ୍ଠର ନିର୍ଦ୍ଦେଶରେ ସମସ୍ତେ ପଳେଇ ଆସିଲେ ।

ଭାଇରେ, ଦିନ ଦୁଇଟାବେଳେ ମୁଁ ଓ ସୁଧାନିଧି ବିଦାୟ ନେବାକୁ ଅତି ସନ୍ତାପିତ ପଦରେ କଳିକାଙ୍କର ଅନୁମତି ଲୋଡ଼ି

ଧୀରେ ଧୀରେ ସେହି ପ୍ରକୋଷ୍ଠ ଭିତରେ ପଶିଲୁ । ସୁଧାନିଧି ହାତରେ ବ୍ୟାଣ୍ଡେଜ୍ ବାନ୍ଧିଥିଲି । ସତ୍ୟପ୍ରିୟର ମୁଣ୍ଡ ପାଖରେ ପଲଙ୍କ ଉପରେ ବସି ମାଉସୀ ଅଶ୍ରୁତର୍ପଣ କରୁଥିଲେ ଓ ତାର କପାଳ ଉପରେ ଥିବା କ୍ଷତରେ ଲହୁଣୀ ମାଲିସ କରୁଥିଲେ । ମୁଣ୍ଡରେ ଓଢ଼ଣା ଦେଇ କନକାଦେବୀ ତା'ର ମୁକୁଳା ଗୋଡ଼ରେ ତେଲ ଘସୁଥିଲେ ।

ସତ୍ୟପ୍ରିୟର ନାମ ଧରି ସୁଧାନିଧି କଅଁଳେଇ ଡାକିଲା । ସେ ଆଖି ଖୋଲିଲା । ସୁଧାନିଧିର ମୁହଁକୁ ଓ ମୋ ମୁହଁକୁ ସେ ବଲବଲ କରି ଚାହିଁଲା । ଆମେ ବିଦାୟ ମାଗିଲୁ । ଦୁଇହାତ ଯୋଡ଼ି ନମସ୍କାର କଲୁ । ମାଉସୀ କହିଲେ, ସତ୍ୟ ମୋର ଭଲ ହୋଇଗଲାଣି । ମୋ ମାଆ-ଲକ୍ଷ୍ମୀର ଆଖିର ଲୁହ ଓ ସେବାରେ ସେ ଶୀଘ୍ର ସୁସ୍ଥ ହୋଇ ଉଠିବ । ସତ୍ୟପ୍ରିୟ ହସିଥିଲେ ରେ ରତିକାନ୍ତ ! ସେ ହସ ତାର ସ୍ୱାଭାବିକ, ଆମର ଅତି ପରିଚିତ ହସ, ଆଉ ଥରେ ହାତ ଯୋଡ଼ି ବିଦାୟ ମାଗିଲୁ । ନବେ କନକାଦେବୀ, ଦୁଇହାତ ଯୋଡ଼ି ଅବଗୁଣ୍ଠନର ବାହାରେ କପାଳରେ ଲଗାଇ ଆମକୁ ବିଦାୟ ଦେଲେ ।

ଝିସକେତନ ଦୀର୍ଘଶ୍ୱାସ ଛାଡ଼ିଲେ । ମୁଗ୍ଧ ଚକିତ ଓ ବିଷାଦଗ୍ରସ୍ତ ରତିକାନ୍ତ ତାର ଉତ୍ତର ଦୀର୍ଘଶ୍ୱାସରେ ହିଁ ଦେଲେ ।

* * *

ସମସ୍ତ ଗଢ଼ ଚୂଲିଲା ।

ପରବର୍ତ୍ତୀ ଜୀବନ କାଳରେ ସେମାନଙ୍କ ସମ୍ବନ୍ଧରେ ଯେଉଁ ଖଣ୍ଡି ଖଣ୍ଡିଆ ଖବର ଦୀର୍ଘ ସମୟର ବ୍ୟବଧାନରେ ଆସି

ରତିକାନ୍ତଙ୍କର ପାଖରେ ପହଞ୍ଚୁଥିଲା, ତାର ସତ୍ୟାସତ୍ୟ ପରଖିବାକୁ ତାଙ୍କର ସମୟ ନ ଥିଲା । ଚାକିରି ଜୀବନରେ କ୍ରମିକ ପଦୋନ୍ନତି, ବିଭିନ୍ନ ସ୍ଥାନକୁ ବଦଳି ଓ ପୁତ୍ରକନ୍ୟାମାନଙ୍କୁ ବଢ଼ାଇ ପଢ଼ାଇ ମଣିଷ କରି ସଂସାରୀ କରିବାର ଉଦ୍ୟମରେ ସେ ସମସ୍ତଙ୍କ ପରି ଆତ୍ମକୈନ୍ଦ୍ରିକ ହୋଇ ସମୟ କଟାଇଲେ । ଆତ୍ମୀୟସ୍ୱଜନ ଓ ସେକାଳର ବନ୍ଧୁମାନଙ୍କ ପାଖରୁ ଆପେ ଆପେ ଦୂରେଇ ଗଲେ । ନୂତନ ବନ୍ଧୁ, ନୂତନ ଆତ୍ମୀୟ, ନୂତନ ପରିସ୍ଥିତି ଓ କେତେପ୍ରକାର ଅଭିଜ୍ଞତା ଧୀରେ ଧୀରେ ପୁରାତନ ହେବାକୁ ଲାଗିଲା—ଚିରନ୍ତନ ଝରଣାର ସ୍ରୋତରେ ଭସି ଯାଉଥିବା ତୃଣଖଣ୍ଡ ପରି ।

ଏବଯାଏ ସେ ବୃଦ୍ଧ ନାହାନ୍ତି, ନଷ୍ଟସ୍ୱାସ୍ଥ୍ୟ ହୋଇ ବିସ୍ମୃତ ହୋଇ ନାହାନ୍ତି । ରତିକାନ୍ତ ଭସି ଚାଲିଛନ୍ତି । ଶେଷ ପରିଣତିକୁ ପାସୋରି ନୂତନ କେତେ ଆଶାର ପଛରେ ଗୋଡ଼ାଉଛନ୍ତି । ମନେ ପଡ଼ୁଛି ତଥାପି ଅତୀତର ସ୍ମୃତି...

ଝପଟେକେତନ ସେଦିନ କମଳାକୁ ହିନ୍ନେ ଆଘାତ କରିଥିଲେ । ନିଜେ ତ ଦଉମରା ହୋଇ ବହୁଦିନ ଯାଏ ପୋଲିସ୍ କଷ୍ଟୋଡ଼ିରେ ଥାଇ ସୁସ୍ଥ ହେଲେ, କିନ୍ତୁ କମଳାର ଗୋଟିଏ ହାତ ଏକାଥରେ ଅଚଳ କରିବା ହେତୁ ନିଜର ଦୋଷ ସ୍ୱୀକାର କରି ଛଅଟି ମାସ ସଶ୍ରମ କାରାଦଣ୍ଡ ଭୋଗିଲେ । କାରାମୁକ୍ତ ହୋଇ ସେ ପରିବ୍ରାଜକ ସନ୍ୟାସୀ ହୋଇଥିଲେ ।

ପ୍ରାୟ କୋଡ଼ିଏବର୍ଷ ପରେ କାର୍ଯ୍ୟୋପଲକ୍ଷରେ ସୁଦୂର ମୋଫସଲ ଯାଉଥିଲେ ରତିକାନ୍ତ, ସେଇଠି ଜଣେ ଦୂର ସମ୍ପର୍କୀୟ

ଆତ୍ମୀୟଙ୍କ ଘରେ ନିମନ୍ତ୍ରଣ ରକ୍ଷା ପାଇଁ ଯାଇ ସେଠାରେ ବାବାଜୀ ହୃଷୀକେଶନଙ୍କ ସଙ୍ଗେ ଅଶ୍ୱିନୀଙ୍କ ତାଙ୍କର ଦେଖା ହୋଇଥିଲା। ସେ ଧର୍ମର ଗୂଢ଼ତତ୍ତ୍ୱ ଲୋକଙ୍କୁ ବୁଝାଉଥିଲେ।

ଦରପାଚିଲା ଲମ୍ବ ଲମ୍ବ ଘନ ଦାଢ଼ିରେ ତାଙ୍କର ମୁଖ ଅର୍ଦ୍ଧାବୃତ ହୋଇଥିଲା। ସେ ଫଳାହାରୀ। କାହାରି ପିଣ୍ଡାରେ ଦୁଇଟି ରାତି ସେ ଅବସ୍ଥାନ କରନ୍ତି ନାହିଁ। ଆଗ ସେ ଚାହିଁଲେ। କହିଲେ, ରତିକାନ୍ତବାବୁ। ଭଗବାନ ଆପଣଙ୍କୁ ସୁଖୀ କରନ୍ତୁ! ସଂସାରର ଦାୟିତ୍ୱ ନିଷ୍ପାପ ମନରେ ତୁଲାଇବା ପରମ ଯୋଗ, ମହାପୁଣ୍ୟ। ଭଗବାନ ସନ୍ତୁଷ୍ଟ ହୁଅନ୍ତି। ମୁଁ ବାବାଜୀ ହୃଷୀକେଶନ ସେ ମୁକ୍ତମନା! ମୋର ସାଂସାରିକ ଦାୟିତ୍ୱ ନାହିଁ, ତେଣୁ ମୁଁ ଯୋଗୀ ନୁହେଁ, ମୁଁ ଜଣେ ସ୍ୱାର୍ଥପର ବୈରାଗୀ। ଭଗବାନଙ୍କର ନାମ ଓ ମହାପୁରୁଷମାନଙ୍କର ଶିକ୍ଷାକୁ ପ୍ରଚାର କରି ଅର୍ଥାତ୍ ବିକି ମୁଁ ଜୀବନ ଧାରଣ କରୁଛି। ଦେଖୁ ନା, ମୁଁ ଏବେ କଅଣ କରୁଛି ?

ରାତି ଅଧରେ ବିଦାୟ ନେଲାବେଳେ ରତିକାନ୍ତ ସେହି ନିର୍ଲୋଭ ନିର୍ମାୟା ପୁରୁଷ ବାବାଜୀ ହୃଷୀକେଶନଙ୍କୁ ପ୍ରଣାମ କରିଥିଲେ। ତାଙ୍କର ପାଦଧୂଳି ମୁଣ୍ଡରେ ମାରିଥିଲେ। ବାବାଜୀ ବାଧା ଦେଇ ନ ଥିଲେ, ସେ ସ୍ମିତ ହସିଥିଲେ। ଭଗବାନ ମଙ୍ଗଳ କରନ୍ତୁ ବୋଲି ଆଶୀର୍ବାଦ କରିଥିଲେ। କହିଥିଲେ, ହଉ ବାବା ଯାଅ, ମୋର ରୂପଭେକ ଦେଖି ମୋ ଭିତରର ଆତ୍ମା-ଭଗବାନଙ୍କୁ ଯେଉଁମାନେ ଭକ୍ତି କରନ୍ତି ସେମାନେ ପୁଣ୍ୟ ଅର୍ଜନ୍ତି କିନ୍ତୁ ମୁଁ

ଅଧମ ସମସ୍ତଙ୍କର ପାପର ବୋଝ ମୁଣ୍ଡରେ ବତାଇ ବତାଇ ବୁଲିଛନ୍ତି। ଭଲ; ମହାତ୍ମା ଖ୍ରମଷ୍ଟେଇଙ୍କ କଥାରେ—ମୋ ଆତ୍ମା ଯେତେ ଅନନ୍ତକାଳ ପାଇଁ ନରକରେ ଘାଣ୍ଟି ହେଉ ବାବା, ଏ ସଂସାର ଉଦ୍ଧାର ହେଉ।

ବାବାଜୀ ୪ସକେକେଟେନଙ୍କୁ ଅଦ୍ୟାପି ରତ୍ନକାନ୍ତ ଭୁଲି ପାରି ନାହାନ୍ତି। ସେ କେବେ ଠାରୁ କେଉଁ ଅପନ୍ତବ୍ୱରେ ଦେହତ୍ୟାଗ କଲେ ବୋଲି ରତ୍ନକାନ୍ତ ଖବର ପାଇଥିଲେ ଓ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଯେ ତାଙ୍କର ଆତ୍ମା ସ୍ୱର୍ଗଗାମୀ ହେଉ।

* * *

ଆଉ ସୁଧାନିଧି !

ସେ ତାଙ୍କର ସଂସାରର ଜଞ୍ଜାଳରେ ଅନ୍ୟମାନଙ୍କ ପରି ଉବେଇ ଟୁବେଇ ହୋଇଥିଲେ ମଧ୍ୟ ସମାଜସେବାକୁ ସେ ନିଜ ଜୀବନର ବ୍ରତ କରିଥିଲେ। ସେ ଥିଲେ ସଚ୍ଚୋଟ ସତ୍ୟାଗ୍ରହୀ। ନାମ ପାଇଁ, ମାନ ଅବା ଯଶ ଓ କୀର୍ତ୍ତି ପାଇଁ ସେ କାମ କରି ନ ଥିଲେ। ଯେଉଁଠି ମଣିଷ ଉପରେ ଦୈବୀ ଅଜ୍ଞା ମଣିଷର ଅବ୍ୟୁତ୍ଥାପଣ ପାଇଁ ବାଦେ ପଡ଼େ; ସୁଧାନିଧି ସେଇଠି ଠିଆ ହେଉଥିଲେ। ଶିକ୍ଷାର ପ୍ରସାର ଥିଲା ତାଙ୍କ ଜୀବନର ଅନ୍ୟତମ ମନ୍ତ୍ର।

ଯେଉଁମାନେ ତାଙ୍କର ସଂସର୍ଗରେ ଆସିଥିଲେ, ରତ୍ନକାନ୍ତ ସେମାନଙ୍କଠାରୁ ଶୁଣିଛନ୍ତି, ସୁଧାନିଧି କର୍ମଯୋଗୀ ଥିଲେ। ମୋଟା ଖାଇ, ମୋଟା ପିନ୍ଧି ଅତି ଅନାଡ଼ମ୍ବର ଜୀବନ ଯାପନ କରୁଥିଲେ।

ଆବାଳବୃଦ୍ଧବନିତା ତାଙ୍କୁ ସ୍ନେହ କରୁଥିଲେ । ସବୁବେଳେ ସେ ପ୍ରଫୁଲ୍ଲ ରହୁଥିଲେ ।

ଶୁଣିଛନ୍ତି ରତିକାନ୍ତ, ବିବାହର ଛଅ ସାତବର୍ଷ ପରେ କେଉଁ ରୋଗରେ କେଜାଣି, ଯେଉଁଦିନ ତାଙ୍କର ଅର୍ଦ୍ଧପାଗଳ ବନ୍ଧୁ ସତ୍ୟପ୍ରିୟଙ୍କର ମୃତ୍ୟୁ ହେଲା, ଆଉ ସେ ଖବର ସୁଧାନିଧିଙ୍କ ନିକଟରେ ପହଞ୍ଚିଲା, ନିଜର ବାହାର ଗୋଟିଏ ଦାଗକୁ ଛୁଇଁ ସେ ଭୋ ଭୋ ହୋଇ କାନ୍ଦି ଉଠିଥିଲେ । ଦୁଇଦିନ ସେ ଉପବାସ ରହି ଶିବଙ୍କ ମନ୍ଦିରରେ ପ୍ରାର୍ଥନା କରିଥିଲେ ।

ସତ୍ୟପ୍ରିୟଙ୍କର ଜନନୀ, ବଡ଼ବାପା ଓ ବଡ଼ମା ଆଗରୁ ସ୍ୱର୍ଗାରୋହଣ କରିଥିଲେ । ତାଙ୍କର ଭିନେହେଲା ଭାଇମାନେ ସଂସାର ପାତିଥିଲେ ଓ କଳକାଦେବୀ ଏବଂ ତାଙ୍କର ଏକମାତ୍ର କନ୍ୟା ନିରମାଖୀ, ଡାକନାମ ମୀରକୁ ଭକ୍ତି ଓ ସ୍ନେହ କରୁଥିଲେ, କିନ୍ତୁ ସୁଧାନିଧିଙ୍କର ନାମ ପଡ଼ିଲେ ସେମାନଙ୍କର ନାହିଁ ତେଉଁଥିଲା । ବନ୍ଧୁ ପତ୍ନୀଙ୍କୁ ତାଙ୍କର ଦୁଃଖବେଳରେ ସଂତୋଷିବାକୁ ସୁଧାନିଧି ନଥିଲେ !

ସୁଧାନିଧିଙ୍କର ଆଖିର ଲୁହ ସେହି ଶିବମନ୍ଦିରରେ ଶେଷ ହୋଇଥିଲା, ସତେ କି ତାଙ୍କର କେଉଁ ଅବ୍ୟକ୍ତ ବେଦନାର ପାରାବାର ଉଚ୍ଛଳିତ ହୋଇଥିଲା । ଲୋକେ ଦେଖିଛନ୍ତି, ଶିବମନ୍ଦିର ଭିତରୁ ସେ ହସ ହସ ମୁଖରେ କେଉଁ ନୂତନ ଉଦ୍ଦୀପନା ନେଇ ଫେରିବାକୁ ବାହାରିଥିଲେ । ଆଉ କେବେ ସେ କୌଣସି ମନ୍ଦିର ଭିତରେ ପଶି ନ ଥିଲେ, କୌଣସି ଦେବ ଦେବୀଙ୍କର ବିଗ୍ରହ ଆଗରେ ମୁଣ୍ଡ ନୋଇଁ ନ ଥିଲେ ।

ସେ ବୋଧହୁଏ ଜାତି, ଧର୍ମ, ବର୍ଣ୍ଣ ଓ ଶ୍ରେଣୀର ଭେଦାଭେଦ ଭୁଲି ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିରାଟ ଦୁନିଆଁ ମନ୍ଦିରର ଚଳନ୍ତି ଦେବତା ରୂପେ ଗ୍ରହଣ କରିଥିଲେ । ମଣିଷର ସେବାକରି ପୀଡ଼ିତ ହୋଇ ମୋଫସଲର କେଉଁ ପ୍ରାଇମେରୀ ସ୍କୁଲର ନୁଆଁଣିଆ ଛାତ୍ର ଗଲେ ସେ ଠିକ ପଢ଼ିଥିଲେ, ବେଶ୍ ପାକଳ ବୟସରେ । ପିଲା, ଯୁବକ ଓ ବୃଦ୍ଧ ତାଙ୍କର ପବିତ୍ର ଶବକୁ କାନ୍ଧରେ ବୋହି, ରାମନାମ ରଟି, ହସି ହସିକା ତାଙ୍କର ଗ୍ରାମକୁ ବୋହି ଆଣିଥିଲେ ।

ଖବର କାଗଜରେ ତାଙ୍କ ସମ୍ବନ୍ଧରେ ଯେଉଁ ପାଞ୍ଚ ସାତ ଧାଡ଼ି ବାହାରିଥିଲା, ବୃଦ୍ଧ ହାକିମ ଓ ଜଣେ ଧର୍ମାବତାର ଦେବୀଙ୍କର ମଣ୍ଡିତ ରତିକାନ୍ତଙ୍କର ଦୃଷ୍ଟିରେ ତାହା ପଡ଼ିଥିଲା । ଗୋଟିଏ ବାକ୍ୟ ଏବଯାଏ ତାଙ୍କର ମନେଅଛି—ସେ ନିଷ୍ଠାପର କର୍ମୀ ଓ ସମାଜ ସେବକ ବୋଲି ଲୋକେ କହନ୍ତି, କିନ୍ତୁ ସେ ଜଣେ ନାସ୍ତିକ ଥିଲେ ଏହା ମଧ୍ୟ ଶୁଣାଯାଏ ।

ରତିକାନ୍ତ ଭାବନ୍ତି—ବଞ୍ଚିଥିଲେ ସୁଧାନିଧି ଏବଯାଏ ବି ବଞ୍ଚି ପାରିଥାନ୍ତେ, କାରଣ ସେ ନିଜେତ ଏବଯାଏ ବଞ୍ଚି ରହିଛନ୍ତି । ପୁଣି ସେ ଭାବନ୍ତି—ଦିନ, ମାସ ଓ ବର୍ଷ କେତୋଟିର ଆଗ ପଛରେ ଯାଏ ଆସେ କେତେ ? ଗୋଟିଏ ମୁହୂର୍ତ୍ତ, ଦିନ, ମାସ ବା ଗୋଟିଏ ବର୍ଷ, ଶତ ସହସ୍ର, ଅଯୁତ, ଲକ୍ଷ ଓ ନିୟୁତବର୍ଷ ଯାହାକୁ ସମୟର ବ୍ୟାପୃତିର ମାପକାଠି ମଣି ବିଚାର କଲେ, ସେହି ବ୍ୟାପୃତି ଭିତରେ କୀଟପତଙ୍ଗରୁ ମଣିଷ ଯାଏ ଯେଉଁମାନେ ବଞ୍ଚି ରହିଥିଲେ, ସମସ୍ତେ ସେମାନେ ସମକାଳୀନ ।

ସେ ରତିକାନ୍ତ, ସତ୍ୟପ୍ରିୟ, ଝୁଣକେତନ ଓ ସୁଧାନିଧିଙ୍କର ସମସାମୟିକ । ଗୋଟିଏ କାଳ ଭିତରେ ଜନମ ହୋଇ ସେଣ୍ଟ କାଳ ବା ମହାକାଳର ବ୍ୟାପ୍ତି ଭିତରେ ହଜି ଯାଇଥିଲେ । ରଖି ଯାଇଥିଲେ ନିଜ ନିଜ କର୍ମରୁ ପ୍ରଭାବ ପରକାଳର ଆଗନ୍ତୁକ-ମାନଙ୍କ ପାଇଁ । ସେମାନେ ମନେ ପକାଇଲେ ପକାନ୍ତୁ ଅବା ନ ପକାନ୍ତୁ, ପ୍ରଶଂସା କଲେ କରନ୍ତୁ ଅବା ନିନ୍ଦା କରନ୍ତୁ ସେସବୁ ସେମାନଙ୍କର ପ୍ରୟୋଜନର କଷଟି ଉପରେ ନିର୍ଭର କରେ । ସେଥିରେ ପୂର୍ବତନ ସମକାଳୀନଙ୍କର ଲାଭକ୍ଷତି ନ ଥାଏ ।

ରତିକାନ୍ତ ମୁହୂର୍ତ୍ତିକ ପାଇଁ ମଣିଲେ ଯେ ସେ ନାହାନ୍ତି । ତାଙ୍କର ଆଶା, ଆକାଂକ୍ଷା, ଉଦ୍ୟମ, ସଫଳତା, ବିଫଳତା ଓ ହାହାକାରର ଉତ୍ତେଜନାକୁ ପଛରେ ପକାଇ ସେ ବିସ୍ମୃତିର ବ୍ୟାପ୍ତିରେ ବିଲୀନ ହୋଇ ସାରିଛନ୍ତି ।

* * *

ଆଖିର ପଲକପାତରେ ନିଜ ଭୁଲ ମୁହୂର୍ତ୍ତଟି ପଛକୁ ହଟିଲା । ସେ ଅନୁଭବ କଲେ ଯେ ସେ ବଞ୍ଚିଛନ୍ତି, ଏବଂ ଏ ଦୁନିଆରେ ଜୀବ ଆତଯାତ ହେଉଛନ୍ତି, ଯେପରି ଜୀବନ୍ମୁକ୍ତ ହୋଇ ବଞ୍ଚି ରହିଛନ୍ତି କଳିକାଦେବୀ । ସୁଧାମୟୀଙ୍କୁ ଭୁଲି କଳିକାଙ୍କର ସ୍ପଷ୍ଟତର ରୂପ ମାନସଚକ୍ଷୁ ଆଗରେ ଠିଆ କରାଇବାକୁ ସେ ଚେଷ୍ଟା କରନ୍ତି; କିନ୍ତୁ ସେ ବିଫଳ ହୁଅନ୍ତି । ଅସ୍ପଷ୍ଟ ମୂର୍ତ୍ତିଟିଏ ଆଗକୁ ଆସୁଣୁ ଶୂନ୍ୟତାରେ ମିଶି ଏକାକାର ହୁଏ ।

ସେ ଶୁଣିଛନ୍ତି ଓ ତାଙ୍କର ସ୍ନେହମୟୀ ପାଗଳୀ କେଶରେ ସିନ୍ଦୂରନାଇ ଅଳକା ଭାଉଜଙ୍କ ଭୁଣ୍ଡରୁ ଖବର ପାଇଛନ୍ତି—ବଉଣ୍ଟି ବର୍ଷ ସତ୍ୟପ୍ରିୟ ଏକପ୍ରକାର ସୁସ୍ଥ ଥିଲେ । ତାଙ୍କର ମା ଓ କଳିକା ତାଙ୍କର ଘଣ୍ଟାମତ ସେବା ଓ ଚିକିତ୍ସା କରୁଥିଲେ । କୌଣସି ଅଭାବ ସେ ତାଙ୍କର ରଖାଇ ଦେଉ ନ ଥିଲେ । ହସି ହସି ବିନା ଦ୍ୱିଧାରେ କଳିକା ସତ୍ୟପ୍ରିୟଙ୍କର ଔଷଧ ଓ ପଥ୍ୟ ପାଇଁ ନିଜ ଅଙ୍ଗରୁ କାଢ଼ି ଗୋଟି ଗୋଟି କରି ଅଳଙ୍କାର ବିକି କରିଥିଲେ ।

ସତ୍ୟପ୍ରିୟ ସାଧାରଣତଃ ଗମ୍ଭୀର ରହୁଥିଲେ । ନିଜର ଆବଶ୍ୟକ ପାଇଁ ଯେବେ ସେ ମୁହଁ ଖୋଲୁଥିଲେ ସେ କଥା କହୁଥିଲେ କେବଳ ଜନନୀ ଓ ପତ୍ନୀଙ୍କୁ । ଦୁଇବର୍ଷ ପରେ ତାଙ୍କର କନ୍ୟା ନିରମାଣୀର ଜନ୍ମ । ମାଆଙ୍କ ପରି ସେ ମଧ୍ୟ ଅତ୍ୟନ୍ତ ଆହ୍ଲାଦିତ ହେଉଥିଲେ । ତାଙ୍କ ଜନନୀଙ୍କର ମରଣ ତାଙ୍କର ସ୍ୱଳ୍ପ ମୁକୁଳିତ ଚେତନାକୁ ରାହୁଗ୍ରସ୍ତ କଲା । ସେ ଏକାଥରେ ନିର୍ବାକ ହେଲେ ।

କେତେବେଳେ ତାଙ୍କର କଅଣ ପ୍ରୟୋଜନ ସେ ବିଷୟରେ ଅଶ୍ରୁମୁଖୀ, ଧୈର୍ଯ୍ୟର ଅବତାର ଓ ସହି ସହି ପଥର ପାଲଟିଥିବା କଳିକାଙ୍କୁ ଚିନ୍ତା କରିବାକୁ ପଡ଼ିଲା । ଦେହର ସମସ୍ତ ଅଳଙ୍କାର ସ୍ୱାମୀଙ୍କର ଚିକିତ୍ସାରେ ହିଁ ଶେଷ ହେଲା ।

ଆହୁରି ତିନିବର୍ଷ କଟିଗଲା । ମୂକ ସତ୍ୟପ୍ରିୟ ଉନ୍ମତ୍ତ ହେଲେ । ଯାହାକୁ ଆଗରେ ଦେଖିଲେ ସେ ମାରିବାକୁ ଅବା

କାମୁଡ଼ିବାକୁ ଧାଇଁଲେ । କନକା ଉଠିଆସି ନିଷ୍ଠାର ସହିତ ସେବା କଲେ । ସତ୍ୟପ୍ରିୟଙ୍କର ବିଧା ଗୋଇଠା, ଆମ୍ପୁଡ଼ା କାମୁଡ଼ା ସହିଲେ । ଛଅଜ ଥର ସେ ଉନ୍ମାଦନା ଆସେ, ପୁଣି ପଳାଇଯାଏ । ଯେତେବେଳେ ସେ ଭଲ ରହନ୍ତି, ସେଇଠୁ ହୁଅନ୍ତି ଉନ୍ମାଦ, ଅନ୍ନ-ଜଳ ଛୁଅନ୍ତି ନାହିଁ ।

ଗୋଟିଏ ବର୍ଷ ସେ ସମ୍ପୂର୍ଣ୍ଣ ଉନ୍ମାଦ ରହିଥିଲେ । ଦେହର ବସନ ନିକ୍ଷେପ କରୁଥିଲେ । ତାଙ୍କର ଭାଇମାନେ ବାଧ୍ୟ ହୋଇ ତାଙ୍କର ହାତଗୋଡ଼ ବାନ୍ଧି ଗୋଟିଏ ସ୍ୱତନ୍ତ୍ର କୋଠରୀରେ ତାଙ୍କୁ ବନ୍ଦକରି ରଖୁଥିଲେ । ସେବା କରିବାକୁ ଓ ଯତ୍ନ ନେବାକୁ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରୁଥିଲେ ଏକା କନକାଦେବୀ । ସେ ମଧ୍ୟ ନିଜେ ପ୍ରାୟ ମୂକପରି ରହୁଥିଲେ ।

ନିଜ ମନକୁ କନକାଦେବୀ ନିଜର ଯତ୍ନ ନେବାକୁ ଭୁଲୁଥିଲେ । ନିରମାଣୀକୁ ଆଖିରେ ଦେଖି ମଧ୍ୟ ସେ ଦେଖି ପାରୁ ନ ଥିଲେ । ପିଲାଟି ଉପେକ୍ଷିତ ହେଲା, ଦାଦିଖୁଡ଼ୀଙ୍କର ସ୍ନେହ ଓ ଯତ୍ନରେ ବଢ଼ିବାକୁ ଲାଗିଲା । ବାପା ଓ ମାଆଙ୍କୁ ହଉଛି ଜୀବନ୍ମୃତ ଜୀବ ପରି ସେ ମଣୁଥିଲା ।

ସତ୍ୟପ୍ରିୟ ସେପୁରକୁ ଗଲେ ।

କନକାଦେବୀ ଚିରଦିନ ପାଇଁ ଆଖିରୁ ଲୁହ ପୋଛି ଦେଲେ ।

ନିରମାଣୀକୁ ଦାଦିମାନେ ଭଲ ପାତ୍ରରେ ଅର୍ପଣ କଲେ । ସେ ସୁଖରେ ଅଛି, ପୁତ୍ରକନ୍ୟାଙ୍କର ଜନନୀ ହୋଇ ସାରିଲାଣି ।

ରୂପ, ଗୁଣ, ସର୍ବସହଣୀପଣରେ କୁଆଡ଼େ ସେ ସମସ୍ତଙ୍କୁ ଜିଣି ପାରିଛି ।

ଭବନ୍ତି ରତିକାନ୍ତ, ସତ୍ୟପ୍ରିୟ ଏବେଯାଏ ବଞ୍ଚି ରହିଛନ୍ତି ତାଙ୍କର କନ୍ୟା ମାର ଭିତରେ । ଦେଖି ନାହାନ୍ତି ତାକୁ, ଅବା ତାର ପିଲାଟିମାନଙ୍କୁ, ତଥାପି ରତିକାନ୍ତ ମନ ଭିତରେ ସେମାନଙ୍କୁ ରୂପ ଦିଅନ୍ତି ଓ କଲ୍ୟାଣ କରନ୍ତି ।

ମୂକ-ପାଗଳୀ ବୃଦ୍ଧା କଳକାକୁ ସେ ଦ୍ୱିତୀୟ ଥର ଦେଖି ନାହାନ୍ତି । ବୃଦ୍ଧ ରତିକାନ୍ତ ଶୁଣିଛନ୍ତି—ଏବେଯାଏ କଳକା ସେହିପରି ବସନ୍ତି; ମୁଣ୍ଡଉପରକୁ ଓଢ଼ଣୀ ଟାଣନ୍ତି । ମଥା ନୋଇଁ ଭୂମି ଉପରେ ନିଜ ଅଙ୍ଗୁଠିରେ ରେଖା ଟାଣନ୍ତି । ଚମକି ଉଠି କେବେ କେବେ ଚାହାନ୍ତି । ମୁହଁ ଫେରାଇ ଖସି ପଡ଼ିଥିବା ଓଢ଼ଣୀକୁ ମଥା ଉପରକୁ ଟେକି ପୁଣି ଭୂମି ଉପରେ ରେଖା ଟାଣିବାରେ ମନ ଦିଅନ୍ତି ।

* * *

ରତିକାନ୍ତଙ୍କର ନିମୀଳିତ ଆଖିକୁ ଦିଶିଯାଏ ମାଳତୀ ଦେବୀଙ୍କର ପ୍ରକୋଷ୍ଠ । ପଲଙ୍କ ଉପରୁ ଓହ୍ଲାଇ ତରୁଣ ରତିକାନ୍ତଟିଏ ଏପାଖ-ସେପାଖ ହେଉଛି । ବାଆଁରେ ଥୋଇ କେବେଳେ ଚାହିଁଛି, ହେମନ୍ତ ଶୁଭ୍ର ଓ ଅପୂର୍ବ ସଞ୍ଜରେ, ଜ୍ୟୋତ୍ସ୍ନାଲୋକକୁ ପରିହାସ କରି ଜଳୁଥିବା ଉଜ୍ଜ୍ୱଳ ପେଟ୍ରୋମାକ୍ସ ଆଲୁଅରେ ଉଜ୍ଜ୍ୱଳ ଶ୍ରେଷ୍ଠ ଅଗଣାର ଆରପାଖରେ ମୁକୁଳାଦ୍ୱାର ପ୍ରକୋଷ୍ଠକୁ । ସେଇଠି, ନବବଧୂ ବେଶରେ ସଜ୍ଜିତା କଳକାଟିଏ ରୂପର ଝଲକରେ ଝଟକି ଉଠୁଛି । ସେ କେବେଳେ ଚାହୁଁଛି ଅଗଣାର

ଆରପାଖକୁ, ପୁଣି ଦୃଷ୍ଟି ଫେରାଉଛି । ଖସିପଡ଼ିଥିବା ଅବଗୁଣ୍ଠନକୁ ମଥାଉପରକୁ ଟେକ ସେ ଦୃଷ୍ଟି ନୁଆଁଉଛି ଭୂମି ଉପରକୁ । ଚମ୍ପାକଳି ପରି ଅଙ୍ଗୁଳିଗୁଡ଼ିକରେ ଭୂମିଉପରେ ସେଥିବ କଳକା ଦେଖାଟି ରେଖା ଟାଣୁଛି ।

ରତ୍ନକାନ୍ତଙ୍କର ନମିଷକ ପାଇଁ ତାଙ୍କ ବଧିର କାନରେ ବାଜିଯାଉଛି ଚପଳମତ୍ତ କେତୋଟି କଠୋଗାମୀ କନ୍ୟାଙ୍କର ଉଚ୍ଛଳିତ ହସର କଲ୍ଲୋଳ ଧ୍ୱନି ।

ନିମୀଳିତ ଆଖିର ପାଖୁଡ଼ା ଖୋଲି, ଢ଼ିଓ୍ଟି ଶିଶିର ବିନ୍ଦୁ କୁଢୁଡ଼ିଥିବା ଡୋଳାର କୋଣରୁ ଝଡ଼ାଇ, ବୃଦ୍ଧ ରତ୍ନକାନ୍ତ ନିଜର ପାଦକୁ ଅନାଇଲେ, ଯେଉଁ ପାଦ ଢ଼ିଓ୍ଟିରେ ଅଦୂର ଭବିଷ୍ୟତରେ କ୍ଷମାମୟୀ ସ୍ନେହମୟୀ ଜନନୀ ବଧୂକୁବଧୂ ଆଦର କରି ଅଳକ୍ତ ଶିଖା ଲେପନ କରିବେ ।

—

ରଜାବଗିଚ୍ଚ
କଟକ-୧

କାହ୍ନୁ ଚରଣ
ତା ୪ । ୧୦ । ୭୯